

ରଘୁ ପ୍ରସାଦ ବର୍ଷର ଶ୍ରେଷ୍ଠ ଅମ୍ପାୟର

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-143 ◆WEDNESDAY ◆19 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୪୩ ◆ବୁଧବାର ◆୧୯ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଜୁଆରେ ହାରିଲେ ପତି; ପତ୍ନୀଙ୍କୁ ଗଣଦୁଷ୍କର୍ମ

■ ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଉତ୍ତରପ୍ରଦେଶର ବାଗପତ ଜିଲ୍ଲାରୁ ମାନବିକତାକୁ ଲଜ୍ଜିତ କଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଜଣେ ପତି ଜୁଆରେ ହାରିବା ପରେ ନିଜ ନବବିବାହିତା ପତ୍ନୀଙ୍କୁ ଅନ୍ୟ ୮ ଜଣ ଲୋକଙ୍କୁ ସମର୍ପି ଦେଇଥିଲା । ଏହାପରେ ସେମାନେ ଜଣଙ୍କ ପରେ ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିଲେ । ପୁଲିସ ଏହି ଜଘନ୍ୟ ମାମଲାର ଯାଞ୍ଚ କରୁଛି । ପୀଡିତା ନିବାଡା ଗାଁରେ ରୁହନ୍ତି । ଗତବର୍ଷ ଅକ୍ଟୋବର ୨୪ରେ ମିରଟର ଖିୱାଇ ଗାଁର ଦାନିଶ ସହିତ ଏହି ମହିଳାଙ୍କର ବିବାହ ହୋଇଥିଲା । କିନ୍ତୁ ବିବାହର କିଛିଦିନ ପରେ ପତି ମଦ୍ୟପ ଓ ଜୁଆଡି ବୋଲି ମହିଳା ଜାଣିବାକୁ ପାଇଥିଲେ । ଯୌତୁକ କମ୍ ମିଳିବା କାରଣରୁ ପତି ଓ ଶାଶୁଘର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ ।



ପତ୍ନୀଙ୍କ ଅଭିଯୋଗ ଅନୁଯାୟୀ ଦିନେ ସ୍ୱାମୀ ଜୁଆ ଖେଳି ଖେଳି ହାରି ଚାଲିଥିଲେ । ଶେଷରେ ସେ ପତ୍ନୀଙ୍କୁ ବାଜି ଲଗାଇ ଦେଇଥିଲେ । ହାରିବା ପରେ ଏହି ମହିଳାଙ୍କୁ ୮ ଜଣ ଦୁଷ୍କର୍ମ କରିଥିଲେ । ଅଭିଯୁକ୍ତଙ୍କ ମଧ୍ୟରେ ଉମେଶ ଗୁପ୍ତା, ମୋନୁ ଏବଂ ଅଂଶୁଲ ସାମିଲ ଅଛନ୍ତି । ଏମାନେ ଗାଜିଆବାଦର ବାସିନ୍ଦା । ପୀଡ଼ିତାଙ୍କ ଦୁଃଖ ଏତିକିରେ ଶେଷ ହୋଇ ଯାଇ ନ ଥିଲା । ନିଜ ଦେଢ଼ଶୂର, ନଣଦେଇ ଓ ଶଶୂର ମଧ ତାଙ୍କୁ ଦୁଷ୍କର୍ମ ▶ପୃଷ୍ଠା-୭

## ଆନ୍ଧ୍ରରେ ହେବ ପ୍ରଥମ 'ଏୟାର ଟ୍ୟାକ୍ସି କ୍ଲଷ୍ଟର'

■ ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଆନ୍ଧ୍ରପ୍ରଦେଶରେ ନିର୍ମାଣ ହେବ ଦେଶର ପ୍ରଥମ ଇଲେକ୍ଟ୍ରିକ୍ 'ଏୟାର ଟ୍ୟାକ୍ସି କ୍ଲଷ୍ଟର' । ଏଥିପାଇଁ ଆନ୍ଧ୍ର ସରକାର ସରଲା ଆଭିଏସନ ସହ ଏକ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ଅନୁଯାୟୀ, ରାଜ୍ୟରେ ଇଭିଟଲ୍ (ଇଲେକ୍ଟ୍ରିକ୍ ଭର୍ଟିକାଲ୍ ଟେକ୍-ଅଫ୍ ଏବଂ ଲ୍ୟାଣ୍ଡିଂ) ଉତ୍ପାଦନ କାରଖାନା ପ୍ରତିଷ୍ଠା କରାଯିବ । ଏହି ପ୍ରକଳ୍ପର ନାମ 'ସ୍କାଏ ଫ୍ୟାକ୍ଟ୍ରି' ରଖାଯାଇଛି । ଅନନ୍ତପୁର ଜିଲ୍ଲାରେ ଏହି କ୍ଲଷ୍ଟର ନିର୍ମାଣ କରାଯିବ, ଯେଉଁଠାରେ ଇଲେକ୍ଟ୍ରିକ୍ ଏୟାର ଟ୍ୟାକ୍ସି ଭଳି ବିମାନ ନିର୍ମାଣ ହେବ । କମ୍ପାନୀ ପ୍ରଥମ ପର୍ଯ୍ୟାୟରେ ଏହି ପ୍ରକଳ୍ପରେ ୩୩୦ କୋଟି ଟଙ୍କା ନିବେଶ ଯୋଜନା ରଖିଛି । ୨୦୨୯ ସୁଦ୍ଧା ବାଣିଜ୍ୟିକ ବିମାନ ଉଡ଼ାଣ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି । ୧୫୦ ଏକର ଜମିରେ ପ୍ରତିଷ୍ଠା ହେବାକୁ ଥିବା ଏହି ପଦକ୍ଷେପ ଦେଶର ଗ୍ରୀନ ମୋବିଲିଟିକୁ ଆଗକୁ ବଢ଼ାଇବା ସହ ଏ କ୍ଷେତ୍ରରେ ଏହା ଏକ ଗେମ୍ ଚେଞ୍ଜର ହୋଇପାରେ । ଏଥିରେ ପ୍ରଡକ୍ସନ ଲାଇନ, ଗବେଷଣା ଏବଂ ବିକାଶ କେନ୍ଦ୍ର, କମ୍ପୋଜିଟ୍ ଲ୍ୟାବ୍ ଏବଂ ୨ କିମିର ରନୱେ ରହିବ, ଯେଉଁଠାରେ ଡିଜିସିଏ ପ୍ରମାଣପତ୍ର ସହ ପରୀକ୍ଷଣ କରାଯିବ । ଦ୍ୱିତୀୟ ପର୍ଯ୍ୟାୟରେ ଏଥିରେ ୧,୩୦୦ କୋଟି ଟଙ୍କା ନିବେଶ ହେବ । ଏହି ୟୁନିଟ୍‌ରେ 'ସରଲା'ର ଫ୍ଲାଗସିପ୍ ଶୂନ୍ୟ ହାଇବ୍ରିଡ୍ 'ଭିଟଲ୍' ବିମାନ ସହ ଇଲେକ୍ଟ୍ରିକାଲ ହାର୍ନେସ୍ ସିଷ୍ଟମ୍, ଲ୍ୟାଣ୍ଡିଂ ଗିୟର୍ ଏବଂ ଉନ୍ନତ ▶ପୃଷ୍ଠା-୭

**୨୦୨୭ ସୁଦ୍ଧା 'ଡ୍ରୋନ୍ ଟ୍ୟାକ୍ସି' ଉତ୍ପାଦନ ଲକ୍ଷ୍ୟ**

# ଏସ୍‌ସିବିରେ ଲଜ୍ଜା

## ଆଇସିୟୁରେ ଯୁବତୀଙ୍କୁ ଅସଦାଚରଣ



■ କଟକ, ୧୮ ।୧୧ (ସମିସ): ବିଷ ପିଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣେ ଯୁବତୀଙ୍କୁ ଗତ ରବିବାର ବିଳମ୍ବିତ ରାତିରେ ଏସ୍‌ସିବି ମେଡିସିନ୍ ଆଇସିୟୁରେ ଜଣେ ୱାର୍ଡ ଆଟେଣ୍ଡାଣ୍ଟ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏଭଳି ଲଜ୍ଜାଜନକ ଘଟଣା ଘଟିବା ପରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ମଙ୍ଗଳାବାଗ ପୁଲିସ ଏହାକୁ ଚାପିଦେବା ପାଇଁ ଉଦ୍ୟମ କରିଥିଲେ ହେଁ ଘଟଣା ପଦାକୁ ଆସିଛି । ମେଡିସିନ୍ ଆଇସିୟୁରେ କାର୍ଯ୍ୟରତ ୱାର୍ଡ ଆଟେଣ୍ଡାଣ୍ଟ ମାନସ ରଞ୍ଜନ ପତି ନିଶାସକ୍ତ ଅବସ୍ଥାରେ ଏଭଳି ଅମାନୁଷିକ କାଣ୍ଡ ଭିଆଇଛି । ଆଜି ମଙ୍ଗଳାବାଗ ଥାନା ପୁଲିସ ତାକୁ ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି ।

ପୁଲିସ ସୂଚନାନୁସାରେ, ମାନସ ମେଡିସିନ୍ ବିଭାଗ ଆଇସିୟୁରେ ୱାର୍ଡ ଆଟେଣ୍ଡାଣ୍ଟ ଭାବେ କାମ କରେ । ଗତ ରବିବାର ସେ ମଦ ପିଇ ଡ୍ୟୁଟିକୁ ଆସିଥିଲା ।

### ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ଗିରଫ

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଅଞ୍ଚଳର ୨୩ ବର୍ଷୀୟ ଜଣେ ଯୁବତୀ ବିଷ ପିଇ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ବିଳମ୍ବିତ ରାତିରେ କାର୍ଯ୍ୟରତ ଡାକ୍ତର ଆଇସିୟୁରୁ ଯିବା ପରେ ମାନସ ଆଇସିୟୁ ଭିତରେ ବୁଲାବୁଲି କରୁଥିଲା । ସମ୍ପୃକ୍ତ ଯୁବତୀଜଣଙ୍କ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ସାଲାଇନ୍ ସରିଯାଇଥିବାରୁ ସାଲାଇନ୍ ବୋତାଲ କାଢ଼ି ସେ ତଳେ ରଖିଥିଲା । ପରେ ମାନସ ତାଙ୍କ ପାଖକୁ ଯାଇ କ'ଣ ହେଉଛି ବୋଲି ପଚାରିଥିଲା । ଯୁବତୀଜଣଙ୍କ କୌଣସି ଉତ୍ତର ଦେବା ଅବସ୍ଥାରେ ନଥିଲେ । ଏହାର ସୁଯୋଗ ନେଇ ମାନସ ତାଙ୍କୁ ଅସଦାଚରଣ କରିଥିଲା । ଯେହେତୁ ଆଇସିୟୁରେ ଭିତରେ ସିସି କ୍ୟାମେରା ନାହିଁ, ତେଣୁ ଏଭଳି ଅପରାଧ କରିବାକୁ ଅଭିଯୁକ୍ତ ସାହସ ଜୁଟାଇଥିଲା । ଯୁବତୀଜଣଙ୍କ ପରେ ଏ ସଂପର୍କରେ ପରିବାରଲୋକଙ୍କୁ ଜଣାଇଥିଲେ ।

ପରିବାର ପକ୍ଷରୁ ପ୍ରଥମେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ସୂଚନା ଦିଆଯାଇଥିଲା । ଡାକ୍ତରଙ୍କ ସୁପାରିଶକ୍ରମେ ମଙ୍ଗଳାବାଗ ଥାନାରେ ଯୁବତୀଙ୍କ ସମ୍ପର୍କୀୟ ▶ପୃଷ୍ଠା-୭

### ଆମେରିକାରେ ଖାଦ୍ୟ ମୂଲ୍ୟ ବୃଦ୍ଧି ପରେ ଟ୍ରମ୍ପଙ୍କ ପଛଘୁଞ୍ଚା

# ୨୦୦ରୁ ଅଧିକ ଉତ୍ପାଦରୁ ହଟିଲା ଶୁଳ୍କ

■ ୱାଶିଂଟନ୍, ୧୮ ।୧୧ (ଏଜେନ୍ସି): ଆମେରିକାରେ ସମ୍ପ୍ରତି ଖାଦ୍ୟ ସାମଗ୍ରୀ ମୂଲ୍ୟ ମହଙ୍ଗା ହୋଇଯାଇଛି । ଭାରତ ଉପରେ ଉଚ୍ଚ ଟାରିଫ୍ ଲଗାଇବାର ଏହା ହେଉଛି ଫଳ । ଏହାର ପ୍ରଭାବରେ ଏବେ ଶୁଳ୍କ ପ୍ରସଙ୍ଗରେ ପଛକୁ ହଟିଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ପଦକ୍ଷେପ ସ୍ୱରୂପ ଆମେରିକା ଭାରତରୁ ଆମଦାନୀ ହେଉଥିବା କଫି, ଚା, ମସଲା, ଟ୍ରପିକାଲ ଫ୍ରୁଟ୍ସ ଏବଂ ଫଳ ରସ ଭଳି ଭାରତୀୟ ଉତ୍ପାଦ ଉପରେ ୫୦% ପାରସ୍ପରିକ ଶୁଳ୍କ ଉଠାଇ ଦେଇଛି । ଏହା ଦେଶର ପ୍ରାୟ ୧ ବିଲିୟନ ଡଲାର (ପ୍ରାୟ ୯୦୦୦ କୋଟି) ଟଙ୍କା ମୂଲ୍ୟର କୃଷି ରପ୍ତାନିକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ ।




**ଚା, କଫି, ମସଲା ଉପରୁ ହଟିଲା ୫୦% ଟାରିଫ୍**

ଏହି ଛାଡ଼ ନଭେମ୍ବର ୧୨ରେ ହ୍ୱାଇ ହାଉସ୍ କାର୍ଯ୍ୟନିର୍ବାହୀ ଅର୍ଡରରେ ଜାରି କରାଯାଇଥିଲା ଏବଂ ନଭେମ୍ବର ୧୩ରେ କାର୍ଯ୍ୟକାରୀ ହୋଇଥିଲା । ରୁଷିଆ ତେଲ କ୍ରୟ କରିବା ପାଇଁ ଆମେରିକା ଭାରତ ଉପରେ ୫୦% ଶୁଳ୍କ ଲଗାଇଥିଲା । ୨୦୨୫ ଆର୍ଥିକବର୍ଷରେ ଆମେରିକାକୁ ଭାରତର କୃଷି ରପ୍ତାନି ୨.୫ ବିଲିୟନ ଡଲାର (୨୨,୦୦୦ କୋଟି ଟଙ୍କା) । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡିଜିଏଫ୍‌ଟି) କହିଛି ଯେ ଏହା ଭାରତୀୟ ରପ୍ତାନିକାରୀଙ୍କୁ ସମାନ ସୁଯୋଗ ପ୍ରଦାନ କରିବ । ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ଏବେ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଭାରତର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି ଯେ ଭାରତୀୟ ବଜାରରେ ପ୍ରବେଶ ପାଇଁ ଆମେରିକାର ଦାବି, ୨୫% ପାରସ୍ପରିକ ଶୁଳ୍କ ଏବଂ ଅଶୋଧିତ ତୈଳ ଉପରେ ଅତିରିକ୍ତ ୨୫% ଶୁଳ୍କ ଭଳି ପ୍ରସଙ୍ଗରେ ଏକ ଚୁକ୍ତି ପ୍ରାୟ ହୋଇଛି । ସେ କହିଛନ୍ତି ଯେ ଆମେ ଏହାକୁ ଖୁବ୍ ଶୀଘ୍ର ଚୂଡ଼ାନ୍ତ କରିବୁ । ଚଳିତବର୍ଷ ଫେବୃଆରୀ ମାସରୁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା ଚାଲିଛି । ତେବେ ଟ୍ରମ୍ପ ପ୍ରଶାସନ ସେହି ଉତ୍ପାଦଗୁଡ଼ିକ ଉପରେ ଶୁଳ୍କ ହଟାଇଛି ଯାହାର ଉତ୍ପାଦନ ଆମେରିକାରେ କମ୍ ଅଛି ।

# ଅମାନିଆ ବାବୁଙ୍କ ଉପରେ ମୁଖ୍ୟମନ୍ତ୍ରୀ ଖପ୍ପା

**ହୋଇପାରି ନାହିଁ ବରଗଡ଼ରେ କଂସ ଦରବାର, ଖଣ୍ଡପଡ଼ାରେ ପ୍ଲାନେଟୋରିୟମ**

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ବିଳମ୍ବିତ**

**ଯୋଜନା ଓ କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା ନିମନ୍ତେ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ**

■ ଭୁବନେଶ୍ୱର, ୧୮ ।୧୧ (ସମିସ): ପ୍ରଶାସନିକ ସ୍ଥାଣୁତା ଯୋଗୁଁ ରାଜ୍ୟରେ ବିକାଶ କାମ ଏକପ୍ରକାର ଠପ୍ । କିଛି ଅମାନିଆ ବାବୁ ସରକାରୀ କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରିବାରେ ବିଳମ୍ବ କରୁଛନ୍ତି । ଏପରିକି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ନିର୍ଦ୍ଦେଶ ବି କାର୍ଯ୍ୟକାରୀ ହୋଇ ପାରିନାହିଁ । ଯାହାକୁ ନେଇ ଆଜି ଖୋଲାଖୋଲି କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଜିଲ୍ଲାଗସ୍ତ ବେଳେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଘୋଷଣାକୁ କାର୍ଯ୍ୟକାରୀ କରିବା ହେଉ ଅଥବା ବଜେଟରେ ଘୋଷିତ ନୂଆ



ଯୋଜନା କାର୍ଯ୍ୟକାରୀ କରିବା; ଦାୟିତ୍ୱରେ ଥିବା ବାବୁମାନେ ଅତ୍ୟନ୍ତ ହେୟଜ୍ଞାନ ମନୋଭାବ ନେଇ କାର୍ଯ୍ୟ କରୁଛନ୍ତି । ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ(ଏସପି) ସମ୍ମିଳନୀରେ ଏଥିନେଇ ତୀବ୍ର ଅସନ୍ତୋଷ ସହ କ୍ଷୋଭ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତବର୍ଷ ଧନୁଯାତ୍ରା ସମୟରେ ବରଗଡ଼ ଗସ୍ତ ସମୟରେ ଜୀରା ନଦୀରେ ଏକ ପୋଲ ଓ କଂସ ଦରବାର ନିର୍ମାଣ ପାଇଁ ହଜାର ହଜାର ଲୋକଙ୍କ ସାମ୍ନାରେ ଘୋଷଣା ହୋଇଥିଲା । ମାତ୍ର ତାହା ଆଜିଯାଏ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏଥିପାଇଁ କିଏ ଉତ୍ତରଦାୟୀ ରହିବେ? ବରଗଡ଼ ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗ ଏ ସଂକ୍ରାନ୍ତରେ କ'ଣ ପଦକ୍ଷେପ ନେଇଛନ୍ତି? ଯଦି କିଛି ପଦକ୍ଷେପ ନିଆଯାଇ ନାହିଁ, ତେବେ ଏଥିପାଇଁ କିଏ ▶ପୃଷ୍ଠା-୭

### ମରେଡିମିଲ୍ଲି ଜଙ୍ଗଲରେ ପୁଲିସ-ମାଓବାଦୀ ଗୁଳିବିନିମୟ

# କୁଖ୍ୟାତ ମାଓନେତା ହିଡ଼ିମା ଦମ୍ପତି ମୃତ

■ ମାଲକାନଗିରି, ୧୮ ।୧୧ (ସମିସ): ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି । ଦେଶର ଆତଙ୍କ ସୃଷ୍ଟି କରିଥିବା ସବୁଠାରୁ ଦୁର୍ଦ୍ଦାନ୍ତ ମାଓବାଦୀ ମାଡ଼ଭି ହିଡ଼ମା ନିହତ ହୋଇଛି । ଛତିଶଗଡ଼-ଆନ୍ଧ୍ର ପ୍ରଦେଶ ସୀମାର ମରେଡିମିଲ୍ଲି ଜଙ୍ଗଲରେ ମଙ୍ଗଳବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରରେ ସେ ପ୍ରାଣ ହରାଇଛି । ଖାଲି ହିଡ଼୍‌ମା ନୁହେଁ, ତା'ର ପତ୍ନୀ ରାଜେ ଓରଫ ରଜା ଏବଂ ୪ ଅନ୍ୟ ମାଓବାଦୀ ମଧ୍ୟ ସୁରକ୍ଷାବାହିନୀ ଗୁଳିରେ ନିହତ ହୋଇଛି ।




**ଉଭୟଙ୍କ ମୁଣ୍ଡ ପାଇଁ ଘୋଷଣା ହୋଇଥିଲା ୧ କୋଟିର ପୁରସ୍କାର**

**୪ ରାଜ୍ୟରେ ଆତଙ୍କ ଖେଳାଇଥିଲେ ହିଡ଼ିମା ଓ ସହଯୋଗୀ**

ବସ୍ତର ରେଞ୍ଜର ଆଇଜି ସୁନ୍ଦରରାଜ ପି ଏହି ସୂଚନା ଦେଇଛନ୍ତି । ଆନ୍ଧ୍ର ପ୍ରଦେଶ, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମରେ ଥିବା ଏହି ଅଞ୍ଚଳରୁ ୬ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅଞ୍ଚଳରେ ଏବେ ବି ତଲାସୀ ଅଭିଯାନ ଜାରି ରହିଛି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମାଓବାଦୀ ହିଡ଼ମାକୁ ▶ପୃଷ୍ଠା-୭

### ଡିସେମ୍ବର ୨୪ରୁ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା



# ସୁଶୀଲ ନୂଆ କଂସ

■ ବରଗଡ଼, ୧୮ ।୧୧ (ସମିସ): ଆସନ୍ତା ଡିସେମ୍ବର ୨୪ ତାରିଖରୁ ଆରମ୍ଭ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପାଇଁ କଳାକାରଙ୍କ ନାମ ଆଜି ଘୋଷଣା ହୋଇଛି । ଚଳିତବର୍ଷ କଂସ ମହାରାଜ ଭୂମିକା ପାଇଁ ସୁଶୀଲ ମେହେର ମନୋନୀତ ହୋଇଛନ୍ତି । ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଆଜି ତାଙ୍କ ନାମ ଘୋଷଣା କରିଛନ୍ତି । ସେହିପରି ଗୋଲାପ ଚନ୍ଦ୍ର ଦାଶ ମହାମନ୍ତ୍ରୀ ଭୂମିକା ପାଇଁ ମନୋନୀତ ହୋଇଥିବା ବେଳେ ହେମନ୍ତ ପଧାନ 'ସେନାପତି', ଜଗବନ୍ଧୁ ମହାଲିଙ୍ଗ 'ସାତ୍ୟକୀ', ଜଗନ୍ନାଥ ସାହୁ 'ଅକ୍ରୂର', ମୁଗ୍ଧା ଦାଶ 'ଦେବକୀ', ▶ପୃଷ୍ଠା-୭

# ଅକାଠୁଆ ଶୀତ



■ ଭୁବନେଶ୍ୱର, ୧୮ ।୧୧ (ସମିସ): ସାରା ରାଜ୍ୟରେ ହାଡ଼ଭଙ୍ଗା ଶୀତ ଜାରି ରହିଛି । ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ; ସବୁଠି ଜାଡ଼ରେ କଲବଲ ଲୋକେ । ଗତ ୨ ସପ୍ତାହ ହେବ କ୍ରମାଗତ ଭାବେ ରାଜ୍ୟରେ ତାପମାତ୍ରା ହ୍ରାସ ଯୋଗୁଁ ଏଭଳି ଥଣ୍ଡା ଜାରି ରହିଛି । ଫଳସ୍ୱରୂପ, ବିଭିନ୍ନ ସ୍ଥାନରେ ଶୀତ ନଭେମ୍ବର ମାସର ରେକର୍ଡ ଭାଙ୍ଗି ଚାଲିଛି । ଅନ୍ୟପଟେ କିଛି ଦିନର କାଠୁଆ ଶୀତ ପରେ ଆସନ୍ତା ୭ ଦିନରେ ଶୀତର ପରିମାଣ କିଛି ମାତ୍ରାରେ ହ୍ରାସ ଘଟିପାରେ । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ▶ପୃଷ୍ଠା-୭





Hero MotoCorp Ltd, Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - IL. New Delhi - 110070, India. | CIN: L35911DL1984PLC0173541. For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. ^Finance offers are at the sole discretion of the financier, subject to its respective T&Cs. Hero MotoCorp reserves the rights to modify or withdraw any or all the offers without prior notice. *Limited period offer, T&C apply. $Offer subject to approval of valid documents. *Ex-showroom prices are applicable in Odisha.

**Authorized Dealers:** **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Associate Dealers:** **Deogarh:** Jindal Motors - 9437056659, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Bamra:** Choudhury Motors - 9938274720, **Junagarh:** Shree Bimala Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **Rampur:** Aruna Automobiles - 8114331356.

RS/Hero/11/25






# ନାଇଜେରିଆ ବୋର୍ଡିଂ ସ୍କୁଲରୁ ୨୫ ଛାତ୍ରୀଙ୍କୁ ଅପହରଣ


ଅବୁଜା, ୧୮ ।୧୧(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ନାଇଜେରିଆରେ ଏକ ଅଭାବନୀୟ ଘଟଣା ଘଟିଛି । ଦେଶର କେବ୍ବି ରାଜ୍ୟରେ ସୋମବାର ସକାଳେ କିଛି ଅଜଣା ବନ୍ଧୁକଧାରୀ ଅସାମାଜିକ ଲୋକେ ଏକ ବୋର୍ଡିଂ ସ୍କୁଲ୍ ଉପରେ ଆକ୍ରମଣ କରିଛନ୍ତି । ଏକାଧିକ ଅସ୍ତ୍ର ଧରି ଆକ୍ରମଣକାରୀମାନେ ଆସିଥିଲେ । ସେମାନେ ସ୍କୁଲର ଭାଇସ୍ ପ୍ରିନ୍ସପାଲ୍ ଓ ଜଣେ ଗାର୍ଡଙ୍କୁ ହତ୍ୟା କରି ବାଳିକା ଛାତ୍ରବାସକୁ ଯାଇ ୨୫ଜଣ ଛାତ୍ରୀଙ୍କୁ ଅପହରଣ କରିନେଇଛନ୍ତି । ଏହି ଘଟଣାରେ ଜଣେ ବ୍ୟକ୍ତି ଆହତ ମଧ୍ୟ ହୋଇଛନ୍ତି । ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି । ଟଙ୍କା ପାଇଁ ଏହି ଅପହରଣ କରାଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଅସାମାଜିକ ବ୍ୟକ୍ତିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ଅନୁମାନ କରାଯାଉଛି । ସେନା ଓ ପୁଲିସ ମିଳିତ ଭାବେ ଜଙ୍ଗଲରେ ଅପରେସନ ଆରମ୍ଭ କରିଛନ୍ତି । ଉଲ୍ଲେଖଥାଉ କି, ଉତ୍ତର ନାଇଜେରିଆରେ ଗତ ୧୦ ବର୍ଷ ମଧ୍ୟରେ ସ୍କୁଲଗୁଡିକରୁ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ଅପହରଣ କରାଯାଇଛି । ନାଇଜେରିଆରେ ଏଭଳି ଘଟଣା ଆଦୌ ନୂଆ ନୁହେଁ । ୨୦୧୪ରେ ଚିବୋକ ଅପହରଣ ପରେ ଏହି ଭୟ ସବୁବେଳେ ରହିଆସିଛି । କିନ୍ତୁ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ବୃଦ୍ଧି କରିବା କାରଣରୁ ଅପହରଣ ଘଟଣାରେ ଯଥେଷ୍ଟ ହ୍ରାସ ଦେଖାଯାଇଛି ।

### ଭାଇସ୍ ପ୍ରିନ୍ସପାଲ, ଗାର୍ଡଙ୍କୁ ହତ୍ୟା



# ଦିଲ୍ଲୀର ୩ କୋର୍ଟ, ୨ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ରାଜଧାନୀ ଦିଲ୍ଲୀରେ ମଙ୍ଗଳବାର ପୁଣି ବୋମା ଧମକ ମିଳିଛି । ଦିଲ୍ଲୀର ୩ଟି ଜିଲ୍ଲା କୋର୍ଟ ଓ ଦୁଇଟି ସ୍କୁଲକୁ ବୋମା ବିସ୍ଫୋରଣ କରି ଉଡ଼ାଇ ଦେବାକୁ ମେଲ୍‌ରେ ଏହି ଧମକ ଦିଆଯାଇଛି । ଧମକ ମିଳିବା ପରେ ପୁଲିସ ସାକେତ କୋର୍ଟ, ପଟିଆଲା କୋର୍ଟ ଓ ଦ୍ୱାରକା କୋର୍ଟକୁ ଖାଲି କରିବା ପରେ ଯାଞ୍ଚ ଆରମ୍ଭ କରିଥିଲା । ପାକିସ୍ତାନର କୁଖ୍ୟାତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ ନାମର ଇମେଲ ଆଇଡିରୁ ଏହି ଧମକ ମିଳିଥିଲା । ଫଳରେ ୩ କୋର୍ଟ କ୍ୟାମ୍ପସରେ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଯାଞ୍ଚ କରିଥିଲେ । ସୂଚନା ଅନୁଯାୟୀ, ଏନ୍‌ଆଇଏ ଆଜି ପଟିଆଲ ହାଉସ କୋର୍ଟରେ ଲାଲ୍‌କିଲ୍ଲା ବିସ୍ଫୋରଣ ମାମଲାରେ ଅନ୍ୟତମ ଅଭିଯୁକ୍ତ ଜସିର ବିଲାଲ ବାନୀକୁ ହାଜର କରାଯିବାର କାର୍ଯ୍ୟକ୍ରମ ଥିଲା । ଏହାର ଠିକ୍ ପୂର୍ବରୁ ସକାଳ ୧୧ଟାରେ ଏହି ମେଲ୍ ପଠାଯାଇଥିଲା । ଏହାପୂର୍ବରୁ ସିଆରପିଏଫ୍‌ର ଦୁଇଟି ସ୍କୁଲ୍‌କୁ ମଧ୍ୟ ବୋମା ଧମକ ମିଳିଥିଲା । ଜଣେ ଅଜଣା ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରି ସ୍କୁଲ ପରିସରରେ ବିସ୍ଫୋରକ ରଖାଯାଇଛି ବୋଲି ଦାବି କରିଥିଲା । ସକାଳ ୯ଟାରେ ପ୍ରଶାନ୍ତ ବିହାର ଓ ଦ୍ୱାରକା ସ୍କୁଲ୍‌ରୁ କଲ୍ ମିଳିବା ପରେ ପୁଲିସ ଦୁଇଟି ସ୍କୁଲ୍‌କୁ ଖାଲି କରି ଯାଞ୍ଚ କରିଥିଲା । କିନ୍ତୁ ଯାଞ୍ଚ ପରେ କିଛି ମିଳି ନ ଥିଲା । ଏହାକୁ ଏକ ମିଛ ଧମକ ବୋଲି ପୁଲିସ ତରଫରୁ କୁହାଯାଇଛି ।



# ସାମ୍ନାକୁ ଆସିଲା ଆତ୍ମଘାତୀ ଉମରର ନୂଆ ଭିଡିଓ

## ‘ଆତ୍ମଘାତୀ ଆକ୍ରମଣ ଦ୍ୱାରା ସହିଦ ହେବାର ମିସନ ଥିଲା’

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବି ।ସ୍ଫୋରଣର ଆତ୍ମଘାତୀ ବୋମା ଉମର ନବୀର ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି । ବିସ୍ଫୋରଣ ପୂର୍ବରୁ ସେ ଏହି ଭିଡିଓ ସୁଟ୍ କରିଥିଲା ବୋଲି ଜଣାପଡ଼ିଛି । ଏଥିରେ ସେ ଆତ୍ମଘାତୀ ଆକ୍ରମଣକୁ ନେଇ ନିଜର ମତ ରଖିଛି । ସେ ପୂର୍ବରୁ ହିଁ ଆତ୍ମଘାତୀ ଆକ୍ରମଣ କରିବାକୁ ଯୋଜନା କରିଥିଲା ବୋଲି ଏଥିରୁ ସ୍ପଷ୍ଟ ହୋଇଥିଲା । ଏହା ଏକ ଆତ୍ମଘାତୀ ଆକ୍ରମଣ ନୁହେଁ, ଏହା ସହିଦ ହେବାର ଏକ ମିସନ ବୋଲି ସେ କହିଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ଉମର ହିଁ ଲାଲ୍‌କିଲ୍ଲା ନିକଟରେ ଆଇ-୨୦ କାର୍‌ରେ ବିସ୍ଫୋଣ କରିବା ସହ ନିଜକୁ ଉଡାଇ ଦେଇଥିଲା । ଏଥିରେ ୧୫ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଥିଲେ । ଏହି ମାମଲାରେ ଏପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୬ ଜଣ ଡାକ୍ତର ସାମିଲ ରହିଛନ୍ତି ।

ଏହି ମାମଲାରେ ଏବେ ଆଉ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି । ଦିଲ୍ଲୀ ବିସ୍ଫୋରଣରେ ଉମରର ଅନ୍ୟତମ ସହଯୋଗୀ ଜସିର ବିଲାଲ ଓରଫ୍ ଦାନିଶକୁ ଗତକାଲି ଶ୍ରୀନଗରରୁ ଗିରଫ କରାଯାଇଥିଲା । ସେ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରଥମ ପସନ୍ଦ ଥିଲା । କିନ୍ତୁ ସେ ଏହା କରିବାକୁ ମନା କରିଥିଲା । ଅନନ୍ତନାଗ ଜିଲ୍ଲାର କାଜିଗୁଣ୍ଡରେ ରହୁଥିବା ଜସିରକୁ ଏହି କାର୍ଯ୍ୟପାଇଁ ଉମର ପ୍ରବର୍ତ୍ତାଇଥିଲା । ରାଜନୀତି ବିଜ୍ଞାନର ଛାତ୍ର ଥିବା ଜସିରକୁ ୨୦୨୩ରୁ ଆତ୍ମଘାତୀ ବିସ୍ଫୋରଣ ପାଇଁ ପ୍ରବର୍ତ୍ତାଯାଉଥିଲା । କିନ୍ତୁ ସେ ଆତ୍ମଘାତୀ ଆକ୍ରମଣ କରିବାକୁ ମନା କରିଥିଲ । ଏହା ଇସ୍‌ଲାମ ଧର୍ମରେ ପାପ ବୋଲି ସେ କହିଥିଲା । ୨୦୨୩ ଅକ୍ଟୋବରରେ କୁଲଗାଁଓରେ ଜସିରକୁ ଏକ ମସଜିଦ୍‌ରେ ଏହି ଟେରର ମଡ୍ୟୁଲ ସହ ପରିଚିତ କରାଯାଇଥିଲା । ଏହାପରେ ଫରିଦାବାଦ୍‌ର ଅଲ ଫଲାହ ବିଶ୍ୱବିଦ୍ୟାଳୟ ନିକଟସ୍ଥ ଏକ ଭଡ଼ା ଘରେ ତାକୁ ରଖାଯାଇଥିଲା । କିନ୍ତୁ ୨୦୨୫ ଏପ୍ରିଲ୍‌ରେ ସେ ଏହି ମିସନରୁ ଓହରିଯାଇଥିଲା । ଖରାପ ଆର୍ଥିକ ସ୍ଥିତି ଓ ଇସ୍‌ଲାମରେ ଆତ୍ମହତ୍ୟା ପାପର ଦ୍ୱାହି ଦେଇ ସେ ଓହରିଯାଇଥିଲା । ଏହାପରେ ଉମର ନିଜେ ଆତ୍ମଘାତୀ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇଥିଲା ।

ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ଯାଞ୍ଚ୍ ଏଜେନ୍ସିଗୁଡିକ ଫରିଦାବାଦ୍‌ସ୍ଥିତ ଅଲ ଫଲ୍‌ହା ବିଶ୍ୱବିଦ୍ୟାଳୟରେ ଚଢ଼ାଉ ଜାରି ରଖିଛି । ଆତଙ୍କବାଦ ମଡ୍ୟୁଲ ସହିତ ଜଡିତ ଡାକ୍ତର ନିସାର ଉଲ ହାସନର ଡାକ୍ତର ପତ୍ନୀ ଓ ଏମ୍‌ବିବିଏସ୍ କରୁଥିବା ଝିଅ ବିଶ୍ୱବିଦ୍ୟାଳୟ ପରିସରରେ ଗୃହବନ୍ଦୀ କରିଛି । ଏହାକୁ ବାଦ୍ ଦେଲେ ଏମ୍‌ବିବିଏସ୍‌ର ୧୦ ଜଣ ଛାତ୍ରଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି ଓ ଏମାନଙ୍କୁ ବିଶ୍ୱବିଦ୍ୟାଳୟ ପରିସର ବାହର ଯିବା ନେଇ ବାରଣ କରାଯାଇଛି । ମୋବାଇଲର କଲ୍ ଡିଟେଲ ରେକର୍ଡିଂ ଓ ଅନ୍ୟ ତଥ୍ୟଗୁଡିକର ଯାଞ୍ଚ କରାଯାଉଛି । ଡାକ୍ତ ନିସାର ବିଶ୍ୱବିଦ୍ୟାଳୟ ମେଡିସିନ ବିଭାଗର ପ୍ରଫେସର ଅଛନ୍ତି । ନିସାର ଦିଲ୍ଲୀ ବିସ୍ଫୋରଣ ସହିତ ଜଡିତ ଡା ଉମର, ଡା ମୁଜମ୍ମିଲ ଶକିଲ ଓ ଡା ଶାହିନ ସଇଦର ସମ୍ପର୍କରେ ଥିଲେ । ବିସ୍ଫୋରଣ ପରେ ନାସିର ଫେରାର ହୋଇଯାଇଥିଲେ । ପରେ ପଶ୍ଚିମବଙ୍ଗରେ ତାଙ୍କୁ ଯାଞ୍ଚ୍ ଏଜେନ୍ସି ଗିରଫ କରିଥିଲା । ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ନେଟ୍‌ୱର୍କ ଅଂଶ ଥିଲା ନାସିର ବୋଲି ଜଣାପଡ଼ିଛି ।



- ଆତ୍ମଘାତୀ ଆକ୍ରମଣରୁ ଓହରି ଯାଇଥିଲା ଜସିର
- ଅଲ୍ ଫଲହା ବିଶ୍ୱବିଦ୍ୟାଳୟରେ ଡାକ୍ତର ପରିବାର ଗୃହବନ୍ଦୀ
- ୧୦ ଏମ୍‌ବିବିଏସ୍ ଛାତ୍ରଙ୍କ ମୋବାଇଲ ଜବତ

# ଇରାନରେ ବିନା ଭିସାରେ ଭାରତୀୟଙ୍କ ପ୍ରବେଶ ନିଷିଦ୍ଧ

ତେହେରାନ, ୧୮ ।୧୧(ଏଜେନ୍ସି): ଭାରତ ନାଗରିକଙ୍କ ପ୍ରବେଶ ନେଇ ଇରାନ ଏକ ବଡ଼ ନିଷ୍ପତ୍ତି ନେଇଛି । ଭାରତୀୟଙ୍କ ଭିସା ଫ୍ରି ଏଣ୍ଟ୍ରି ଉପରେ ଇରାନ ନିଷେଧାଦେଶ ଜାରି କରିଛି । ନଭେମ୍ବର ୨୨ରୁ ଏହି ନିଷ୍ପତ୍ତି ଲାଗୁ ହେବ । ବିଭିନ୍ନ କାରଣରୁ ଇରାନ ଏହି ନିଷ୍ପତ୍ତି ନେଇଛି । ଗତ କିଛି ମାସ ହେବ କେତେକ ଭାରତୀୟଙ୍କୁ ନକଲି ଚାକିରି, ପରିବହନ ଯାତ୍ରା ଓ ମାନବ ଚାଲାଣ ବାହାନାରେ ଇରାନକୁ ଆଣିବା ଓ ତା’ପରେ ଅପହରଣ କରାଯିବାରୁ ଇରାନ ସରକାର ଏହି ପଦକ୍ଷେପ ନେଇଛନ୍ତି । ୨୦୨୪ ଫେବୃଆରୀରେ ଇରାନ ଭାରତୀୟଙ୍କ ପାଇଁ ବିନା ଭିସାରେ ପ୍ରବେଶ ସୁବିଧା ଉପଲବ୍ଧ କରାଇଥିଲା । ଏହି ସୁବିଧା କେବଳ ପର୍ଯ୍ୟଟନ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଥିଲା ଓ ପ୍ରତି ୬ ମାସରେ ୧୫ ଦିନ ପର୍ଯ୍ୟନ୍ତ ରହିବାର ସୁଯୋଗ ଦିଆଯାଇଥିଲା । କିନ୍ତୁ ଗତ କିଛି ଦିନ ମଧ୍ୟରେ ଏକାଧିକ ମାମଲାରେ ଏଜେଣ୍ଟମାନେ ଭାରତୀୟଙ୍କୁ ଚାକିରି ଓ ୟୁରୋପ ପହଞ୍ଚାଇଦେବା ନାମରେ ଇରାନ ଡକାଇଥିଲେ । ଫଳରେ ଭାରତସ୍ଥିତ ଇରାନ ଦୂତାବାସ ମନ୍ତବ୍ୟ ଦେଇଛି ଯେ, ଏବେ ଇରାନ ଯିବାକୁ ହେଲେ ଭାରତୀୟଙ୍କୁ ଭିସା ନେବାକୁ ହେବ । ଭାରତ ସରକାର ମଧ୍ୟ ଏ ନେଇ ମାର୍ଗଦର୍ଶିକା ଜାରି କରିଛି । ଏବେ ଇରାନ ଯାଉଥିବା ଭାରତୀୟଙ୍କୁ ସତର୍କ ରହିବାକୁ ହେବ ବୋଲି କୁହାଯାଇଛି । ଭିସା ଫ୍ରି ଏଣ୍ଟ୍ରି ନେଇ କୌଣସି ଏଜେଣ୍ଟଙ୍କ କଥାକୁ ଭରସା ନ କରିବାକୁ କୁହାଯାଇଛି ।

# ହସିନାଙ୍କ ସମର୍ଥନରେ ବାଂଲାଦେଶ ବନ୍ଦ

ଢାକା, ୧୮ ।୧୧(ଏଜେନ୍ସି): ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବୁନାଲ (ଆଇସିଟି) ମୃତ୍ୟୁଦଣ୍ଡରେ ଦଣ୍ଡିତ କରିବା ପରେ ସୋମବାର ସାରା ଦେଶରେ ବନ୍ଦ ଡାକରା ଦିଆଯାଇଛି । ହସିନାଙ୍କ ପାର୍ଟି ଆୱାମୀ ଲିଗ୍ ଏହି ବନ୍ଦ ଡାକରା ଦେଇଛି । ଆଇସିଟିର ରାୟକୁ ଆୱାମୀ ଲିଗ୍ ପ୍ରତ୍ୟାଖାନ କରିଛି । ଏଥିସହ ପାର୍ଟି କମଚଳା ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ଇସ୍ତଫା ଦାବି କରିଛି । ଆଇସିଟିର ଏହି ନିଷ୍ପତ୍ତି ତଥା ରାୟ ଏକପାଖିଆ ଓ ପକ୍ଷପାତପୂର୍ଣ୍ଣ ବୋଲି ଆୱାମୀ ଲିଗ୍‌ର ନେତା ଜାହାଙ୍ଗୀର କବୀର ନାନକ ପାର୍ଟି ଫେସବୁକ୍ ପେଜ୍‌ରେ ଏକ ଭିଡିଓ ଜାରି କରି କହିଛନ୍ତି । କୋର୍ଟଙ୍କ କାର୍ଯ୍ୟ ଓ ପ୍ରକ୍ରିୟା ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ମକଦ୍ଦମା ଅଗଷ୍ଟ ୧୪ରେ ଆରମ୍ଭ ହୋଇଥିଲା ଓ ନଭେମ୍ବର ୧୭ରେ ଅନ୍ତିମ ରାୟ ଦିଆଯାଇଥିଲା । ଏହା କିପରି ସମ୍ଭବ ବୋଲି ସେ କହିଛନ୍ତି । ମାତ୍ର ଦୁଇମାସ ମଧ୍ୟରେ କୋର୍ଟରେ ୨୦ ଦିନ ଶୁଣାଣି ହୋଇଥିଲା । ୮୪ଜଣ ସାକ୍ଷୀଙ୍କ ମଧ୍ୟରୁ କେବଳ ୫୪ଜଣଙ୍କୁ ଶୁଣାଣିରେ ସାମିଲ କରାଯାଇଥିଲା । ମୁଖ୍ୟ ବିଚାରପତି ମାସେ ହେଲା ଅନୁପସ୍ଥିତ ଥିଲେ । ତେଣୁ କିପରି ଏହି ରାୟ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି । ହସିନାଙ୍କ ବିରୋଧରେ ଦିଆଯାଇଥିବା ଏହି ରାୟକୁ ବାଂଲାଦେଶ ଲୋକ ସ୍ୱୀକାର କରୁନାହାନ୍ତି ବୋଲି ସେ କହିଛନ୍ତି ।



# ସାଉଦିକୁ ଏଫ୍-୩୫ ବିକିବ ଆମେରିକା

ୱାଶିଂଟନ, ୧୮ ।୧୧(ଏଜେନ୍ସି): ସାଉଦି ଆରବକୁ ଆମେରିକା ଏଫ୍-୩୫ ବିମାନ ବ୍ରିକି କରିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଏହି ବିମାନ ବିଶ୍ୱର ଅନ୍ୟତମ ଅତ୍ୟାଧୁନିକ ସାମରିକ ବିମାନ ବିବେଚିତ ହେଉଛି । ଟ୍ରମ୍ପ ସାଉଦି ଆରବକୁ ଏକ ମହାନ ଭାଗୀଦାରି ବୋଲି କହିଛନ୍ତି । ସାଉଦି ରାଜକୁମାର ମହମ୍ମଦ ବିନ ସଲମାନ (ଏମ୍‌ବିଏସ୍) ମଙ୍ଗଳବାର ହ୍ୱାଇଟ୍ ହାଉସ୍ ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଆମେରିକା ବିମାନ ଦେବାକୁ ନିଷ୍ପତ୍ତି ନେଇଛି । ଗତ କେତେବର୍ଷ ହେବ ସାଉଦି ଏଫ୍-୩୫ ବିମାନ କ୍ରୟ କରିବାକୁ ଚାହିଁ ଆସୁଛି । ମଧ୍ୟପ୍ରାଚ୍ୟରେ କେବଳ ଇସ୍ରାଏଲ ପାଖରେ ଏହି ବିମାନ ରହିଛି । ଆମେରିକୀୟ ସାଂସଦ ଚାହିଁଲେ ଏହି ବିମାନ କିଣାବିକା ପ୍ରକ୍ରିୟାକୁ ରୋକିପାରିବେ । କିନ୍ତୁ ସାଧାରଣତଃ ଏହା ହୋଇନଥାଏ । ଏଫ୍-୩୫ ୫ମ ପିଢ଼ିର ଫାଇଟର ଜେଟ୍ । ଏହାକୁ ଲକ୍‌ହିଡ୍ ମାର୍ଟିନ କମ୍ପାନୀ ତିଆରି କରିଛି । ୨୦୦୬ରୁ ଏହି ବିମାନ ତିଆରି କରିବା ପ୍ରକ୍ରିୟା ଆରମ୍ଭ ହେଉଛି । ୨୦୧୫ରେ ଏହାକୁ ଆମେରିକା ବାୟୁସେନାରେ ସାମିଲ କରାଯାଇଥିଲା । ପେଣ୍ଟାଗନ ଇତିହାସରେ ଏହା ସବୁଠାର ଦାମୀ ବିମାନ । ଏଫ୍-୩୫ର ୩ଟି ଭାରିଆଣ୍ଟ ରହିଛି ଓ ଏଗୁଡିକର ମୂଲ୍ୟ ୭୦୦ରୁ ଆରମ୍ଭ କରି ୯୪୪ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି । ପୁଣି ଏଫ୍-୩୫କୁ ଅପରେଟ୍ କରିବା ପାଇଁ ପ୍ରତିଘଣ୍ଟା ୩୧. ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ ।



# ବାଚସ୍ପତି ପଦ ପାଇଁ ଟଣାଓଟରା

ପାଟନା/ନୂଆଦିଲ୍ଲୀ, ୧୮ ।୧୧: ବିହାର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବାରେ ୫ ଦିନ ବିତିଗଲାଣି, କିନ୍ତୁ ମନ୍ତ୍ରିମଣ୍ଡଳ ତାଲିକା ପ୍ରସ୍ତୁତ ହୋଇପାରୁ ନାହିଁ । ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ନୀତୀଶ କୁମାର ହିଁ ମୁଖ୍ୟମନ୍ତ୍ରୀ ହେବା ନିଶ୍ଚିତ, କିନ୍ତୁ ବର୍ତ୍ତମାନ ସୁଦ୍ଧା ତାଙ୍କ ନାମର ଘୋଷଣା କରାଯାଇ ନାହିଁ । କୁହାଯାଉଛି ଯେ ବାଚସ୍ପତି ପଦ ଓ ଗୃହ ମନ୍ତ୍ରଣାଳୟକୁ ନେଇ ବିଜେପି ଏବଂ ନୀତୀଶଙ୍କ ଜେଡିୟୁ ମଧ୍ୟରେ ଟଣାଓଟରା ଚାଲିଥିବାରୁ ନେତା ନିର୍ବାଚନ ପାଇଁ ଏନଡିଏ ବୈଠକ ମଧ୍ୟ ବସିପାରୁ ନାହିଁ । ଉଭୟ ବାଚସ୍ପତି ପଦ ସହିତ ଗୃହ ବିଭାଗ ଜେଡିୟୁ ହାତରେ ରଖିବା ଲାଗି ନୀତୀଶ ଜିଦ୍ ଧରିଛନ୍ତି । କିନ୍ତୁ ବିଜେପି ଏଥିରେ ରାଜି ହେଉନାହିଁ । ବିଜେପି ନେତା ଯୁକ୍ତି କରୁଛନ୍ତି ଯେ ବିଜେପି ଅଧିକ ଆସନ ପାଇଥିଲେ ମଧ୍ୟ କମ୍ ଆସନ ପାଇଥିବା ଜେଡିୟୁକୁ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ଦିଆଯିବ । ଏହା ବଦଳରେ ବିଜେପିକୁ ବାଚସ୍ପତି ପଦ ସହିତ ଗୃହ ବିଭାଗ ମିଳିବା ଉଚିତ ।

ବିଦାୟୀ ବିଧାନସଭାରେ ବିଜେପିର ନନ୍ଦ କିଶୋର ଯାଦବ ବାଚସ୍ପତି ଅଛନ୍ତି । କିନ୍ତୁ ଗୃହ ବିଭାଗ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ନିଜ ହାତରେ ରଖିଛନ୍ତି । କୌଣସି ବି ପରିସ୍ଥିତିରେ ଗୃହ ବିଭାଗ ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି ନୀତୀଶ । ଏହାସହିତ ପରିବର୍ତ୍ତିତ ପରିସ୍ଥିତିରେ ଆତଙ୍କିତ ହୋଇପଡ଼ିଥିବା ନୀତୀଶ କୁମାର ବାଚସ୍ପତି ପଦ ତାଙ୍କର ଜେଡିୟୁକୁ ମିଳୁ ବୋଲି ଜିଦ୍ ଧରିଛନ୍ତି । ବାଚସ୍ପତି ଦୌଡ଼ରେ ବିଜେପିର ପ୍ରେମ କୁମାର ଥିବା ବେଳେ ଜେଡିୟୁର ବିଜୟ ଚୌଧୁରୀଙ୍କୁ ବାଚସ୍ପତି କରିବାକୁ ଚାହୁଛନ୍ତି ନୀତୀଶ ।

ଅଚଳାବସ୍ଥା ଦୂର କରିବା ଲାଗି ନୂଆଦିଲ୍ଲୀରେ ବିଜେପି ଏବଂ ଜେଡିୟୁର ବରିଷ୍ଠ ନେତାମାନଙ୍କ ମଧ୍ୟରେ ଘନ ଘନ ବୈଠକ ଚାଲିଛି । ବର୍ତ୍ତମାନ ସୁଦ୍ଧା କୌଣସି ସହମତି ହୋଇପାରି ନାହିଁ । ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବିଜେପି ନେତା ଅମିତ ଶାହଙ୍କ ଡକରା ପାଇ ଗତକାଲି ରାତିରେ ଜେଡିୟୁର ଦୁଇ ବରିଷ୍ଠ ନେତା ସଂଜୟ ଝା ଏବଂ ଲଲନ ସିଂହ ଦିଲ୍ଲୀ ଯାଇଥିଲେ । ଅମିତ ଶାହଙ୍କ ସହିତ ଦୀର୍ଘ ତିନି ଘଣ୍ଟା ଧରି ଏହି ଦୁଇ ନେତାଙ୍କର ରୁଦ୍ଧଦ୍ୱାର ବୈଠକ ହୋଇଛି । ବୈଠକରେ ବଜେପି ସଭପେତି ଜେପି ନଡ୍ଡା ମଧ୍ୟ ଉପସ୍ଥିତ ଥିଲେ । ବାଚସ୍ପତି ଓ ଗୃହ ବିଭାଗକୁ ନେଇ ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଉଛି ।

ଅମିତ ଶାହ ଆସନ୍ତାକାଲି ପାଟନା ଆସୁଛନ୍ତି । ଏହାପୂର୍ବରୁ ବାଚସ୍ପତି ଓ ଗୃହ ବିଭାଗ ନେଇ ବୁଝାମଣା ହୋଇଯିବ ବୋଲି କୁହାଯାଉଛି । ଆସନ୍ତାକାଲି ଏନ୍‌ଡିଏର ନବନିର୍ବାଚିତ ବିଧାୟକ ଦଳ ବୈଠକରେ ନୀତୀଶଙ୍କୁ ନେତା ନିର୍ବାଚିତ କରାଯିବାର ସମ୍ଭାବନା ରହିଛି । ଏହାପରେ ନୀତୀଶ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ଦେବା ସହିତ ନୂଆ ସରକାର ଗଠନ ପାଇଁ ଦାବି ଜଣାଇବେ ।

### ଗୃହ ବିଭାଗ ଛାଡ଼ିବାକୁ ନୀତୀଶ ନାରାଜ

# ଅଲ-ଫଲାହ ପ୍ରତିଷ୍ଠାତାକୁ ଗିରଫ କଲା ଇଡି



ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣକୁ ନେଇ ଚର୍ଚ୍ଚାରେ ଥିବା ଅଲ୍-ଫଲାହ ୟୁନିଭର୍ସିଟି ପ୍ରତିଷ୍ଠାତା ଜୱାଦ ଅହମ୍ମଦ ସିଦ୍ଦିକିଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଙ୍ଗଳବାର ଗିରଫ କରିଛି । ମନି ଲଣ୍ଡରିଂ ନିରୋଧି ଆଇନ ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଏହି ୟୁନିଭର୍ସିଟିର ତିନି ଏମ୍‌ବିବିଏସ ପ୍ରାଧ୍ୟାପକ ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ରରେ ସାମିଲ ଥିଲେ । ଜଣେ ଆତ୍ମଘାତୀ ସାଜି ନିଜକୁ ଉଡ଼ାଇ ଦେଇ ବିସ୍ଫୋରଣ କରିଥିଲା । ଅଲ-ଫଲାହର ଅନେକ ମେଡିକାଲ ଛାତ୍ର ଏବେ ଯାଞ୍ଚ ଏଜେନ୍ସିର ରାଡାରରେ ଅଛନ୍ତି । ସୂଚନା ଅନୁଯାୟୀ ଇସିଆଇଆର ରେକର୍ଡ ଜାଲିଆତି କରିଥିବା ନେଇ ଅଲ-ଫଲାହ ବିରୋଧରେ ଅଭିଯୋଗ ଲାଗିଥିଲା । ଦିଲ୍ଲୀ ପୁଲିସ ଏ ନେଇ ଦୁଇଟି ଏତଲା ରୁଜୁ କରିଥିଲା । ଏହି ମାମଲାରେ ଇଡି ତୁହାକୁ ତୁହା ଚଢ଼ଉ ଜାରି ରଖିଥିଲା । ଯାଞ୍ଚ ଏବଂ ପ୍ରମାଣର ବିଶ୍ଳେଷଣ ଆଧାରରେ ସିଦ୍ଦିକିକୁ ଗିରଫ କରାଯାଇଛି । ଏହା ପୂର୍ବରୁ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଅଲ-ଫଲାହ ୟୁନିଭର୍ସିଟି ସହିତ ଏହାର ଓଖଲା ଅଫିସ ଏବଂ ପ୍ରମୋଟରଙ୍କ ଠିକଣାରେ ଚଢ଼ଉ କରାଯାଇଥିଲା । ଏହି ୟନିଭର୍ସିଟି ୟୁଜିସି ଏବଂ ନାକ୍ ନିୟମ ଉଲ୍ଲଙ୍ଘନ କରିଥିବା ଜଣାପଡ଼ିଥିଲା । ଦିଲ୍ଲୀ କାର୍ ବିସ୍ଫୋରଣକୁ ନେଇ ଯାଞ୍ଚ ଏଜେନ୍ସି ୨୫ଟି ସ୍ଥାନରେ ଚଢ଼ଉ କରିଥିଲା । ଏହି ଗ୍ରୁପ ସହ ୯ଟି ସେଲ୍ ଫାର୍ମ ସାମିଲ ଥିଲା । ସବୁ କମ୍ପାନୀର ଠିକଣା ସମାନ ଥିଲା । ଏବେ ସବୁ କମ୍ପାନୀ ତଦନ୍ତର ପରିସର ଭୁକ୍ତ ହୋଇଛନ୍ତି ।


# ଦିଲ୍ଲୀ ବିସ୍ଫୋରଣ ଚେର ବାଂଲାଦେଶକୁ ଲମ୍ବିଛି

ନୂଆଦିଲ୍ଲୀ, ୧୮ ।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣର ଯାଞ୍ଚ ଏବେ ବାଂଲାଦେଶରେ ପହଞ୍ଚିଛି । ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) ଦିଲ୍ଲୀ ବିସ୍ଫୋରଣ ସହିତ ବାଂଲାଦେଶର ଅଲ-କାଏଦାର ସମ୍ପର୍କ ଥିବା ଜାଣିବାକୁ ପାଇଛି । ଏନ୍‌ଆଇଏ ଅନସରୁଲ୍ଲା ବାଂଲା ଟମ୍ (ଏବିଟି)ର ଜଣେ ସଦସ୍ୟ ଇଖତାରକୁ ଗିରଫ କରିବା ପରେ ଏହା ସ୍ପଷ୍ଟ ହୋଇଛି । ଏବେ ଭାରତ ଓ ବାଂଲାଦେଶ ସୀମାରେ ଥିବା ଜିଲ୍ଲାଗୁଡିକ ଉପରେ ଏନ୍‌ଆଇଏ ନଜର ରଖିଛି । ଇଖତାର ଲାଲ୍‌କିଲ୍ଲା ବିସ୍ଫୋରଣ ପାଇଁ ବିସ୍ଫୋରକ ଯୋଗାଇବାର ଅଭିଯୋଗ ହୋଇଛି । ଏଥିସହ ବିସ୍ଫୋରଣ ସହ ସୀମାପାରର ସମ୍ପର୍କ ରହିଛି ବୋଲି ଏନ୍‌ଆଇଏ ବିଶ୍ୱାସ କରୁଛି । ବାଂଲାଦେଶର ମହମ୍ମଦ ୟୁନୁସଙ୍କ ଅନ୍ତରୀଣ ସରକାର ଏହି ଅଭିଯୋଗକୁ ଖଣ୍ଡନ କରୁଥିଲେ ମଧ୍ୟ ଏନ୍‌ଆଇଏ ଏହାକୁ ବେଶ୍ ଗୁରୁତ୍ୱ ଦେଉଛି । ପାକିସ୍ତାନର ଲସ୍କର-ଇ- ତୋଇବା ସହ ପଶ୍ଚିମବଙ୍ଗର ମାଲଦା ଓ ମୁର୍ଶିଦାବାଦରେ ମୌଲବାଦୀମାନେ ଭିଡିଓ କନଫରେନ୍ସରେ ଯୋଗାଯୋଗ କରିଥିଲେ । ବିସ୍ଫୋରଣର କିଛିଦିନ ପୂର୍ବରୁ ସୈଫୁଲ୍ଲା ସହ ଯୋଗାଯୋଗ ହୋଇଥିଲା । ସୈଫୁଲ୍ଲା ସହ ବାଂଲାଦେଶ ସରକାରଙ୍କ ଅଧିକାରୀମାନଙ୍କ ମଧ୍ୟରେ ବୈଠକ ହୋଇଥିଲା । ଫଳରେ ସୀମାପାର ମୌଲବାଦୀ ନେଟ୍‌ୱର୍କ ନେଇ ଗଭୀର ଚିନ୍ତା ସୃଷ୍ଟି କରିଛି ।

# ମନୁଷ୍ୟ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କର

ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଏହି ମାମଲାରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ବଡ଼ ନିର୍ଦ୍ଦେଶ ଦେଇ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ‘ପ୍ରାକୃତିକ ବିପର୍ଯ୍ୟୟ’ ଘୋଷଣା କରିବାକୁ କହିଛନ୍ତି । ଏହା ଦ୍ୱାରା ଉଦ୍ଧାରକାର୍ଯ୍ୟ ତ୍ୱରାନ୍ୱିତ, ପ୍ରାଶାସନିକ ଦାୟିତ୍ୱ ସ୍ପଷ୍ଟ ହେବ ଏବଂ ବିପର୍ଯ୍ୟୟ ପରିଚାଳନା ପାଇଁ ଜରୁରୀ ସମ୍ବଳର ଉପଲବ୍ଧତା ବୃଦ୍ଧି ପାଇବ । ଜିମ୍ କାର୍ବେଟ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ସମ୍ବନ୍ଧିତ ମାମଲାର ଶୁଣାଣି କରି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବି ଆର ଗଭାଇ, ଜଷ୍ଟିସ ଏଜି ମସିହ ଏବଂ ଜଷ୍ଟିସ ଏଏସ ଚନ୍ଦୁରାକରଙ୍କ ଖଣ୍ଡପୀଠ ସୋମବାର ଏହି ନିର୍ଦ୍ଦେଶ ଜାରି କରିଥିଲେ । ଜିମ୍ କାର୍ବେଟ ବେଧଡ଼କ ଗଛ କଟା ଏବଂ ବେଆଇନ ନିର୍ମାଣ କ୍ରମାଗତ ଭାବେ ଚିନ୍ତାର ପ୍ରସଙ୍ଗ ପାଲଟି ଥିଲା । ଖଣ୍ଡପୀଠ ଜୋର ଦେଇ କହିଥିଲେ ଯେ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ପାଇଁ ରାଜ୍ୟଗୁଡ଼ିକ ସକ୍ରିୟ ଭାବେ କାର୍ଯ୍ୟକରନ୍ତୁ । ଶୀଘ୍ର ଏ ନେଇ ବିଜ୍ଞପ୍ତି ଜାରି କରନ୍ତୁ । ଏହା ସହିତ ସଂଘର୍ଷରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ କେନ୍ଦ୍ର ପରିବେଶ, ଜଙ୍ଗଲ ମନ୍ତ୍ରାଳୟ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବନ୍ୟଜନ୍ତୁ ସହ ସଂଘର୍ଷରେ ପ୍ରାଣ ହରାଉଥିବା ଲୋକଙ୍କୁ ସମନ୍ୱିତ ବନ୍ୟପ୍ରାଣୀ ବାସସ୍ଥାନ ବିକାଶ (ସିଏସଏସ-ଆଇଡିଡବ୍ଲ୍ୟୁଏଚ୍) ଅଧିନରେ ୧୦ ଲକ୍ଷ ଟଙ୍କା ଦେବା ବାଧ୍ୟତାମୂଳକ । ସାରା ଦେଶରେ ଏହି ସହାୟତା ରାଶି ସମାନ ହେବା ଉଚିତ । ଏହା ପ୍ରଦାନରେ କୌଣସି ବିଳମ୍ବ କିମ୍ବା ପ୍ରାଶାସନିକ ଜଟିଳତା ନ ରହିବା ଉଚିତ ।

ସୂଚନା ଅନୁଯାୟୀ ଉତ୍ତର ପ୍ରଦେଶ ଭଳି କିଛି ରାଜ୍ୟ ପୂର୍ବରୁ ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିସାରିଛନ୍ତି । ଅନ୍ୟ ରାଜ୍ୟମାନଙ୍କୁ ତୁରନ୍ତ ଏପରି କରିବା ପାଇଁ କୋର୍ଟ କହିଛନ୍ତି । ସେହିପରି କୋର୍ଟ ମୂଲ୍ୟାଙ୍କନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ମଣିଷ-ବନ୍ୟଜନ୍ତୁ ସଂଘର୍ଷକୁ ନେଇ ୬ ମାସ ମଧ୍ୟରେ ଏକ ମାର୍ଗଦର୍ଶିକା ଆଣିବାକୁ ନ୍ୟାସନାଲ ଟାଇଗର କନଜରଭେସନ ଅଥରିଟି (ଏନଟିସିଏ)ଙ୍କୁ କହିଛନ୍ତି ।



# କେଦାରନାଥରେ ୨୩୦୦ ଟନ୍ ଆବର୍ଜନା, ତଳକୁ ଆଣିବାରେ ଖର୍ଚ୍ଚ ହେବ ୨୫ କୋଟି

ରୁଦ୍ରପ୍ରୟାଗ, ୧୮ ।୧୧(ଏଜେନ୍ସି): ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ ଜିଲ୍ଲାସ୍ଥିତ କେଦାରନାଥ୍ ଧାମ୍‌ରେ ଚଳିତ ବର୍ଷ ରେକର୍ଡ ୧୭ ଲକ୍ଷ ୬୮ ହଜାର ଶ୍ରଦ୍ଧାଳୁ ବାବା କେଦାରନାଥ ଦର୍ଶନ କରିଛନ୍ତି । କିନ୍ତୁ ଏମାନେ କେଦାରନାଥ ଧାମ୍‌ରେ ୨୩୦୦ ଟନ୍ ଆବର୍ଜନାର ଏକ ପାହାଡ ସୃଷ୍ଟି କରିଛନ୍ତି । ପ୍ରତ୍ୟେକ ଶ୍ରଦ୍ଧାଳୁ ହାରାହାରି ଦେଢ଼ କେଜି ଆବର୍ଜନା ସେଠାରେ ଛାଡି ଆସିଛନ୍ତି । ଗତବର୍ଷ ତୁଳନାରେ ପ୍ରତ୍ୟେକ ଯାତ୍ରୀ ଏଥର ଅଧିକ ୧୫୦ ଗ୍ରାମ୍‌ର ଆବର୍ଜନା ପକାଇଛନ୍ତି । ଏବେ ଏହି ଆବର୍ଜାନ ହିମାଳୟ କ୍ଷେତ୍ରରେ ଅବସ୍ଥିତ ଏହି ଶିବଧାମ୍‌ର ପରିବେଶ ତଥା ପର୍ଯ୍ୟାବରଣକୁ ବିପଦରେ ପକାଇଛି । କିନ୍ତୁ ସେଠାରେ ଏହି ଅବର୍ଜନାକୁ ଜଳାଇବାକୁ ଅନୁମିତ ଦିଆଯାଇନାହିଁ । ୧୦୦ ଟନ୍ ପ୍ଲାଷ୍ଟିକ ଆବର୍ଜନା ମଧ୍ୟ ସେଠାରେ ପଡ଼ି ରହିଛି । ଖଚରମାନେ ହିଁ ଏହି ଆବର୍ଜନାକୁ କେଦାରନାଥ ଧାମରୁ ତଳକୁ ଆଣିବେ । ଥରେ ଏକ ଖଚର ୧୦ରୁ ୧୨ କେଜି ଆବର୍ଜାନ ତଳକୁ ଆଣିବାରେ ୧୭୦୦ ଟଙ୍କା ଖର୍ଚ୍ଚ ହୋଇଥାଏ । ଏବେ ଏହି ଅବର୍ଜନାକୁ ତଳକୁ ଆଣିବା ପାଇଁ ୨୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି କୁହାଯାଇଛି ।

# ଅନମୋଲ ବିଷ୍ଣୋଇକୁ ପ୍ରତ୍ୟର୍ପଣ କଲା ଆମେରିକା

ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): କୂଟନୀତିରେ ଭାରତକୁ ବଡ଼ ସଫଳତା ମିଳିଛି । ମହାରାଷ୍ଟ୍ରର ଏନ୍‌ସିପି ନେତା ବାବା ସିଦ୍ଦିକ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନ୍‌ମୋଲ ବିଷ୍ଣୋଇକୁ ଆମେରିକା ଭାରତକୁ ପ୍ରତ୍ୟର୍ପଣ କରିଛି । ସେ ବୁଧବାର ଭାରତରେ ପହଞ୍ଚିବ । ବର୍ଷେ ହେଲା ଅନ୍‌ମୋଲକୁ ଭାରତ ଆଣିବା ପାଇଁ ମୁମ୍ବଇ ପୁଲିସ ଉଦ୍ୟମ କରୁଥିଲା । ସେହିପରି ଗତ ବର୍ଷ ଏପ୍ରିଲରେ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ଘର ଉପରେ ଗୁଳି ମାଡ଼ ମାମଲାକୁ ନେଇ ମଧ୍ୟ ଅନ୍‌ମୋଲ ୱାଣ୍ଟେଡ ଥିଲା । ବାବା ସିଦ୍ଦିକିଙ୍କ ପୁଅ ଜିସାନ ସିଦ୍ଦିକି କହିଛନ୍ତି ଯେ ଅନ୍‌ମୋଲ ଆମେରିକାକୁ ଆସୁଛି ବୋଲି ତାଙ୍କୁ ସୂଚନା ମିଳିଛି । ଏବେ ସେ ଆଉ ଆମେରିକାରେ ନାହିଁ । ଭାରତ ଅଣାଯାଇ ତା ବିରୋଧରେ ଟ୍ରାଏଲ ହେବ ବୋଲି ଆଶା । ପୂର୍ବରୁ କାନାଡ଼ାରେ ଅନମୋଲକୁ ଅଟକ ରଖାଯାଇଥିବା କୁହାଯାଉଥିଲା । ଏଠାରୁ ତା’ ନିକଟରୁ ରୁଷ୍‌ର ଜାଲ୍ ପାସପୋର୍ଟ ମିଳିଥିଲା ।



## ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ

# ଦୁର୍ନୀତି ଓ ଅପାରଗତାକୁ ପ୍ରଶ୍ରୟ ନାହିଁ



ଭୁବନେଶ୍ୱର,୧୮।୧୧(ସମିସ): ଯିଏ ଯେଉଁ ପଦବୀରେ ଥାଆନ୍ତୁ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ ଏବଂ ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ। ତେଣୁ ଅବହେଳା, ଦୁର୍ନୀତି ଓ ଅପାରଗତାକୁ କେବେହେଲେ ପ୍ରଶ୍ରୟ ଦିଆଯିବ ନାହିଁ। ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍‌ଘାଟନ ଅବସରରେ ଅଧିକାରୀମାନଙ୍କୁ ଏପରି ଚରମବାଣୀ ଶୁଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଲୋକସଭା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ

■ ୨୦୨୭ ସୁଦ୍ଧା ସବୁ ଗାଁକୁ ସଡ଼କ, ପାଣି ଓ ବିଜୁଳି
■ ପ୍ରତି ୩-୪ ମାସରେ ଯୋଜନାର ଅଗ୍ରଗତି ସମୀକ୍ଷା

ସହାୟତା ଜିଲ୍ଲାପାଳମାନେ ପ୍ରଦାନ କରନ୍ତୁ। ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧିନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରାଯିବା ଆବଶ୍ୟକ। ସେହିପରି ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନା ଗୁଡିକର କାର୍ଯ୍ୟକାରିତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେବା ସହ ପ୍ରତି ତିନି ଚାରି ମାସରେ ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡାକଡି ଭାବେ ରୋକିବା, ଚୋରା ମଦ କାରବାର ବିରୋଧରେ ଧରପଗଡ଼କୁ ଅଧିକ କଡାକଡି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରିବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ ଓ ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତୀକ୍ଷ୍ଣ ନଜର ରଖିବାନିମନ୍ତେ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ଅଭିଭାଷଣ ରଖିଥିଲେ।

# ଝାରସୁଗୁଡ଼ାରୁ ଧରାପଡ଼ିଲେ ୧୨ ସାଇବର୍ ଠକ

ଝାରସୁଗୁଡ଼ା, ୧୮।୧୧(ସମିସ): ଝାରସୁଗୁଡ଼ା ପୁଲିସ ଆଜି ଏକ ସାଇବର୍ ଠକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍ କରିବା ସହ ୧୨ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ, ଝାରସୁଗୁଡ଼ାର ସୋନୁ ମଣ୍ଡଳ ଓରଫ୍ ଟିଙ୍ଗା (୨୩), ଶୁଭମ ପ୍ରସାଦ (୨୧), ଶିଭମ୍ ସାହୁ (୨୦), ଅଭୟ ଘୋଷ (୨୦), ସମୀର ସୁନା ଓରଫ ମନୁ (୨୦), ଏମ୍. ଜଗଦୀଶ୍ୱର ରାଓ ଓରଫ୍ ଚିଣ୍ଟୁ(୧୯), ସମ୍ବଲପୁରର ଯୋଗେଶ୍ୱର ଚାନ୍ଦ (୨୪), ନରେଶ ବାଗ ଓରଫ୍ ବାବୁ(୨୫), ଧୀରଜ ଗରଡ଼ିଆ (୧୯), ରାଉରକେଲାର ଅଭିରାଜ ଶାହ (୨୬)। ଏମାନଙ୍କ ସହ ଆଉ ୨ଜଣ ନାବାଳକ ମଧ୍ୟ ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ବିଭିନ୍ନ ବ୍ୟାଙ୍କର ୬୧ଟି ପାସବୁକ୍, ୪୧ଟି ଏଟିଏମ୍ କାର୍ଡ, ୯୦ଟି ମୋବାଇଲ, ଗୋଟିଏ କାର୍ ଏବଂ ଗୋଟିଏ ସ୍କୁଟି ଜବତ ହୋଇଛି। ଝାରସୁଗୁଡ଼ା ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ସୂଚନା ଦେଇଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଛି, ଆଗକୁ ଗିରଫଦାରୀ ସଂଖ୍ୟା ବଢ଼ିପାରେ ବୋଲି ଏସ୍‌ପି କହିଛନ୍ତି।

ସୂଚନାନୁଯାୟୀ, ଗେମିଂରୁ ରୋଜଗାର କରିବାକୁ କହି ଏମାନେ ଲୋକଙ୍କୁ ଚୂନ ମାରୁଥିଲେ। ଗରିବ, ନିରୀହ ଲୋକଙ୍କୁ ନିଜ ଜାଲରେ ଫସାଉଥିଲେ। ସେମାନଙ୍କ ନାଁରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାଠାରୁ ଆରମ୍ଭ କରି ନୂଆ ସିମ୍‌କାର୍ଡ ଆକ୍ଟିଭ୍ କରୁଥିଲେ। ଏଥିପାଇଁ ସେମାନେ ୫ହଜାର ଟଙ୍କା ଲୋଭ ଦେଖାଉଥିଲେ। ପରେ ଉକ୍ତ ଆକାଉଣ୍ଟଗୁଡ଼ିକୁ ସେମାନେ ବିହାର, ରାଜସ୍ଥାନ, ଝାଡ଼ଖଣ୍ଡରେ ବସିଥିବା ସାଇବର୍ ଠକଙ୍କୁ ବିକିଦେଉଥିଲେ। ସାଇବର୍ ଠକମାନେ ଉକ୍ତ ସିମ୍ ଓ ଆକାଉଣ୍ଟ ବ୍ୟବହାର କରି ବଡ଼ ବଡ଼ ସାଇବର୍ ଅପରାଧ ଭିଆଉଥିଲେ। ଖାଲି ସେତିକି ନୁହେଁ, ସାଇବର୍ ଠକେଇରୁ ଉକ୍ତ ଆକାଉଣ୍ଟକୁ ଆସୁଥିବା ଟଙ୍କାକୁ ମଧ୍ୟ ଏମାନେ ଉଠାଣ କରି ଠକଙ୍କ ଅନ୍ୟ ଆକାଉଣ୍ଟରେ ଟଙ୍କା ଜମା କରୁଥିଲେ। ଏମାନଙ୍କର ଲିଙ୍କ୍ ସାଇବର୍ ଠକଙ୍କ ହେଡ୍‌କ୍ୱାର୍ଟର୍ କୁହାଯାଉଥିବା ଝାଡ଼ଖଣ୍ଡ ଜାମତରା ସହ ଥିବା ପୁଲିସ କହିଛି। ସେହିପରି ବିହାର ଓ ରାଜସ୍ଥାନକୁ ମଧ୍ୟ ଏହି ସାଇବର ଠକେଇର ଚେର ଲମ୍ବିଛି। ଏକ ଚୋରି ମାମଲାର ତଦନ୍ତ ବେଳେ ମିଳିଥିବା ସୂତ୍ର ଆଧାରରେ ପୁଲିସ୍ ଏହି ଠକଙ୍କୁ ଗିରଫ କରିଛି ବୋଲି ଏସ୍‌ପି କହିଛନ୍ତି।



**୬୧ ପାସ୍‌ବୁକ, ୪୧ ଏଟିଏମ୍, ୯୦ ମୋବାଇଲ ଫୋନ ଜବତ**

# ରାଜ୍ୟରେ ହେବ ୪ ନୂଆ ତହସିଲ

ଭୁବନେଶ୍ୱର,୧୮।୧୧(ସମିସ): ରାଜ୍ୟରେ ଆଉ ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା ହେବ। ଭୁବନେଶ୍ୱର, କଟକ ଏବଂ ସମ୍ବଲପୁର ତହସିଲକୁ ବିଭକ୍ତ କରାଯାଇ ଏହି ନୂତନ ତହସିଲ୍ ସୃଷ୍ଟି କରାଯିବ। ଭୁବନେଶ୍ୱର ତହସିଲକୁ ବିଭକ୍ତ କରାଯାଇ ଆଉ ୨ ଟି ନୂଆ ତହସିଲ୍ ଖୋଲିବା ସହ କଟକ ଏବଂ ସମ୍ବଲପୁର ପାଇଁ ଆଉ ଗୋଟିଏ ଲେଖାଏଁ ନୂଆ ତହସିଲ୍ ପ୍ରତିଷ୍ଠା ହେବ। ବର୍ତ୍ତମାନ ଏହି ତହସିଲ୍‌ଗୁଡ଼ିକ ମହାନଗର ନିଗମ ଅଧିନରେ ଆସୁଛି। ମାତ୍ର ଏହି ତହସିଲ୍‌ଗୁଡ଼ିକର ଅଞ୍ଚଳ ପରିସୀମା, ଜନସଂଖ୍ୟା ଘନତ୍ୱ ବୃଦ୍ଧି ହେଉଛି। ଏଥିପାଇଁ ଅଞ୍ଚଳଗୁଡ଼ିକରେ ଜନସେବା ପ୍ରଦାନରେ ମଧ୍ୟ ବ୍ୟାପକ ସମସ୍ୟା ସୃଷ୍ଟି ହେଉଛି। ଉପରୋକ୍ତ ଦିଗକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ପକ୍ଷରୁ ଏହି ତହସିଲଗୁଡ଼ିକୁ ବିଭକ୍ତ କରି ୪ ଟି ନୂଆ ତହସିଲ୍ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଏହି ୩ ଜିଲ୍ଲାର ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇ ନୂତନ ତହସିଲ ସୃଷ୍ଟି ପାଇଁ ଏକ ବିସ୍ତୃତ ପ୍ରସ୍ତାବ ଦାଖଲ କରିବାକୁ କୁହାଯାଇଛି। ଏଥିରେ ଉପଯୁକ୍ତ ଯଥାର୍ଥତା ସହିତ ନୂତନ ତହସିଲର ପ୍ରସ୍ତାବିତ ସ୍ଥାନ ସହିତ, ଆର୍‌ଆଇ ସର୍କଲ ଏବଂ ଗ୍ରାମଗୁଡ଼ିକର ନାମ ସେମାନଙ୍କର ସମ୍ପୃକ୍ତ ପୋଷ୍ଟ ଆଦି ବିଷୟରେ ସୂଚନା ଦେବାକୁ କୁହାଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ସୂଚୀରେ ସାମିଲ ହେବ ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ

ଭୁବନେଶ୍ୱର,୧୮।୧୧(ସମିସ): ବନ୍ୟପ୍ରାଣୀ ଆକ୍ରମଣ ଜନିତ ମୃତ୍ୟୁ ଘଟଣାକୁ ପ୍ରାକୃତିକ ବିପର୍ଯ୍ୟୟ ଶ୍ରେଣୀଭୁକ୍ତ କରି ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶନାମା ପରେ ରାଜ୍ୟରେ ବନ୍ୟପ୍ରାଣୀ ଜନିତ ମୃତ୍ୟୁ ଓ ଏହାସହିତ ଯଡ଼ିତ ଅନେକ ଘଟଣାକୁ ନେଇ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହୋଇଛି। ଯଦିଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ପୂର୍ବରୁ ରାଜ୍ୟ ସରକାର ବନ୍ୟପ୍ରାଣୀ ଜନିତ ମୃତ୍ୟୁ ଘଟଣାରେ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରି ଆସୁଛନ୍ତି, ମାତ୍ର ଏହି ଅର୍ଥରାଶି ବନ ବିଭାଗ ପ୍ରଦାନ କରୁଛି। ତେବେ ନୂଆ ନିୟମ କାର୍ଯ୍ୟକାରୀ ହେଲେ କ୍ଷତିପୂରଣ ରାଶି ପ୍ରଦାନ ଦାୟିତ୍ୱ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନକୁ ଚିବ ଏବଂ ଅର୍ଥରାଶି ଏସ୍‌ଡିଆର୍‌ଏଫ୍ ପାଣ୍ଠିରୁ ପ୍ରଦାନ କରାଯିବ।

ଅନ୍ୟପଟେ ରାଜ୍ୟରେ ବହୁ ପୂର୍ବରୁ ସାପ କାମୁଡ଼ା ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକାଭୁକ୍ତ କରାଯାଇଥିଲେ ମଧ୍ୟ ଏ ବାବଦକୁ ମୃତକଙ୍କ ପରିବାରକୁ କେବଳ ୪ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଏହାକୁ ନେଇ ବହୁ ଦିନରୁ ସରକାରୀ ବ୍ୟବସ୍ଥା ଓ ସାମାଜିକ କର୍ମୀଙ୍କ ମଧ୍ୟରେ ବିବାଦ ଆରମ୍ଭ ଲାଗି ରହିଛି। କାରଣ ବନ୍ୟପ୍ରାଣୀ ଆକ୍ରମଣରେ

■ ସହାୟତା ରାଶି ୧୦ ଲକ୍ଷ ଟଙ୍କା ପ୍ରଦାନ ନିର୍ଦ୍ଦେଶ
■ ରାଜ୍ୟରେ ସାପକାମୁଡ଼ାରେ ବାର୍ଷିକ ଯାଉଛି ହଜାରେ ଜୀବନ

ମଣିଷ ମୃତ୍ୟୁ ହେଲେ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ମିଳୁଥିବା ବେଳେ ସାପ କାମୁଡ଼ା ମୃତ୍ୟୁ କ୍ଷେତ୍ରରେ ଏହି ରାଶି ୪ ଲକ୍ଷରେ ସୀମିତ ରହିଛି। ଭାରତୀୟ ବନ୍ୟ ପ୍ରାଣୀ ଆଇନ୍‌ରେ ମଣିଷକୁ ମାରିବା ଭଳି କ୍ଷମତା ରଖିଥିବା ସବୁ ସାପ ସିଡ୍ୟୁଲ୍ ୧ ଏବଂ ୨ ତାଲିକା ଅନ୍ତର୍ଭୁକ୍ତ ରହିଛନ୍ତି। ବିଷଧର ନାଗ, ତମ୍ପ, ଚନ୍ଦନ ବୋଡ଼ା, ଅହିରାଜ ସିଡ୍ୟୁଲ୍-୧ ସାପ ଭାବେ ଗଣାଯାଉଥିବା ବେଳେ ସିଡିଲ୍ୟୁ-୧ ତାଲିକାରେ ହାତୀ, ବାଘ, କୁମ୍ଭୀର ମଧ୍ୟ ରହିଛନ୍ତି। ସେହିପରି ଚିତି, ରଣା, ଧୂଳିଆ ବୋଡ଼ା ଆଦି ସାପ ସିଡ୍ୟୁଲ-୨ରେ ରହିଥିବା ବେଳେ ହାତୀ, ବାଘ, ଭାଲୁ, କୁମ୍ଭୀର ଆଦିଙ୍କ ଭଳି ଏହି ସାପମାନେ ମଧ୍ୟ ମଣିଷଙ୍କ ଜୀବନ ନେବାର କ୍ଷମତା ରଖିଛନ୍ତି। ତେଣୁ ସାପ କାମୁଡାରେ କାହାରି ମୃତ୍ୟୁ ହେଲେ ମଧ୍ୟ ସମାନ ଭାବରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି ହୋଇ ଆସୁଛି। ଏଦୃଷ୍ଟିରୁ ସୁପ୍ରିମକୋର୍ଟଙ୍କ ଏହି ନୂତନ ନିର୍ଦ୍ଦେଶନାମା ଏହି କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

ରାଜ୍ୟରେ ବର୍ତ୍ତମାନ ବାର୍ଷିକ ହାରାହାରି ୧ ହଜାର ଲୋକ ସାପ କାମୁଡ଼ା ଜନିତ କାରଣ ପାଇଁ ମୃତ୍ୟୁମୁଖରେ ପଡୁଥିବା ବେଳେ ବନ୍ୟପ୍ରାଣୀ ଆକ୍ରମଣରେ ୧୩୦-୧୪୦ ଜଣଙ୍କ ଜୀବନ ଯାଉଛି। ତେଣୁ ଏହି ମୃତ୍ୟୁ ହ୍ରାସ ପାଇଁ ଅନୁକମ୍ପାମୂଳକ ରାଶି ଯେତିକି ଗୁରୁତ୍ୱପୂର୍ଣ୍ଣ, ଏହାର ଚିକିତ୍ସା ବ୍ୟବସ୍ଥାରେ ସଂସ୍କାର ଆଣିବା ଅଧିକ ଗୁରୁତ୍ୱ ସାଜିଛି। ତେଣୁ ସାପ କାମୁଡିବାର ପ୍ରଥମ ୫ ଦିନ ସରକାରୀ/ଘରୋଇ ସବୁ ଡାକ୍ତରଖାନାରେ ଚିକିତ୍ସା ମାଗଣା ପାଇଁ ମଧ୍ୟ ଦାବି ହୋଇ ଆସୁଛି। ମୁଖ୍ୟତଃ ଗାଁ ଗଣ୍ଡାରେ ଗୁଣିଆ ବ୍ୟବସ୍ଥାରେ ରୋକ୍ ଲଗାଇବା ଓ 'ଗୋଲ୍ଡେନ୍ ଆୱାର'ରେ ସାପ କାମୁଡ଼ା ରୋଗୀ ହସ୍ପିଟାଲରେ ପହଞ୍ଚି ପାରିଲେ ଏହି ସଂଖ୍ୟାକୁ ଯଥେଷ୍ଟ କମାଇ ଦିଆଯାଇପାରନ୍ତା। ଏହା ବ୍ୟତୀତ ସାପ କାମୁଡ଼ା ରୋଗୀଙ୍କ ପାଇଁ ଆଇସିୟୁ ଚିକିତ୍ସା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସରକାରୀ ହସ୍ପିଟାଲଗୁଡ଼ିକରେ ଆଇସିୟୁର ଅଭାବକୁ ଭରଣା କରିବା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକରେ ଏଥିପାଇଁ ମାଗଣା ଚିକିତ୍ସା ଯୋଗାଇ ଦେଲେ ମଧ୍ୟ ଏହି ମୃତ୍ୟୁ ରୋକିବାରେ ବଡ଼ ସହାୟକ ହୋଇପାରନ୍ତା ବୋଲି ସ୍ନେକ୍ ହେଲ୍‌ପ ଲାଇନ୍‌ର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି।

## କଟକରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣା

# ୧୦ ଅଭିଯୁକ୍ତଙ୍କ ନାମରେ ଚାର୍ଜସିଟ୍ ଦାଖଲ

ଭୁବନେଶ୍ୱର,୧୮।୧୧(ସମିସ): କଟକ ଲିଙ୍କ୍ ରୋଡ୍‌ରୁ ବାଂଲାଦେଶୀ ନାବାଳିକା ଉଦ୍ଧାର ଘଟଣାରେ ଚାର୍ଜସିଟ୍ ଦାଖଲ କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ)। ମୋଟ ୧୦ଜଣ ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଚାର୍ଜସିଟ୍ ଦାଖଲ ହୋଇଛି।

ସୂଚନାନୁସାରେ, ଗତବର୍ଷ ନଭେମ୍ବରରେ କଟକ ଲିଙ୍କ୍ ରୋଡ୍ ଅଞ୍ଚଳରେ ସେକ୍ସ ରାକେଟ୍ ଚାଲିଥିବା ଖବର ପାଇ ମଧୁପାଟଣା ଥାନା ପୁଲିସ ଖବର ପାଇଥିଲା। ସେଠାରୁ ଜଣେ ୧୬ବର୍ଷୀୟା ନାବାଳିକାକୁ ଉଦ୍ଧାର କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଥିଲା। ନାବାଳିକାର ଘର ବାଂଲାଦେଶ ହୋଇଥିବା ବେଳେ ଦଲାଲ ତାକୁ ଚାକିରି ଲୋଭରେ କଟକ ଆଣିଥିଲା। ଏଠାରେ ରଖିବା ମଧ୍ୟରେ ସେକ୍ସ ରାକେଟରେ ନିୟୋଜିତ କରି ଦଲାଲମାନେ ମୋଟା ଅଙ୍କର ଟଙ୍କା କମାଉଥିଲେ ବୋଲି ଜଣାପଡ଼ିଥିଲା। ମଧୁପାଟଣା ଥାନା ପୁଲିସ କେସ୍ ନଂ ୩୦୭/୨୪ ରେ ମାମଲା ରୁଜୁ କରିଥିଲା। ଏହି ଘଟଣାରେ କମିସନରେଟ ପୁଲିସ ମୋଟ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କମିସନରେଟ ପୁଲିସ ପକ୍ଷରୁ ପ୍ରାରମ୍ଭିକ ଚାର୍ଜସିଟ୍ ମଧ୍ୟ ଦାଖଲ ହୋଇଥିଲା।

ତେବେ ଏହି କାରବାର ପଛରେ ଅନ୍ତର୍ଜାତୀୟ ରାକେଟ କାମ କରୁଥିବା ଜାଣିବା ପରେ

**ନିଯୁକ୍ତି ପ୍ରଲୋଭନ ଦେଖାଇ ଦେହ ବେପାର**

କମିସନରେଟ ପୁଲିସ କେନ୍ଦ୍ର ସରକାରଙ୍କୁ ଅବଗତ କରିଥିଲା। ନାବାଳିକାଜଣଙ୍କ ବାଂଲାଦେଶୀ ଓ ଏହା ଏକ ମାନବଚାଲାଣ ମାମଲା ହୋଇଥିବାରୁ ପରବର୍ତ୍ତୀ ସମୟରେ ଏନ୍‌ଆଇଏ ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା। ଏନ୍‌ଆଇଏ ତଦନ୍ତ କରି ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢ଼଼ଉ କରି ଆଉ ଦୁଇ ଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ଓ ଆର୍ଥିକ କାରବାର ଖୋଳତାଡ଼ କରିବା ପରେ ଆଉ ଦୁଇ ଜଣଙ୍କ ସଂପୃକ୍ତି ମିଳିଥିଲା। ଏନ୍‌ଆଇଏ ଆହୁରି ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଦୁର୍ବଳ ଆର୍ଥିକ ସ୍ଥିତିର ସୁଯୋଗ ନେଇ ଅଭିଯୁକ୍ତମାନେ ନାବାଳିକାକୁ ଚାକିରି ଆଳରେ କଟକ ନେଇ ଆସିଥିଲେ। ଏଠାରେ ନାବାଳିକାକୁ ରଖି ସେକ୍ସ ରାକେଟରେ ନିୟୋଜିତ କରିଥିଲେ ବୋଲି ଏନ୍‌ଆଇଏ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। କମିସନରେଟ ପୁଲିସ ଗିରଫ କରିଥିବା ୬ ଅଭିଯୁକ୍ତଙ୍କୁ ମିଶାଇ ମୋଟ ୧୦ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି ଏନ୍‌ଆଇଏ। ପୋକ୍ସୋ ଆକ୍ଟ ୨୦୧୨ ଓ ମାନବ ଚାଲାଣ ଆଇନ ୧୯୫୬ ଆଧାରରେ ଭୁବନେଶ୍ୱରସ୍ଥିତ ଏନ୍‌ଆଇଏର ସ୍ୱତନ୍ତ୍ର ଅଦାଲତରେ ଦାଖଲ ହୋଇଛି ଚାର୍ଜସିଟ୍। ଘଟଣାର ଅଧିକ ତଦନ୍ତ ମଧ୍ୟ ଜାରି ରହିଥିବା ଏନ୍‌ଆଇଏ ପକ୍ଷରୁ କୁହାଯାଇଛି।

## ଧାନ କାଟିଲେଣି ଚାଷୀ

# ଏ ଯାଏଁ ହେଲାନି ସାଟେଲାଇଟ୍ ସର୍ଭେ


ପୁରୀ,୧୮।୧୧(ସମିସ): ପୁରୀ ଏକ କୃଷିବହୁଳ ଜିଲ୍ଲା। ଏଠାରେ ଅଧିକାଂଶ ଚାଷୀ ଧାନ ଚାଷ କରିଥାନ୍ତି। ଅନେକ ପରିବାରର ମୁଖ୍ୟ ଆୟ ଧାନ ଚାଷ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ। ଏମିତି କିଛି ପରିବାର ରହିଛନ୍ତି ଯେଉଁମାନେ ବର୍ଷକୁ ଥରେ ଧାନ ଅମଳ କରି ନିଜେ ଖାଇବା ପାଇଁ ସାଇତି ରଖି ବଳକା ବିକ୍ରି କରି ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ହେଲେ ସରକାରୀ ବାବୁ ଏଭଳି ବାସ୍ତବତାକୁ କିନ୍ତୁ ବୁଝିବା ଅବସ୍ଥାରେ ନାହାନ୍ତି। ଚାଷ ଓ ଚାଷୀଙ୍କ ପ୍ରତି ସେମାନେ ନିୟମିତ ଅବହେଳା କରିଆସୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାରେ ପ୍ରାୟ ସପ୍ତାହେ ହେବ ଧାନକଟା ଆରମ୍ଭ ହେଲାଣି। ଚଳିତବର୍ଷ ଅନୁକୂଳ ପାଣିପାଗ ଯୋଗୁଁ ଧାନ ଫସଲ ବି ଭଲ ହୋଇଛି। ଚାଷୀ ଆଶାନୁରୂପ ଫସଲ ଅମଳ କରିବାକୁ ଆଶା ରଖିଥିବା ବେଳେ ଅମଳ ଧାନକୁ କିଭଳି ମଣ୍ଡିରେ ବିକ୍ରି କରିବେ, ସେ ନେଇ ଏବେ ଚିନ୍ତାରେ ପଡ଼ିଲେଣି। କାରଣ ଏଯାଏଁ ଖରିଫ ଧାନ କିଣିବା ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରି ନ ଥିବା ଜଣାପଡ଼ିଛି। କେବଳ ପଞ୍ଜୀପକରଣ କାମ ସାରି ବସି ପଡ଼ିଛି ବିଭାଗ।

ବିଭିନ୍ନ କୃଷି ସମବାୟ ସମିତି ଜରିଆରେ ଧାନ କିଣିବାକୁ ଦୀର୍ଘ ଦିନ ହେଲା ପଞ୍ଜୀକରଣ ସରିଥିଲେ ବି ଅନ୍ୟାନ୍ୟ ପ୍ରକ୍ରିୟା ଆଦୌ ଆରମ୍ଭ ହୋଇନାହିଁ। ଫଳରେ ମଣ୍ଡି ଖୋଲିବା ତ ବିଳମ୍ବ ହେବ, ତା' ସାଙ୍ଗକୁ ଚାଷୀ ଯେଉଁ ପରିମାଣରେ ଧାନ ବିକ୍ରି ପାଇଁ ଟାର୍ଗେଟ୍ ପାଇବା କଥା, ତାହା ଆଉ ପାଇବେ ନାହିଁ। ଅନ୍ୟପକ୍ଷରେ, କହିବାକୁ ଗଲେ ଅଧିକାଂଶ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ। ଏଭଳି ଆଶଙ୍କା ଦେଖାଦେଇଛି।

ସୂଚନାନୁଯାୟୀ, ଚଳିତ ଖରିଫ ଋତୁରେ ଧାନ କିଣିବା ପାଇଁ ସମବାୟ ସମିତିଗୁଡ଼ିକ ପକ୍ଷରୁ ଗତ ଜୁଲାଇରୁ ଚାଷୀ ପଞ୍ଜୀକରଣ କରାଗଲାଣି। ଅଗଷ୍ଟ ୨୫ରୁ ପଞ୍ଜୀକରଣ କାମ ଶେଷ ହୋଇଥିଲେ ବି ଆଜିଯାଏଁ କାଗଜପତ୍ର ଯାଞ୍ଚ ଓ ବୈଧୀକରଣ (ଭାଲିଡେସନ) କାମ ଶେଷ ହୋଇନାହିଁ। ଭାଲିଡେସନ ପରେ ସାଟେଲାଇଟ୍ ସର୍ଭେ କରାଯିବା କଥା। ସାଟେଲାଇଟ୍ ସର୍ଭେ ପରେ କୃଷି ସେବା ସମବାୟ ସମିତି ଲ୍ୟାମ୍ପସ୍, ପାକ୍ସସ୍ତରରେ ପ୍ରତ୍ୟକ୍ଷ କ୍ଷେତ୍ର ପରିଦର୍ଶନ କରାଯାଇ ରିପୋର୍ଟ ପ୍ରସ୍ତୁତ ହେବା କଥା। ଏହା ପରେ ସମସ୍ତ ରିପୋର୍ଟ ଯାଞ୍ଚ କରାଯାଇ କେଉଁ ଚାଷୀ କେତେ ପରିମାଣର ଧାନ ବିକ୍ରି କରିପାରିବେ ତାହା ସ୍ଥିର କରି ଟାର୍ଗେଟ ଦିଆଯିବ। ମାତ୍ର ଆଜି ପର୍ଯ୍ୟନ୍ତ ସାଟେଲାଇଟ୍ ସର୍ଭେ ହୋଇ ନଥିବା ବେଳେ ଅନ୍ୟାନ୍ୟ ଯାଞ୍ଚ ପ୍ରକ୍ରିୟା କେବେ ସରିବ, ମଣ୍ଡି କେବେ ଖୋଲାଯିବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜିଲ୍ଲାର ପୁରୀ ସଦର, ସତ୍ୟବାଦୀ, ବ୍ରହ୍ମଗିରି, କଣାସ, ପିପିଲି, ନିମାପଡ଼ା ଆଦି ବ୍ଲକରେ ପ୍ରାୟ ସପ୍ତାହେ ହେବ ଧାନ କଟା ଆରମ୍ଭ ହେଲାଣି। ପାଖାପାଖି ୩୦ପ୍ରତିଶତ ଧାନ କଟା ହେଲାଣି। ଆଉ ସପ୍ତାହକ ପରେ ୫୦ ପ୍ରତିଶତ ଧାନ କଟା ସରିଥିବ। ଏପରିସ୍ଥଳେ ସାଟେଲାଇଟ୍ ସର୍ଭେ କଲେ ଜମିରେ ତ ଧାନ ନ ଥିବ, କି ରିପୋର୍ଟ ଯିବ ବୋଲି ଅନେକ ଚାଷୀ ପ୍ରଶ୍ନ କରିଛନ୍ତି। ତେଣୁ ଯେନତେନ ପ୍ରକାରେ ଚାଷୀଙ୍କୁ ଟାର୍ଗେଟ ଦେଇ ଧାନ କିଣାଯିବା ଏକପ୍ରକାର ଜଳ ଜଳ ଦେଖାଯାଉଛି।

ସରକାର ଗତବର୍ଷଠାରୁ ଇନ୍‌ପୁଟ୍ ସବ୍‌ସିଡି ମିଶାଇ ୩,୧୦୦ ଟଙ୍କାରେ ଚାଷୀଙ୍କଠାରୁ ଧାନ କିଣିଛନ୍ତି। ଚଳିତବର୍ଷ ମଧ୍ୟ ସେହିପରି ଧାନ କିଣାଯିବ। ଚଳିତବର୍ଷ ଚାଷରୁ ଭଲ ଦି' ପଇସା ରୋଜଗାର କରିବା ଆଶାରେ କିଛି ବି ଜମି ପଡ଼ିଆ ନ ରଖି ଚାଷୀ ଚାଷ କରିଛନ୍ତି। ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ୨୫ ପ୍ରତିଶତ ଅଧିକ ଜମିରେ ଧାନ ଫସଲ ହୋଇଛି। ଉତ୍ତମ ପାଣିପାଗ ଯୋଗୁଁ ଜିଲ୍ଲାରେ ଭଲ ଫସଲ ବି ହୋଇଛି। ଗତବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ କିଛି ଧାନ ନଷ୍ଟ ହୋଇଥିବାବେଳେ ଚଳିତବର୍ଷ ସୁରୁଖୁରୁରେ ଅମଳ ହେବା ଆଶା କରାଯାଉଛି। ତେଣୁ ସରକାର ଏତେ ପରିମାଣର ଧାନ କିଣିବାକୁ ସମସ୍ୟାରେ ପଡ଼ିବା ଭୟ ରଖି ମଣ୍ଡି ପ୍ରକ୍ରିୟା ବିଳମ୍ବିତ କରୁଥିବା ମଧ୍ୟ ଚାଷୀ ମହଲରେ ସନ୍ଦେହ ସୃଷ୍ଟି ହେଲାଣି।



ସକାଳ
THE SAKALA



## ବାସୁଦେବ ସାହୁ ମେମୋରିଆଲ ଫୁଟବଲ୍ ଉଦ୍‌ଘାଟିତ



**ଧର୍ମଗଡ଼,୧୮ ।୧୧(ସମିସ):** ଧର୍ମଗଡ ବ୍ଲକ୍ ତରାପୁର ଗ୍ରାମରେ ପୂର୍ବତନ ସରପଞ୍ଚ ତଥା ଅଞ୍ଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ବାସୁଦେବ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଅଷ୍ଟ ଦିବସୀୟ ବାସୁଦେବ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ ମୁଖ୍ୟଅତିଥି ଓ ବରିଷ୍ଠ ଆଇନଜୀବୀ ଥବିର ପ୍ରସାଦ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ମର୍ଦ ସରାଫ,ଗୋବିନ୍ଦ ଲହଜଲ,ପୂର୍ବତନ ସରପଞ୍ଚ କମଲ ଚଲାନ,ଶତ୍ରୁଘ୍ନ ଲହଜଲ, ଲକ୍ଷ୍ମୀ ବିଶି, ବିଦ୍ୟା ଶବର,ଦଶରଥ ପଣ୍ଡା,ଇନ୍ଦ୍ରମଣି ସାହୁ, ଅଶ୍ୱିନ ସାହୁ, ପୁଲସ୍ତ ମାଝୀ,ରୁଦ୍ର ଚଲାନ,ବୀଣା ପଟେଲ,ବାବୁ ଲାଲ ଶବର ପ୍ରମୁଖ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ ।ସରପଞ୍ଚ ପ୍ରତିନିଧି ସଂଜୀବ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥଲେ ।ଉଦଘାଟନୀର ପ୍ରଥମ ମ୍ୟାଚ୍‌ରେ ସରଗୀଗୁଡା ଏକାଦଶ ରାଉରା ହଳଦୀ ଏକାଦଶକୁ ହରାଇ ଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ଇଚ୍ଛାପୁର ଏକାଦଶ ଖଲିଆଭଟ୍ଟା ଏକାଦଶକୁ ପରାସ୍ତ କରିଥିଲା । ତାପସ ଦାସ ଓ ସଂଜୀବ ଦୁର୍ଗା ଖେଳ ପରି ଚାଳନା କରିଥିବା ବେଳେ ଆୟୋଜନ କମିଟିର ସଭାପତି ସୁନୀଲ ନାଏକ,ସଂପାଦକ ନରେନ୍ଦ୍ର ପଟେଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପ୍ରତିଯୋଗିତାରେ ୧୬ଟି ଦଳ ଭାଗ ନେଇଛନ୍ତି । ଆସନ୍ତା ୨୪ ତାରିଖ ଦିନ ଫାଇନାଲ ପ୍ରତିଯୋଗିତା ଅନୁଷ୍ଠିତ ହେବ ।

## ଧାମନପୁର ପଞ୍ଚାୟତ ହାଇସ୍କୁଲରେ ବିଜ୍ଞାନମେଳା




**ଗୋଲାମୁଣ୍ଡା,୧୮ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷାକେନ୍ଦ୍ର ଅଧିନ ଧାମନପୁର ପଞ୍ଚାୟତ ହାଇସ୍କୁଲରେ ବାର୍ଷିକ ବିଜ୍ଞାନମେଳା ଉଦ୍‌ଘାଟିତ ହୋଇଛି । ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନମେଳାକୁ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ମୟୁରଲାଲ ଭୋଇ ଅଧ୍ୟକ୍ଷତା କରିଥିଲେ ।ସମ୍ମାନିତ ଅତିଥି ଭାବେ ଗୋଲାମୁଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତ୍ୱନା ସିପକା, ନିରଞ୍ଜନ ନାଏକ, ଶିକ୍ଷା କମିଟି ସଭ୍ୟ ଅଭିରାମ ସାହୁ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭବାନୀ ଯୋଶୀ, ରାସାୟନିକ ବିଜ୍ଞାନ ଶିକ୍ଷକ ଲିଲାମ୍ବର ବିଶି,ସାମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ,ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନବରତ୍ନ ରାଉତ, ଶିକ୍ଷା କମିଟି ସଭ୍ୟ ବନମାଳୀ ଧାରୁଆ, ସରପଞ୍ଚ ଦିଗାମ୍ବର ତାଣ୍ଡି ,ସିଆରସିସି ଜିତେନ୍ଦ୍ର ଜାଲ ଏବଂ ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ବିଇଓ ନବ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଡି ଇଓ ରାଧାକାନ୍ତ ଛାତ୍ରୀ,ସମ୍ମାନିତ ଅତିଥି ଭାବେ ବିଇଓ ରାଜେଶ ନାୟକ, କଳାହାଣ୍ଡି ଜିଲ୍ଲା ଡିଏସଏସ ଦୁଷ୍ମନ୍ତ ଶେଖର ପାଢ଼ୀ, ମୁଖ୍ୟବକ୍ତା ଭାବେ ସନ୍ତୋଷ କୁମାର କର ପ୍ରମୁଖ ଯୋଗଦାନ କରିଥିବା ସହ ବିଜ୍ଞାନ ବିଷୟ ପ୍ରତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରୁଚି ଜାଗ୍ରତ ସହ ଅନ୍ତର୍ନିହିତ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପ୍ରୟାସ ବୋଲି କହିଥିଲେ । ଛାତ୍ରଛାତ୍ରୀଙ୍କ ପକ୍ଷରୁ ମେଳାରେ ବିଜ୍ଞାନ, ଗଣିତ ଏବଂ ସାମାଜିକ ବିଜ୍ଞାନର ବିଭିନ୍ନ ପ୍ରକଳ୍ପ ଷ୍ଟଲ ମଧ୍ୟମ ରେ ପ୍ରଦର୍ଶିତ ହୋଇଥିଲା । ଅତିଥି ମାନେ ଷ୍ଟଲ ଗୁଡ଼ିକୁ ପରିଦର୍ଶନ କରି ଥିଲେ ଏବଂ ପ୍ରଥମ,ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ଖଡ଼ିଆଳ ଫୁଟବଲ ମହାକୁମ୍ଭ ଉଦ୍‌ଘାଟିତ



**ନୂଆପଡା,୧୮ ।୧୧(ସମିସ):** ନୂଆପଡା ଜିଲ୍ଲା ଖଡ଼ିଆଳ ରାଜା ଆର୍ତ୍ତ ତ୍ରାଣ ହାଇସ୍କୁଲ ଖେଳ ପଡିଆରେ ଫୁଟବଲ ମହାକୁମ୍ଭ ଉଦ୍‌ଘାଟିତ ହୋଇଯାଇଛି । ଖଡ଼ିଆଳ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସ୍ଥାନୀୟ ଖେଳାଳିଙ୍କର ରାଜ୍ୟକୁ ପ୍ରତିନିଧିତ୍ୱ କରିବାର ଦକ୍ଷତା ଅଛି ବୋଲି ପ୍ରକାଶ କରିଥିଲେ । ଆସନ୍ତା ୪ ଡିସେମ୍ବର ପର୍ଯ୍ୟନ୍ତ ଖେଳ ହେବ । ଏହି ଫୁଟବଲ ମହାକୁମ୍ଭରେ ୬୯ଟି ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ବୋଡ଼େନ,ସିନାପାଲି ଏବଂ ଖଡିଆଳ ବ୍ଲକ୍‌ର ୬୮ଟି ପଞ୍ଚାୟତରୁ ଗୋଟିଏ ଲେଖାଏଁ ଦଳ ଯୋଗ ଦେବା ସହ ଖଡିଆଳ ଏନ୍‌ଏସିର ଗୋଟିଏ ଦଳ ଯୋଗ ଦେବେ । ଆସନ୍ତା ଡ଼ିସେମ୍ବର ୪ ତାରିଖ ଦିନ ଫାଇନାଲ ଖେଳ ଅନୁଷ୍ଠିତ ହେବ । ଏହି ନୂଆପଡ଼ା ଖଡିଆଳ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆ କାର୍ଯ୍ୟକ୍ରମରେ ତ୍ରିସ୍ତରୀୟ ପଞ୍ଚାୟତ ପ୍ରତିନିଧି, ଖଡିଆଳ କ୍ରିକେଟ ଏବଂ ସ୍ପୋର୍ଟ ସଂଘ ପକ୍ଷରୁ ଆଇନଜୀବୀ, ସମାଜସେବୀ, କ୍ରୀଡାବିତ୍‌ମାନେ ଯୋଗ ଦେଇଥିଲେ ।

# ଧଳାସୁନା ଚାଷ ପ୍ରତି ଆଗ୍ରହ ବଢୁଛି

**ଲାଞ୍ଜିଗଡ଼,୧୮ ।୧୧(ସମିସ):**

- ପ୍ରୋତ୍ସାହନ କି ବିକ୍ରି ପାଇଁ ବ୍ୟବସ୍ଥା ନାହିଁ
- ଦଲାଲଙ୍କୁ କମ୍ ଦରରେ ବିକିବାକୁ ବାଧ ହେଉଛନ୍ତି



କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ଚାଷୀମାନେ ଖରିଫ ଋତୁର ଧାନଚାଷ ବ୍ୟତୀତ ଏବେ ଧଳାସୁନା' ବା କପା ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି । ସବୁ ତନ୍ତୁ ଜାତୀୟ ଫସଲ ମଧ୍ୟରେ କପା ଫସଲର ବିଶେଷ ଗୁରୁତ୍ୱ ରହିଛି । କପା ମୁଖ୍ୟତଃ ପୋଷାକ ତିଆରି ଶିଳ୍ପରେ ବ୍ୟବହୃତ ହୋଇଥାଏ ଓ ଏହାର ମଞ୍ଜିରେ ୧୫ରୁ ୨୫ ପ୍ରତିଶତ ଯାଏ ତୈଳାଂଶ ରହିଥାଏ । ମଞ୍ଜିରୁ ତେଲ ବାହାରିବା ପରେ ଅବଶିଷ୍ଟାଂଶକୁ ଗୋଖାଦ୍ୟ ଓ ଜୈବିକ ଖତ ଭାବେ ବ୍ୟବହାର କରାଯାଇଥାଏ । କମ୍ ପାଣି,କମ୍ ଖର୍ଚ୍ଚ ଓ ସହଜ ଅମଳ ହୋଇ ପାରୁଥିବାରୁ ଚାଷୀମାନେ ଏଥିପ୍ରତି ଆଗ୍ରହ କରୁଥିବା ଦେଖାଯାଉଛି । ତେବେ କଳାହାଣ୍ଡି ଜିଲ୍ଲାରେ ଚାଷ ପାଇଁ ଖ୍ୟାତି ଲାଭକରିଥିବା ବେଳେ କିଛିବର୍ଷ ହେଲା ଲାଞ୍ଜିଗଡ଼ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଏକର ଏକର ଜମିରେ କପା ଚାଷ କରାଯାଇଛି ।ଚଳିତ ବର୍ଷ ଅଞ୍ଚଳରେ ବହୁତ ମାତ୍ରାରେ କପା ଚାଷ ହୋଇଥିବା ଦେଖିବାକୁ ମିଳିଛି । ପୂର୍ବରୁ ଅନ୍ୟ ଜିଲ୍ଲାର ଦଲାଲ୍‌ମାନେ ଓ ଏଠିକାର ବଡ଼ବଡ଼ିଆ ଚାଷୀମାନେ ଜମି ଲିଜ ଆକାରରେ ନେଇ କପା ଚାଷ କରିବା ସହ ଏଠାକାର ଚାଷୀମାନଙ୍କୁ ଶ୍ରମିକ ଭାବେ ନିୟୋଜିତ କରୁଥିଲେ । ଏବେ ଅଞ୍ଚଳର ଚାଷୀମାନେ ନିଜ ଖର୍ଚ୍ଚରେ ତଥା ନିଜ ଜମିରେ ଚାଷ କରି ଲାଭବାନ ହେବାପାଇଁ ଆଶା ରଖିଛନ୍ତି । ଚଳିତ ବର୍ଷ ଆବଶ୍ୟକ ଠାରୁ ଅଧିକ ବର୍ଷା ହୋଇଛି । ବିଳମ୍ବରେ ଚାଷକାର୍ଯ୍ୟ ଆରମ୍ଭ ହୋଇଛି । ଠିକ୍ ସମୟରେ କପା ଚାଷ ପାଇଁ ପାଗ ଅନୁକୂଳ ରହିଥିବାରୁ ଆଗକୁ ଅଦିନିଆ ବର୍ଷା ନ ହେଲେ ଭଲ ଅମଳର ଆଶା କରାଯାଉଛି ବୋଲି ଚାଷୀମାନେ କହୁଛନ୍ତି । ବିଭିନ୍ନ ସମୟରେ ଅନିୟମିତ ପାଣିପାଗ, ସରକାରୀ ପ୍ରୋତ୍ସାହନର ଅଭାବ,ସାର ଔଷଧର ଦର ବୃଦ୍ଧି ଓ ମଣ୍ଡି ବ୍ୟବସ୍ଥା ନଥିବାରୁ କପାର ଅଭାବୀ ବିକ୍ରି ଭଳି ସମସ୍ୟା କାରଣରୁ ଚାଷୀଙ୍କ ମନୋବଳ ଦୁର୍ବଳ ହେଉଛି । ବିଶେଷ କରି ଏବେକାର ଜଳବାୟୁ ପରିବର୍ତ୍ତନ, ବର୍ଷାର ଅନିୟମିତା, କିଟନାଶକ ଓ ଫସଲ ବିକ୍ରିରେ ଅସୁବିଧା ଚାଷୀଙ୍କୁ ବିତସ୍ପୃହ କରାଯାଉଛି ।ଚାଷ ଓ ଚାଷୀଙ୍କର ପାଇଁ ଅଦିନିଆ ବର୍ଷା,ଝଡ଼ତୋଫାନ ତୋଫାନ ଓ ରୋଗପୋକ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଅନଭିଜ୍ଞ ଚାଷୀଙ୍କଠାରେ ଜ୍ଞାନର ଅଭାବ କାରଣରୁ ରୋଗପୋକ ନିୟନ୍ତ୍ରଣ କରିବା ସମ୍ଭବପର ହେଉନାହିଁ । ଉନମାନର ବିହନ ମନୋନୟନରେ ମଧ୍ୟ କୌଣସି ଅଭିଜ୍ଞତା ନାହିଁ । ଏହାଛଡା ଏବେକାର ଅତ୍ୟାଧୁନିକ ଶଙ୍କର ପ୍ରଣାଳୀର ଚାଷ ଅତ୍ୟନ୍ତ ବ୍ୟୟବହୁଳ । ସରକାରଙ୍କ ପକ୍ଷରୁ ଆନୁସଙ୍ଗିକ ସୁବିଧା ସୁଯୋଗ ଦିଆଗଲେ ଚାଷୀ ଉପକୃତ ହେବା ସହ ସେମାନଙ୍କ ଆର୍ଥିକ ଅଭିବୃଦ୍ଧି ହୋଇପାରନ୍ତା ଓ ଆଗାମୀ ଦିନରେ ଆହୁରି ଅନେକ ଚାଷୀ ଏଥିପ୍ରତି ଆକୃଷ୍ଟ ହୁଅନ୍ତେ ବୋଲି ଲାଞ୍ଜିଗଡ଼ ବ୍ଲକ୍ ଅଞ୍ଚଳର କିଛି ଆଗୁଆ କପା ଚାଷୀ କହିଛନ୍ତି । ସେପଟେ ଅମଳ ହୋଇଥିବା ଧଳାସୁନା ବା କପା ବିକ୍ରି ପାଇଁ ଏଠାରେ କୌଣସି ବ୍ୟବସ୍ଥା ନଥିବାରୁ ବଲାଙ୍ଗିରରେ ଥିବା କପା ମଣ୍ଡିକୁ ଯାଇ ନପାରି ଚାଷୀ ଏଠାକାର ଦଲାଲମାନଙ୍କୁ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ଅନ୍ତତଃ ପକ୍ଷେ ବ୍ଲକ ମୁଖ୍ୟାଳୟରେ ଗୋଟିଏ କପା ମଣ୍ଡି ଖୋଲାଗଲେ ଚାଷୀମାନେ ଉପକୃତ ହେବା ସହ ଅନେକ ନୂଆ ଚାଷୀ ଏଥିସହ ଯୋଡି ହୁଅନ୍ତେ ବୋଲି ଚାଷୀ ଅରକ୍ଷିତ ଭୋଇ କହିଛନ୍ତି । ଜିଲ୍ଲା ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାକୁ ଚାଷୀମାନେ ଦାବି କରିଛନ୍ତି । ସେପଟେ ଅମଳ ହୋଇଥିବା ଧଳାସୁନା ବିକ୍ରି ପାଇଁ ଏଠାରେ କୌଣସି ମଣ୍ଡିର ବ୍ୟବସ୍ଥା ନ ଥିବାରୁ କେସିଙ୍ଗାରେ ଥିବା କପା ମଣ୍ଡିକୁ ଯାଇ ନପାରି ଚାଷୀ ଏଠାକାର ଦଲାଲମାନଙ୍କୁ କମ୍ ଦରରେ ବିକ୍ରି କରିବାକୁ ବାଧ ହେଉଛନ୍ତି । ଅନ୍ତତଃ ପକ୍ଷେ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟରେ ଗୋଟିଏ କପା ମଣ୍ଡି ଖୋଲାଗଲେ ଚାଷୀ ମାନେ ଉପକୃତ ହେବା ସହ ଅନେକ ନୂଆ ଚାଷୀ ଏଥିସହ ଯୋଡି ହୁଅନ୍ତେ ବୋଲି ଜିଲ୍ଲା ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାକୁ ଚାଷୀମାନେ ଦାବି କରିଛନ୍ତି ।

■ କେସିଙ୍ଗାକୁ ମ୍ୟୁନିସିପାଲଟି ମାନ୍ୟତା ଦାବି ପ୍ରସଙ୍ଗ

## ଥକିଗଲେ ବିଭିନ୍ନ ସଂଗଠନର ପଦାଧିକାରୀ




**କେସିଙ୍ଗା,୧୮ ।୧୧(ସମିସ):** ୧୯୬୫ ମସିହାରେ ଗଠିତ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଏନ୍‌ଏସିକୁ ମ୍ୟୁନିସିପାଲଟି ର ମାନ୍ୟତା ପ୍ରଦାନ ପାଇଁ ସହରର ଅନେକ ସଂଗଠନ ଯେମିତିକି ସଚେତନ ନାଗରିକ ମଞ୍ଚ, କେସିଙ୍ଗା ସିଟିଜନ ଫୋରମ୍ ଓ ଆହୁରି ଅନେକ ସଂଗଠନ ଅନେକ ଥର ସରକାରଙ୍କ ପାଖରେ ଦାବୀ ଉପସ୍ଥାପନ କରି ଆସୁଥିଲେ ମଧ୍ୟ ବିଜେପି ସରକାର କର୍ଣ୍ଣପାତ କରିନାହିଁ ।ଏମିତିକି ଏଥିପାଇଁ ୬ ମାସ ତଳେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଦୁର୍ଗାମଣ୍ଡପ ଛକ ଠାରେ ପ୍ରାୟ ୨୦ ଦିନର ଆନ୍ଦୋଳନ ମଧ୍ୟ ହୋଇଥିଲା ଆନ୍ଦୋଳନର ୧୦ ଦାବୀ ମଧ୍ୟରୁ କେସିଙ୍ଗା ଏନ୍‌ଏସିକୁ ମ୍ୟୁନିସିପାଲଟିର ମାନ୍ୟତା ଦାବି ପ୍ରମୁଖ ଦାବି ମଧ୍ୟରୁ ଗୋଟିଏ ଥିଲା । ସ୍ୱୟଂଶାସନ ଦିବସ ଉପଲକ୍ଷେ ରାଜ୍ୟ ସରକାର ନୂତନ ଏନ୍‌ଏସି ଓ ମ୍ୟୁନିସିପାଲଟି ଘୋଷଣା କରିଥିଲେ ମଧ୍ୟ କେସିଙ୍ଗା ସମସ୍ତ ଯୋଗ୍ୟତା ସତ୍ତ୍ୱେ କାହିଁକି ବାଦ ପଡ଼ିଲା କାହାକୁ ଖବର ନାହିଁ ।ଆନ୍ଦୋଳନ ସମୟରେ ଜିଲ୍ଲାପାଳ ନିଜେ ଆନ୍ଦୋଳନସ୍ଥଳକୁ ଆସି ସମସ୍ତ ୧୦ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇ ମ୍ୟୁନିସିପାଲଟି ଦାବି ଶୀଘ୍ର ପୂରଣ ହେବ ବୋଲି ଆଶ୍ୱାସନା ଦେଇଥିଲେ ।ହେଲେ ୬ ମାସରୁ ଅଧିକ ହୋଇ ଯାଇଥିଲେ ମଧ୍ୟ କିଛି ଜଣା ପଡୁନାହିଁ । ସେପଟେ ମ୍ୟୁନିସିପାଲଟି ପାଇଁ ଦିନରାତି ଏକ କରିଥିବା ସଂଗଠନର କର୍ମକର୍ତ୍ତାମାନେ ମଧ୍ୟ ଚୁପ ରହିଛନ୍ତି ଦାବି ଉପସ୍ଥାପନ କରି କରି ଥକି ଗଲେଣି ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି । ସଂଗଠନ ଗୁଡ଼ାକ ଥକି ଗଲେଣି ନା ରଣନୀତି ପ୍ରସ୍ତୁତ କରିଛନ୍ତି ଜାଣି ହେଉନଥଲେ ମଧ୍ୟ ଏହା ଆଗକୁ କୌଣସି ବଡ଼ ଆନ୍ଦୋଳନର ଶାନ୍ତି ନୁହେଁ ତ? ଯାହାବି ହେଉ କେସିଙ୍ଗାକୁ ଯଥା ଶୀଘ୍ର ମ୍ୟୁନିସିପାଲଟି ଘୋଷଣା କରିବାକୁ ଅଞ୍ଚଳବାସୀ ଦାବି କରୁଛନ୍ତି ।

## ଉତ୍କଳମଣି ସେବାସଂସ୍ଥାର ଶୀତକାଳୀନ ସେବା ଶିବିର

**ଭବାନୀପାଟଣା,୧୮ ।୧୧(ସମିସ):** ଉତ୍କଳମଣି ସେବାସଂସ୍ଥା ଆନୁକୂଲ୍ୟରେ ଶୀତକାଳୀନ ସେବା ଶିବିର ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ଶଗଡା ପଞ୍ଚାୟତର ନୂଆ ମକାଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଦାମୋଦର ବେହେରାଙ୍କ ଅଧ୍ୟକ୍ଷତାରେ ସଭାରେ ପ୍ରଥମେ ଉତ୍କଳମଣିଙ୍କ ଫଟୋରେ ସାମୂହିକ ମାଲ୍ୟାର୍ପଣ ପରେ ସମ୍ପାଦକ ଅଜୟ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଆଖପାଖ ଗ୍ରାମରୁ ଆଗତ ଜନସାଧାରଣଙ୍କୁ ଉତ୍କଳମଣିଙ୍କ ସେବା ଆଦର୍ଶ ଓ ଅନୁଷ୍ଠାନର ପ୍ରୟାସ ସମ୍ପର୍କରେ କୈଳାସ ରାଉତ, ଉଦ୍ଧବ ସାହୁ, ନିରଞ୍ଜନ ସାହୁ, ଚନ୍ଦ୍ର ଶେଖର ସିଂହ, ବିନତା ମାଝି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଜଙ୍ଗଲ ଓ ଜନଜାତିଙ୍କ ଜୀବନ ଜୀବିକା ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ ଦ୍ୱାରା ଗୋପବନ୍ଧୁଙ୍କ ସେବାଧର୍ମ ପ୍ରତି ଯଥାର୍ଥ ମର୍ଯ୍ୟାଦା ଦିଆଯାଇ ପାରିବ ବୋଲି ଶିବିରାର୍ଥୀମାନେ କହିଥିଲେ । ଶିବିରରେ ଉପସ୍ଥିତ ସମସ୍ତ ଲୋକଙ୍କୁ କମ୍ବଳ, ଔଷଧ, ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯିବା ସହ ପଙ୍କ୍ତି ଭୋଜନର ଆୟୋଜନ କରାଯାଇଥିଲା । ମଧୁସୂଦନ ପଣ୍ଡା, ହେମନ୍ତ ସାସମଲ, ଭଗବାନ ସାହୁ, ରବୀନ୍ଦ୍ର ସାହୁ ଓ ଗ୍ରାମବାସୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।



## ସମ୍ବିଧାନ ସଚେତନତା ରଥକୁ ଭବ୍ୟ ସମ୍ବର୍ଦ୍ଧନା



**ଗୋଲାମୁଣ୍ଡା,୧୮ ।୧୧(ସମିସ):** ମୂଳନିବାସୀ ବହୁଜନ ମିଳିତ ମହାସଂଘ ଆନୁକୂଲ୍ୟରେ ସାରା ରାଜ୍ୟରେ ପରିକ୍ରମା କରୁଥିବା ସମ୍ବିଧାନ ସଚେତନତା ରଥ ମଙ୍ଗଳବାର ଗୋଲାମୁଣ୍ଡା ବ୍ଲକ୍‌ରେ ପହଞ୍ଚିଛି । ସେଠାରେ ରଥକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରଥମେ ଗୋଲାମୁଣ୍ଡା ବ୍ଲକ୍ ଅଫିସ ନିକଟରୁ ରଥକୁ ସ୍ୱାଗତ କରାଯାଇ ନଗର ପରିକ୍ରମା କରାଯାଇଥିଲା । ଏଥିରେ ଛାତ୍ରଛାତ୍ରୀ,ବୁଦ୍ଧିଜୀବୀ,ଅଞ୍ଚଳର ସମ୍ବିଧାନ ପ୍ରେମୀ ହୁଳହୁଳି,ଦେଇ ଶୋଭାଯାତ୍ରା ମାଧ୍ୟମରେ ଗୋଲାମୁଣ୍ଡା ଦୁର୍ଗା ମଣ୍ଡପ ପାଖକୁ ଆସିଥିଲେ । ସେଠାରେ ବାବାସାହେବ ଆମ୍ବେଦକର ଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରି ସମ୍ବିଧାନ ସଚେତନ ରଥ ପରିକ୍ରମାର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଏମବିଏମଏମ କଳାହାଣ୍ଡି ପକ୍ଷରୁ ଜିଲ୍ଲା ସଭାପତି ସଚ୍ଚିଦାନନ୍ଦ ମହାକୁଡ଼, ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ, ରାଜ୍ୟ ଉପସଭାପତି ଲିଙ୍ଗରାଜ ଆଜାଦ, କାର୍ଯ୍ୟକାରୀ ସଭାପତି ତଥା ମହାସଚିବ ଏଓଏସସିଏଫ କଳାହାଣ୍ଡି ଯତୀନ୍ଦ୍ର କର, ଢଗମାଳିଆ ନାଏକ, ରମଣୀ ଦୁରିଆ, ଡମ ସମାଜ ବିକାଶ ପରିଷଦ ସଭାପତି ରାମ କୁମାର ସେନାପତି, ଯୁବନେତା ସାଉଲ ମଙ୍ଗରାଜ, ଉପଦେଷ୍ଟା ମୁନିଆ ସିପକା, ପ୍ରଶାନ୍ତ ନାଏକ ପ୍ରମୁଖ ନିଜ ବକ୍ତବ୍ୟ ରେ କହିଥିଲେ ଯେ ଆମେ ଯେମିତି ପୁରାଣ,ବାଇବେଲ,କୋରାନ ପ୍ରତିଦିନ ପଠନ କରୁଛେ, ସେହି ଭଳି ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମ୍ବିଧାନ ପଢ଼ିବା ଆବଶ୍ୟକ ରହିଛି । ସମ୍ବିଧାନରେ ସମସ୍ତଙ୍କ ମୁକ୍ତି ଅଛି,ଦେଶ ସମ୍ବିଧାନ ଦ୍ୱାରା ଚାଲୁଚି । ସମ୍ବିଧାନ ସଚେତନତା ରଥ ଲୋକଙ୍କୁ ମୌଳିକ ଅଧିକାର ବିଷୟରେ ସଚେତନ କରୁଛି ବୋଲି କହିଥିଲେ ।

● ଛାତ୍ରୀଙ୍କୁ ଅସଦାଚରଣ ମାମଲାର ରାୟ ପ୍ରକାଶ

## ପ୍ରମାଣ ଅଭାବରୁ ପ୍ରଧାନଶିକ୍ଷକ ନିର୍ଦ୍ଦୋଷ

**ଜୁନାଗଡ,୧୮ ।୧୧ (ସମିସ):** ଛାତ୍ରୀଙ୍କୁ ଅସଦାଚରଣ ମାମଲାରେ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହେଲେ କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଅନ୍ତର୍ଗତ ବଲଦିଆମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁଲେନ୍ଦ୍ର ମେହେର । ଗତ ସେପ୍ଟେମ୍ବର ୨ ତାରିଖରେ ସ୍ଥାନୀୟ ସ୍କୁଲର ଛାତ୍ରୀଙ୍କୁ ଅସଦାଚରଣ କରୁଥିବା ନେଇ ତାଙ୍କ ନାମରେ ଜୁନାଗଡ଼ ଥାନାରେ ପୋକସୋ ଆକ୍ଟରେ ମାମଲା ନଂ(୫୬୭/୨୫) ରୁଜୁ ହୋଇଥିଲା । ଏହାପରେ ଜୁନାଗଡ଼ ପୁଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେହିପରି ଶିକ୍ଷାବିଭାଗ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କୁ ନିଲମ୍ବିତ କରିଥିଲା । ସୋମବାର ଏହି ମାମଲାର ରାୟ ପ୍ରକାଶ ପାଇଛି । ଭବାନୀପାଟଣାସ୍ଥିତ ଜିଲ୍ଲା ପୋକସୋ କୋର୍ଟର ସ୍ୱତନ୍ତ୍ର ବିଚାରପତି ରାଜୀବ ଲୋଚନ ସାହୁ ଏହି ମାମଲାର ଶୁଣାଣି କରି ପ୍ରମାଣଅଭାବରୁ ପ୍ରଧାନଶିକ୍ଷକ ମେହେରଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଯାହାଫଳରେ ପ୍ରଧାନଶିକ୍ଷକ ମେହେରଙ୍କୁ ଏହି ମାମଲାରେ କ୍ଲିନ୍ ଚିଟ ମିଳିଛି । ପ୍ରଧାନଶିକ୍ଷକ ଶ୍ରୀ ମେହେରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜୟଦେବ ସୁନାନୀ ମାମଲା ପରିଚାଳନା କରିଥିଲେ । ଅନ୍ୟପକ୍ଷରେ, ପ୍ରଧାନଶିକ୍ଷକଙ୍କ ସ୍ତ୍ରୀ ସୁମିତ୍ରା ମେହେର ତାଙ୍କ ସ୍ୱାମୀଙ୍କୁ ମିଥ୍ୟା ଅଭିଯୋଗରେ ଫସାଯାଇଥିବା ନେଇ ଜୁନାଗଡ଼ ଥାନାରେ ସେତେବେଳେ ଆଉ ଏକ ଏତଲା ଦେଇଥିଲେ ।ଏତଲାରେ ସେ ସ୍କୁଲର ୩ ଜଣ ସହକାରୀ ଶିକ୍ଷକ ଯିଶୁ ଗୋପାଳ, ସାମନ୍ତ ମେହେର ଓ ଓମ ମେହେର ମିଶି ସ୍କୁଲର ଛୋଟ ଛୋଟ ଝିଅମାନଙ୍କ ମାଧ୍ୟମରେ ଉପରୋକ୍ତ ମିଥ୍ୟା ଅଭିଯୋଗଆଣି ତାଙ୍କ ସ୍ୱାମୀଙ୍କୁ ଫସାଇଥିବା ଦର୍ଶାଇଥିଲେ । ସୁମିତ୍ରାଙ୍କ ଅଭିଯୋଗ ପରେ ଜୁନାଗଡ଼ ପୁଲିସ ଉପରୋକ୍ତ ୩ ଶିକ୍ଷକ ସମେତ ସମୁଦାୟ ୬ ଜଣଙ୍କ ନାମରେ ଏକ ମାମଲା ନଂ (୫୮୦/୨୫ ) ରୁଜୁ କରିଥିଲା । ହେଲେ ଇତିମଧ୍ୟରେ ଏହି ଘଟଣାର ଅଢେଇ ମାସ ବିତିଯାଇଥିଲେ ମଧ୍ୟ ଉପରୋକ୍ତ ଶିକ୍ଷକଙ୍କ ଉପରେ ପୁଲିସ କି ଶିକ୍ଷା ବିଭାଗ କାର୍ଯ୍ୟାନୁଷ୍ଠାନ ନ ନେବା ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ପ୍ରଧାନଶିକ୍ଷକଙ୍କ ନାମରେ ଅଭିଯୋଗ ହେବା ପରେ ୨୪ ଘଣ୍ଟା ମଧ୍ୟରେ ତତ୍ପରତା ଦେଖାଇ ପୁଲିସ ତାଙ୍କୁ ଗିରଫ କରିଥିବା ବେଳେ ଶିକ୍ଷା ବିଭାଗ ନିଲମ୍ବିତ କରିଥିଲା । ହେଲେ ପ୍ରଧାନ ଶିକ୍ଷକଙ୍କ ସ୍ତ୍ରୀ ଏତଲା ଦେବାର ଅଢେଇ ମାସ ପରେ ବି ଶିକ୍ଷାବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ଘଣ୍ଟ ଘୋଡାଉ ଥିବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ତେବେ କାହା ଚାପରେ ଜୁନାଗଡ଼ ବିଇଓ ତପନ ମାଝୀ ଚୁପ୍ ରହି ଉପରୋକ୍ତ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ମଣୁ ନାହାନ୍ତି ତାହାକୁ ନେଇଁ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ଜୁନାଗଡ ବିଇଓଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ବିଇଓଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ । ଏନେଇ ଜୁନାଗଡ଼ ଆଇଆଇସି ଶେଷଦେବ ବେହେରାଙ୍କୁ ପଚାରିବାରୁ ଉକ୍ତ ୩ ଶିକ୍ଷକ କୋର୍ଟରୁ ଆଗୁଆ ଜାମିନ ଆଣି ଥିବାରୁ ସେମାନଙ୍କୁ ଗିରଫ କରାଯାଇନଥିଲା ବୋଲି କହିଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

କେନ୍ଦୁବାହାରା ପଞ୍ଚାୟତରେ ଖାଉଟିକାର୍ଡ ବଣ୍ଟନରେ ଘୋଟାଲା

# ତଦନ୍ତ ପାଇଁ ଗାଁରେ ପହଁଞ୍ଚିଲେ ଉପଜିଲ୍ଲାପାଳ





**ନୂଆପଡ଼ା,୧୮ ।୧୧(ସମିସ):**

ଯୋଗାଣ ସାହାୟକ ଟଙ୍କା ମାଗୁଥିବା ଭିଡିଓ ଭାଇରାଲ

ନୂଆପଡ଼ା ଜିଲ୍ଲା ସଦର ବ୍ଲକ୍ କେନ୍ଦୁବାହାରା ପଞ୍ଚାୟତରେ ଖାଉଟିକାର୍ଡ ବଣ୍ଟନରେ ଘୋଟଲା ଚର୍ଚ୍ଚାର ବିଷୟ ହୋଇଛି । ହିତାଧିକାରୀଙ୍କ ଠାରୁ ନୂତନ ଖାଉଟିକାର୍ଡ ବଣ୍ଟନ ନାଁରେ ଯୋଗାଣ ସହାୟକ ୧୦୦ଟଙ୍କା ଲେଖାଏ ଆଦାୟ କରିଥିବା ଅଭିଯୋଗ ହୋଇଛି । ହିତାଧିକାରୀଙ୍କ ଠାରୁ ଟଙ୍କା ନେଉଥିବା ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି । ଖବର ଜିଲ୍ଲାପାଳଙ୍କ ନିକଟରେ ପହଞ୍ଚିବା ପରେ ତାଙ୍କ ନିର୍ଦ୍ଦେଶକ୍ରମେ ଉପଜିଲ୍ଲାପାଳ ସୁର୍ମି ସୋରେନ ଗାଁରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ପ୍ରାପ୍ତ ସୂଚନା ମୁତାବକ ସଦର ବ୍ଲକ୍ କେନ୍ଦୁବାହାରା ପଞ୍ଚାୟତର ଯୋଗାଣ ସହାୟକ ହୃଦେସାଗର ହରିଜନ ନୂଆପଡ଼ା ଉପନିର୍ବାଚନ ଚାଲୁଥିବା ସମୟରେ ଫରଫୋଦ,ଗିଧିନିପାନି ଓ ସିରିଗିଡି ଗ୍ରାମରେ ୩ ଶହରୁ ଊର୍ଦ୍ଧ୍ୱ ଖାଉଟି କାର୍ଡ ହିତାଧିକାରୀଙ୍କୁ ନୂଆ କାର୍ଡ ଦିଆ ଯିବ ବୋଲି କହି ଶହେ ଟଙ୍କା ଲେଖାଏଁ ସଂଗ୍ରହ କରିଥିଲେ । ପ୍ରକୃତ କାଡର୍‌ର ଏକ ଅବିକଳ ନକଲ କାର୍ଡ ତିଆରି କରି ବଣ୍ଟନ କରିବା ଆରମ୍ଭ କରିଦେଇଥିଲେ । ଖାଉଟିକାର୍ଡ ପାଇଁ ଯୋଗାଣ ସାହାୟକ ଜଣେ ହିତାଧିକାରୀଙ୍କ ଘରେ ବସି ୧୦୦ ଟଙ୍କା ମାଗୁଥିବା ସମୟରେ ସ୍ଥାନୀୟ ଲୋକ ଏହାର ଭିଡିଓ କରିଥିଲେ । ଏଥିରେ ଜଣେ ବ୍ୟକ୍ତି ଯୋଗାଣ ସାହାୟକଙ୍କୁ ଖାଉଟିକାର୍ଡ ବାବଦକୁ କେଉଁ କାରଣ ପାଇଁ ୧୦୦ ଟଙ୍କା ନେଉଛନ୍ତି ବୋଲି ପଚାରିଥିଲେ । ହେଲେ ଯୋଗାଣ ସହାୟକ ଏହି କାର୍ଡର ଖର୍ଚ୍ଚ ଅଧିକାରୀଙ୍କୁ ହାତ ଖର୍ଚ୍ଚ ପାଇଁ ନିଆଯାଉଛି । ଏହି ଟଙ୍କାକୁ ନେଇ ଅଧିକାରୀଙ୍କ ପାଇଁ ଖର୍ଚ୍ଚ କରିବାକୁ ପଡେ ବୋଲି କହିଥିଲେ । ସବୁ ଭିଡିଓ ରେକର୍ଡ ହୋଇଥିବା ବେଳେ ବର୍ତ୍ତମାନ ସୋସିଆଲ ମିଡିଆରେ ଘୁରି ବୁଲିଛି । ଏହା ଉପରେ ପଞ୍ଚାୟତର ପିଇଓ ଉତ୍ତମ ସାହୁଙ୍କୁ ପଚାରିବାରୁ ପଞ୍ଚାୟତରେ ଏହି କାର୍ଡ କେବେ ବଣ୍ଟନ ହେବା ଜାଣି ନାହିଁ । ଯୋଗାଣ ସାହାୟକ ସରପଞ୍ଚ କିମ୍ବା ପଞ୍ଚାୟତ ପ୍ରତିନିଧିଙ୍କୁ ନଜଣାଇ କରିଛନ୍ତି ବୋଲି କହିଥିଲେ । ଏହା ଭୁଲ କରିଛି ଟଙ୍କା ଫେରାଇ ଦେବି ବୋଲି ଯୋଗାଣ ସହାୟକ ହୃଦେସାଗର କହିଛନ୍ତି । ଏହା ଉପରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଦୃଷ୍ଟି ଆକର୍ଷଣ କରିବାରେ ତୁରନ୍ତ ଉପଜିଲ୍ଲାପାଳଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମଙ୍ଗଳବାର ଉପଜିଲ୍ଲାପାଳ ସୋରେନ ଗିଧନି ପାନି ଗାଁକୁ ଯାଇ ଘଟଣାର ସତ୍ୟାସତ୍ୟ ତଦନ୍ତ କରିଛନ୍ତି । ତାଙ୍କ ସମ୍ମୁଖରେ ଗ୍ରାମବାସୀ ଆସି ଟଙ୍କା ଦେଇଥିବା କହିଥିଲେ ଏବଂ ଟଙ୍କା ନେଇଥିବା ସହାୟକ ମହାନନ୍ଦ ମଧ୍ୟ ସ୍ୱୀକାର କରିଥିଲେ । ଉପଜିଲ୍ଲାପାଳ ସମସ୍ତ ଟଙ୍କା ହିତାଧିକାରୀଙ୍କୁ ଫେରସ୍ତ କରିବାକୁ କହିଥିଲେ । ଅନ୍ୟପକ୍ଷେ ବିଭିନ୍ନ ସମୟରେ ଯୋଗାଣ ସହାୟକ ଜଣକ ହିତାଧିକାରୀଙ୍କୁ ହଇରାଣ କରୁଛନ୍ତି ବୋଲି ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଉ ବୋଲି ପଞ୍ଚାୟତବାସୀ ଦାବି କରିଛନ୍ତି । ତଦନ୍ତ ପରେ ଜିଲ୍ଲାପାଳ କଣ କାର୍ଯ୍ୟାନୁଷ୍ଠାନ କରୁଛନ୍ତି ଦେଖିବାକୁ ବାକି ରହିଲା ।

● ଫେରିବାଲାଙ୍କୁ ସାବଧାନ

# ବୃଦ୍ଧଙ୍କଠାରୁ ୨୦ ହଜାର ଟଙ୍କା ନେଇଗଲେ



ଖପ୍ରାଖୋଲ, ୧୮ ।୧୧ (ସମସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଝାଲବାହାଲ ଗ୍ରାମର ଜଣେ ବୃଦ୍ଧଙ୍କ ଘରୁ ଫେରି କରିବାକୁ ଆସିଥିବା ଜଣେ ଲୋକ ୨୦ ହଜାର ଟଙ୍କା ନେଇ ଫେରାର ମାରିଛି। ଝାଲବାହାଲ ଗ୍ରାମର ଚୁଡ଼ା ବରିହା ନାମକ ଏହି ବ୍ୟକ୍ତି ଜଣକ ପୂର୍ବାହ୍ନରେ ଘରେ ଥିଲେ। ଏହି ସମୟରେ ଏକ ବାଇକ୍ ଯୋଗେ ଜଣେ ଫେରିବାଲା ପାଲ ବିକିବା ପାଇଁ ଗ୍ରାମକୁ ଆସିଥିଲା। ଏହି ଫେରିବଲାଠାରୁ ଚନ୍ଦ୍ର ପାଲ କିଣିଥିଲେ। ତେବେ ଟଙ୍କା ଆଣିବାକୁ ଚନ୍ଦ୍ର ଘର ଭିତରକୁ ଯାଇଥିଲେ। ଘରୁ ଟଙ୍କା ବାହାର କରି ଫେରିବାଲାକୁ ପାଇଁ ଅଲଗା ରଖି ବାକି ଟଙ୍କା ଅନ୍ୟତ୍ର ରଖିଥିଲେ। ଏହି ସମୟରେ ଫେରିବାଲା ଜଣକ ଚୁପ୍‌ଚାପ୍ ଚନ୍ଦ୍ରଙ୍କ ଘର ଭିତରକୁ ପଶି ଚନ୍ଦ୍ର ଅଲଗା ରଖିଥିବା ପ୍ରାୟ ୨୦ ହଜାର ଟଙ୍କା ଓ ନିଜର ପାଇବାକୁ ଥିବା ଟଙ୍କା ଧରି ସେଠାରୁ ଫେରାର ମାରିଥିଲା। ଫେରିବାଲା ଗଲାପରେ ଚନ୍ଦ୍ର ଏହା ଜାଣି ସେ ଗ୍ରାମବାସୀଙ୍କୁ ଜଣାଇଥିଲେ। ଏହାପରେ ଗ୍ରାମବାସୀ ଫରିବାଲାକୁ ଖୋଜାଖୋଜି କରିଥିଲେ। ଗାଁ ଲୋକେ କେତେକ ଫରିବାଲାଙ୍କୁ ଅଟକ ରଖି ଏ ବିଷୟରେ ପଚରାଉଚରା କରିଥିଲେ। ସୂଚନା ପାଇ ଲାଠୋର ପୁଲିସ୍ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇଥିଲା। ଘଟଣାର ଅଧିକ ତଦନ୍ତ ପାଇଁ ଲୋକେ ଅଟକ ରଖିଥିବା ଫେରିବାଲାଙ୍କୁ ଲାଠୋର ଥାନାକୁ ନିଆ ଯାଇଥିଲା। ତେବେ ଘଟଣା ନେଇ ଚନ୍ଦ୍ର ଥାନାରେ ଅଭିଯୋଗ କରି ନାହାନ୍ତି।

# ବିବାଦରେ ଫସିଲେ ସାଲେଭଟା ଫାଣ୍ଡି ଅଧିକାରୀ

ବଲାଙ୍ଗିର, ୧୮ ।୧୧(ସମିସ)

ବଲାଙ୍ଗିର ଜିଲ୍ଲାରେ ଗଞ୍ଜେଇ ଧରି ଏବେ ବିବାଦରେ ଫସିଛନ୍ତି ସାଲେଭଟା ଫାଣ୍ଡି ଅଧିକାରୀ। ଲୋଇସିଂହା ଥାନା ଅଧୀନରେ ଥିବା ଏହି ଫାଣ୍ଡିରେ ୨ ଦିନ ତଳେ ଏକ ଟ୍ରାକ୍ଟରରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କୁଆଡେ ଫାଣ୍ଡି ଅଧିକାରୀ ଚଢଉ କରି ପ୍ରାୟ ୧ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ କରିଥିବା ସୂଚନା ଦେଇଥିଲେ। ଏପରିକି ଚଢଉ ସମୟରେ କୁଆଡେ ଡ୍ରାଇଭର ଫେରାର ହୋଇଯାଇଥିବା ନେଇ ମଧ ସେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଏହାକୁ ନେଇ ଏବେ ବିବାଦ ଦେଖାଦେଇଛି। ସତରେ କ'ଣ ଟ୍ରାକ୍ଟରଟି ୨ ଦିନ ପୂର୍ବରୁ ଜବତ ହୋଇଥିଲା। ସତରେ କ'ଣ ଚାଲାଣ କରୁଥିବା ଡ୍ରାଇଭର ଜଣକ ଫେରାର ହୋଇଯାଇଥିଲା। ଏଣୁ ଏହା ପଛରେ ଲୋଇସିଂହା ପୁଲିସ ନିଜ ଦୋଷ ଲୁଚାଇବା ପାଇଁ ଉଦ୍ୟମ କରୁଥିବା ଆଲୋଚନା ହେଉଛି। ଏହି ଟ୍ରାକ୍ଟରଟି ଗତ ୧୧ ତାରିଖରୁ ସାଲେଭଟା ଫାଣ୍ଡିରେ ରହିଥିବା ଆଲୋଚନା ହେଉଛି। ଏତେ ଦିନ ଫାଣ୍ଡିରେ ରହିବା ପରେ ପୁଲିସ କ'ଣ ଏଥିରେ ଗଞ୍ଜେଇ ରହିଛି ବୋଲି ଜାଣିପାରିଲା ନା ଭିତିରି ଡିଲ୍ ଛିଡିଲାନି ବୋଲି ଗଞ୍ଜେଇ ଜବତ କରାଯାଇଛି ବୋଲି ଲୋକେ ପ୍ରଶ୍ନ କରିଛନ୍ତି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ପକ୍ଷରୁ ଏକ ଗଞ୍ଜେଇ ଚାଲାଣ ମାମଲାରେ ସୋମବାର ଏକ ଟ୍ରାକ୍ଟର ଜବତ କରାଯାଇଥିବା ଜଣାପଡ଼ିଛି। ଟ୍ରାକ୍ଟର (ଓଡି ୧୭ ଏଫ ୫୮୨୫)ରେ ଏକ ଲୁକ୍କାୟିତ ଚାମ୍ବର କରି ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଲୋଇସିଂହା ପୁଲିସ ପକ୍ଷରୁ ଚଢଉ କରି ଧରାଯାଇଥିଲା। ଏଥିରୁ ୧ କ୍ୱିଣ୍ଟାଲ ୩୧ କେଜି ଗଞ୍ଜେଇ ଜବତ ହୋଇଥିବା ସାଲେଭଟା ଫାଣ୍ଡି ଅଧିକାରୀ ଭରତ ସାହୁ ସୂଚନା ଦେଇଥିଲେ। ଏହି ଟ୍ରାକ୍ଟରରେ ଚାଲାଣ କରୁଥିବା ଅଭିଯୁକ୍ତ ଫେରାର ହୋଇଥିବା ନେଇ ପୁଲିସ ସୂଚନା ଦେଇଛି। ତେବେ ଏହା କେତେ ସତ ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ଏହି ଚଢଉ ପଛରେ ଅନ୍ୟ କିଛି କାହାଣୀ ରହିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।



ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୧୦ ତାରିଖ ବିଳମ୍ବିତ ରାତିରେ ଲୋଇସିଂହା ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ସନ୍ଦେହଜନକ ଅବସ୍ଥାରେ ଏକ ବାଇକରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଥିଲା। ଉକ୍ତ ବ୍ୟକ୍ତି ଜଣକ ଗାଇଖାଇ ଜଙ୍ଗଲ ନିକଟରେ ଏକ ବାଇକରେ ଥିବା ବେଳେ ତାଙ୍କ ପାଖରେ ପ୍ରାୟ ୫ ଲକ୍ଷରୁ ଅଧିକ ନଗଦ ଟଙ୍କା ରହିଥିବା ପୁଲିସ ଜାଣିବାକୁ ପାଇଥିଲା। ସେ ଅଟକିଥିବା ସ୍ଥାନରୁ ମାତ୍ର କିଛି ଦୂରତାରେ ଏକ ଟ୍ରାକ୍ଟର ମଧ ରହିଥିଲା। ଏହାକୁ ସାଲେଭଟା ଫାଣ୍ଡିରେ ରଖାଯାଇଥିଲା। ଓ ସମ୍ପୃକ୍ତ ବ୍ୟକ୍ତି ସୁଧିର ଗୁରୁ ହୋଇଥିବା ବେଳେ ସେ ଜଣେ ଗଞ୍ଜେଇ ମାଫିଆ ବୋଲି ଜଣାପଡ଼ିଥିଲା। ତାକୁ ଲୋଇସିଂହା ପୁଲିସ ୧୨ ତାରିଖରେ ତରଭା ପୁଲିସ ଏକ ଗଞ୍ଜେଇ ମାମଲାର ଅଭିଯୁକ୍ତ ଭାବେ ହସ୍ତାନ୍ତର କରିଥିଲା। ତାକୁ ତରଭା ପୁଲିସ ଗିରଫ କରିଥିଲା। ଏହାର କିଛି ଦିନ ପରେ ଅର୍ଥାତ ୧୭ ତାରିଖରେ ସାଲେଭଟା ପୁଲିସ ସେହି ଟ୍ରାକ୍ଟରରେ କୁଆଡେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲା। ଏଣୁ ସୋମବାର ପୁଲିସ ମାମଲା ରୁଜୁ କରି ଜବତ କରାଯାଇଥିବା ସୂଚନା ଦେଇଥିବା ଚର୍ଚ୍ଚା ହେଉଛି। ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ଟ୍ରାକ୍ଟରରେ ଗଞ୍ଜେଇ ଥିଲା ତାହା ସତରେ ସାଲେଭଟା ଫାଣ୍ଡି ଅଧିକାରୀ ଜାଣି ନ ଥିଲେ ନା ଜାଣିଶୁଣି ଚୁପ ରହିଥିଲେ। ଯଦି ସମ୍ପୃକ୍ତ ବ୍ୟକ୍ତି ଗଞ୍ଜେଇ ମାଫିଆ ବୋଲି ପୁଲିସ ଜାଣିଲା ତେବେ ଜବତ ଟ୍ରାକ୍ଟରକୁ କାହିଁକି ଠିକ ଭାବେ ଯାଞ୍ଚ କରି ନ ଥିଲା। ଟ୍ରାକ୍ଟରରେ ଜବତ ହୋଇଥିବା ପରିମାଣର ଗଞ୍ଜେଇ ଥିଲା ନା ଅଧିକ ଥିଲା ତାହା ମଧ ତଦନ୍ତ ସାପେକ୍ଷ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନିଜ ଦୋଷ ଲୁଚାଇବାକୁ ଯାଇ ସାଲେଭଟା ଫାଣ୍ଡି ଅଧିକାରୀ ଶନିବାର ଟ୍ରାକ୍ଟର ଧରିବା, ଅଭିଯୁକ୍ତ ଫେରାର ହେବା ବିଷୟ ସାମ୍ନାକୁ ଆଣୁନାହାନ୍ତି ତ ବୋଲି ମଧ ପ୍ରଶ୍ନ ସୃଷ୍ଟି ହୋଇଛି। ଏହିଭଳି ଭାବେ ଗଞ୍ଜେଇ ଜବତ ମାମଲାରେ ସାଲେଭଟା ଫାଣ୍ଡି ଅଧିକାରୀ ବିବାଦୀୟ ହୋଇଥିବା ବେଳେ ଏଥିରେ ଲୋଇସିଂହା ପୁଲିସର ମଧ ଅବହେଳା ସାମ୍ନାକୁ ଆସିଛି। ଏନେଇ ସାଲେଭଟା ଫାଣ୍ଡି ଅଧିକାରୀ ଭରତ ସାହୁଙ୍କୁ ପଚାରିବାରୁ ସେ କିଛି କହିପାରିବେ ନାହିଁ। ଥାନା ଅଧିକାରୀଙ୍କୁ ପଚାରିବାକୁ କହି ପ୍ରଶ୍ନ ଏଡାଇ ଯାଇଥିଲେ।

## ଗଞ୍ଜେଇ କାରବାରରେ ଜଣେ ଗିରଫ



ବଲାଙ୍ଗୀର/ଟିଟିଲାଗଡ଼, ୧୮ ।୧୧ (ସମିସ): ଟିଟିଲାଗଡ଼ ରେଳ ଷ୍ଟେସନରୁ ପୁଣି ଗଞ୍ଜେଇ ଜବତ ହୋଇଛି। ଟିଟିଲାଗଡ଼ ଜିଆରପି ଆଇଆଇସି ଇନ୍ସପେକ୍ଟର ବିନୟ ଭୋଇ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ବ୍ୟକ୍ତିଙ୍କୁ ଚିହ୍ନଟ କରିଥିଲେ। ସେ ହେଉଛି କଳାହାଣ୍ଡି ଜିଲ୍ଲା ନର୍ଲାର ଅଭିଯୁକ୍ତ ମିଟୁ ସୁନା। ସେ ଏକ ଏୟାର ବ୍ୟାଗରେ ଗଞ୍ଜେଇ ନେଇ ଯାଉଥିଲା। ଯାଞ୍ଚ ପରେ ସେଥିରୁ ୯ କିଲୋ ୩୫୯ ଗ୍ରାମ ଚୋରା ଗଞ୍ଜେଇ ମିଳିଥିଲା। ପୁଲିସ ତାକୁ ଗିରଫ କରିବା ସହ ଗଞ୍ଜେଇ ଏବଂ ତା' ମୋବାଇଲ୍ ଫୋନ୍ ଜବତ କରିଥିଲା। ଜବତ ଚୋରା ଗଞ୍ଜେଇର ମୂଲ୍ୟ ୯୦, ୩୫୯ ଟଙ୍କା ବୋଲି ପୁଲିସ ଆକଳନ କରିଛି। ଜାମିନି ମନ ମିଳିବାରୁ ତାକୁ ଟିଟିଲାଗଡ଼ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ୨୯ରୁ ଅଗ୍ନିପଥ ଯୋଜନା ଅଧୀନରେ ସେନା ନିଯୁକ୍ତି ରାଲି

ବଲାଙ୍ଗିର, ୧୮ ।୧୧(ସମିସ): ଓଡ଼ିଶାର ସମସ୍ତ ଜିଲ୍ଲାର ଅଗ୍ନିବୀର ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପାଇଁ ନଭେମ୍ବର ୨୯ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ସମ୍ବଲପୁର ସେନା ନିଯୁକ୍ତି କାର୍ଯ୍ୟାଳୟ ପକ୍ଷରୁ ଜମାଦାରପାଲି ଏୟାରଷ୍ଟ୍ରିପ୍‌ରେ ସେନା ନିଯୁକ୍ତି ରାଲି ଅନୁଷ୍ଠିତ ହେବ। ନିଯୁକ୍ତି ରାଲି ସମୟରେ ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷାର ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀମାନଙ୍କୁ ଶାରୀରିକ ସୁସ୍ଥତା ପରୀକ୍ଷା ଏବଂ ଡାକ୍ତରୀ ପରୀକ୍ଷା ପାଇଁ ଡକାଯାଇଛି। ସଂକ୍ଷିପ୍ତ ତାଲିକାଭୁକ୍ତ ପ୍ରାର୍ଥୀଙ୍କ ପ୍ରବେଶ ପତ୍ର ପୂର୍ବରୁ ସେମାନଙ୍କ ପଞ୍ଜିକୃତ ଇମେଲ୍ ଆଇଡିକୁ ପଠାଯାଇଛି। ପ୍ରାର୍ଥୀମାନେ ଭାରତୀୟ ସେନାରେ ଯୋଗଦାନ ୱେବସାଇଟରେ ଲଗ୍ ଇନ୍ କରି ସେମାନଙ୍କ ପ୍ରୋଫାଇଲ୍‌ରେ ନିଯୁକ୍ତି ରାଲି ପାଇଁ ପ୍ରବେଶ ପତ୍ର ଡାଉନଲୋଡ୍ କରିପାରିବେ। ପ୍ରାର୍ଥୀମାନେ ସମ୍ବଲପୁର ସେନା ନିଯୁକ୍ତି କାର୍ଯ୍ୟାଳୟର ଯୋଗାଯୋଗ ନମ୍ବର ୦୬୬୩-୨୯୫୦୩୫୯ ଏବଂ ୦୬୬୩-୨୫୨୦୮୪୫ରେ ସେନା ନିଯୁକ୍ତି ରାଲି ସମ୍ବନ୍ଧୀୟ ଯେକୌଣସି ସୂଚନା/ପ୍ରଶ୍ନ ପାଇଁ ମଧ ଯୋଗାଯୋଗ କରିପାରିବେ। ନିଯୁକ୍ତି ପ୍ରକ୍ରିୟା ସମୟରେ ପ୍ରାର୍ଥୀମାନେ ସେମାନଙ୍କ ମୂଳ କାଗଜପତ୍ର କୌଣସି ବ୍ୟକ୍ତିଙ୍କୁ ହସ୍ତାନ୍ତର ନ କରିବାକୁ ପରାମର୍ଶ ଦିଆଯାଇଛି। ଏପରି ଘଟଣା ଦୃଷ୍ଟିରେ ଆସିଲେ ତୁରନ୍ତ ସ୍ଥାନୀୟ ପୁଲିସ ଏବଂ ନିଯୁକ୍ତି କର୍ମଚାରୀଙ୍କୁ ଜଣାଇବାକୁ କୁହାଯାଇଛି।

## ୨ ଶିଶୁ ସମେତ ୮ ଦାଦନ ଶ୍ରମିକ ଉଦ୍ଧାର

● ମଧ୍ୟସ୍ଥି ସହ ଗାଡ଼ି ଚାଳକ ଗିରଫ



ଖପ୍ରାଖୋଲ, ୧୮ ।୧୧(ସମିସ): ଖପ୍ରାଖୋଲ ପୁଲିସ ୨ ଶିଶୁ ସମେତ ୮ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଖପ୍ରାଖୋଲ ପେଟ୍ରୋଲ ପମ୍ପ ନିକଟରୁ ପୁଲିସ ମାନଙ୍କୁ ଉଦ୍ଧାର କରିଥିଲା। ଏକ ବୋଲେରୋରେ ବେଆଇନ ଭାବେ ଏମାନଙ୍କୁ ଚାଲାଣ କରାଯାଉଥିଲା। ତେବେ ଏମାନେ ସମସ୍ତେ ବରଗଡ଼ ଜିଲ୍ଲା ପାଇକମାଳ ଥାନା ଅଞ୍ଚଳର। ବେଆଇନ ଦାଦନ ଚାଲାଣ କରୁଥିବା ମଧ୍ୟସ୍ଥି ନୂଆପଡ଼ା ଜିଲ୍ଲା କୋମନା ଥାନା ସୁକୁଲିମୁଣ୍ଡି ଗାଁର ଘନଶ୍ୟାମ ଶବର (୪୨) ଓ ବୋଲେରୋ ଗାଡ଼ି ଡ୍ରାଇଭର ଦ୍ୱାସିର ମହମ୍ମଦ (୨୫)କୁ ପୁଲିସ ଗିରଫ କରିଛି। ଉଦ୍ଧାର ଶ୍ରମିକଙ୍କୁ ପୁଲିସ ନିଜ ଗାଁକୁ ପଠାଇଥିବା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

## କଣ୍ଟାବାଞ୍ଜି ପୋଷ୍ଟ ଅଫିସର ରେକର୍ଡ



କଣ୍ଟାବାଞ୍ଜି, ୧୮ ।୧୧(ସମିସ): ବଲାଙ୍ଗିର ଜିଲ୍ଲାରେ କଣ୍ଟାବାଞ୍ଜି ପୋଷ୍ଟ ଅଫିସ ରେକର୍ଡ ସୃଷ୍ଟି କରିଛି। ନୂତନ ଖାତା ଖୋଲିବା ପାଇଁ ଏକ ସ୍ୱତନ୍ତ୍ର ପର୍ବରେ କଣ୍ଟାବାଞ୍ଜି ପୋଷ୍ଟମାଷ୍ଟର ଗୌରାଙ୍ଗ ଚରଣ ସା ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ପିପିଏଫ, ଏସବି, ଏସ୍‌ଏସ୍‌ଏ, ଟିଡ଼ି, ଏସସିଏସଏସ. ଆରଡ଼ି ଭଳି ବିଭିନ୍ନ ପ୍ରକାର ଯୋଜନାରେ ୨୫୬ ଟି ଖାତା ଖୋଲି ସେ ରେକର୍ଡ ସୃଷ୍ଟି କରିଛନ୍ତି। ଜିଲ୍ଲା ମୁଖ୍ୟ ଡାକ ପ୍ରବନ୍ଧକ ସଞ୍ଜୟ ବିଶ୍ୱାଳ ଏହା ପ୍ରକାଶ କରିଛନ୍ତି। ଶ୍ରୀ ସା କହିଛନ୍ତି ଯେ, ଆସିଷ୍ଟାଣ୍ଟ ପୋଷ୍ଟ ମାଷ୍ଟର ନବୀନ ବୋଏ, ରାଜ କୁମାର ମେହେର, ସରତ ସେଠ, ଅରବିନ୍ଦ ମେହେରଙ୍କ ସହଯୋଗ କ୍ରମେ ଏହି ରେକର୍ଡ ହୋଇପାରିଛି। ସୂଚନାଯୋଗ୍ୟ, ପୂର୍ବରୁ ମଧ କଣ୍ଟାବାଞ୍ଜି ପୋଷ୍ଟ ଅଫିସ ନୂତନ ଖାତା ଖୋଲିବାରେ ଜିଲ୍ଲାର ପ୍ରଥମ ସ୍ଥାନରେ ରହିଥିଲା।

## ଲେବଡ଼ା ପିଏମ୍‌ଶ୍ରୀ ସ୍କୁଲରେ ବିଜ୍ଞାନମେଳା



ମୁରିବାହାଲ, ୧୮ ।୧୧ (ସମିସ): ଲେବଡା ପିଏମ୍‌ଶ୍ରୀ ପାଟଣେଶ୍ୱରୀ ଉଚ୍ଚ ମାଧମିକ ବିଦ୍ୟାଳୟରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ ଦୁତିବାହନ ମୁନାଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପଗୁଡିକ ପ୍ରଦର୍ଶିତ ହୋଇଥିଲା।

ମେଳାରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ ସ୍ନିଗ୍ଧାମୟୀ ସାହୁ, ବୀଣାପାଣୀ ଭୋଇ, ଦୀପା ନାୟକ, ଭଗବାନ ମୁଗ୍ରୀ, ଭକ୍ତରାମ ସାହୁ, ତୋଶ ସାହୁ, ସୁଶାନ୍ତ ପାଢ଼ୀ, ସରୋଜ ସାହୁ, ଉତ୍ତମ ବନଛୋର, ସରୋଜ ସେଠୀ, ରାମକୃଷ୍ଣ ଆଡୟୁଏଡ, ସାଧୁ ଛତର, ଅଙ୍କୁର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଲୋଇସିଂହା କପ୍: ସମ୍ବଲପୁର ବିଜୟୀ



**ଆଜି ଦ୍ୱିତୀୟ ସେମିଫାଇନାଲ**

ଲୋଇସିଂହା, ୧୮ ।୧୧(ସମିସ): ଲୋଇସିଂହା ଷ୍ଟାଡିୟମର ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟସ୍ତରୀୟ ଲୋଇସିଂହା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ବି ଗ୍ରୁପର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସମ୍ବଲପୁର ଓ କୋରାପୁଟ ମଧରେ ଅନୁଷ୍ଠିତ ହୋଇଥିଲା। ଟାଇବ୍ରେକରରେ ୮-୭ ଗୋଲରେ କୋରାପୁଟକୁ ହରାଇ ସମ୍ବଲପୁର ସେମିଫାଇନାଲକୁ ଉନ୍ନୀତ ହୋଇଛି। ବୁଧବାର ଝାରସୁଗୁଡ଼ା ଓ କୋରାପୁଟ ମଧରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ। ମଙ୍ଗଳବାର ସମ୍ବଲପୁର ଦଳର ପିଣ୍ଟୁ ଓରାମ ପ୍ଲେୟାର ଅଫ ଦ ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ରେଫରି କରୁଣାକର ପଧାନ, ବିଜୟ ରଣା ଓ ସୁରେଶ ନାଏକ ଖେଳ ପରିଚାଳନା କରିଥିଲେ। ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ମିଶ୍ର, ଆଗଲପୁର ପୂର୍ବତନ ବ୍ଲକ ଅଧକ୍ଷ ମନମୋହନ ପଟେଲ, ସରପଞ୍ଚ ସଞ୍ଜୟ ଗଡ଼ତ୍ୟା, ଯତୀନ୍ଦ୍ର ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ତେଲେନପାଲି ପଞ୍ଚାୟତରେ ଅଭିଯୋଗ ଶୁଣାଣି



ଖପ୍ରାଖୋଲ, ୧୮ ।୧୧(ସମିସ): ତେଲେନପାଲି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସ୍ଥାନୀୟ ସରପଞ୍ଚ ଶକୁନ୍ତଳା ବେହେରା ଅଧକ୍ଷତା କରିଥିଲେ। ଖପ୍ରାଖୋଲ ତହସିଲଦାର ସତ୍ୟସୁନ୍ଦର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ସହକାରୀ ଯନ୍ତ୍ରୀ ରାଜକିଶୋର ନାଏକ, ଜିପିଇଓ ପରମେଶ୍ୱର ନାଏକ, କନିଷ୍ଠ ବିଭାର, ଏପିଓ ସାହୁ, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ପିଇଓ ବାହୁବଳେନ୍ଦ୍ର ପୁରୋହିତ, ଶିକ୍ଷା ବିଭାଗର ମୀନକେତନ ବରିହା, ଏଡିଇଓ ପ୍ରଶାନ୍ତ ମହାପାତ୍ର, ବ୍ଲକ ଉପାଧକ୍ଷ ସୁଖୀରାମ ସାଣ୍ଡ, ବଂଶୀଧର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ସାଗୁନଭାଡ଼ିରେ ଯାଦବ ଶୌର୍ଯ୍ୟ ଦିବସ



ବଙ୍ଗୋମୁଣ୍ଡା, ୧୮ ।୧୧(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ମୁଣ୍ଡପଦର ପଞ୍ଚାୟତସ୍ଥିତ ସାଗୁନଭାଡି ଗ୍ରାମରେ ବଙ୍ଗୋମୁଣ୍ଡା ବ୍ଲକ ଯାଦବ ମହାସଭା ପକ୍ଷରୁ ଯାଦବ ଶୌର୍ଯ୍ୟ ଦିବସ ମହାସମାରୋହରେ ପାଳିତ ହୋଇଛି। ବଙ୍ଗୋମୁଣ୍ଡା ବ୍ଲକ ଯାଦବ ମହାସଭାର ସଭାପତି ଯୋଗେନ୍ଦ୍ର ବଛା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ମୁଖ୍ୟବକ୍ତା ଭାବେ ଯାଦବ ବୁଦ୍ଧିଜୀବୀ ମଞ୍ଚ ରାଜ୍ୟ ଆବାହକ ଧବଳେଶ୍ୱର ବାଗ, ସମ୍ମାନୀୟ ଅତିଥି ଭାବେ ମୁରିବାହାଲ ବ୍ଲକ ଯାଦବ ମହାସଭାର ସଭାପତି ଗଙ୍ଗାଧର ହେର୍ଣ୍ଡା, ଟିଟିଲାଗଡ଼ ନଗର ଯାଦବ ମହାସଭାର ସଭାପତି କୁନା ଭାଟି, ଚାନ୍ଦୋତରା ପଞ୍ଚାୟତ ସରପଞ୍ଚ ଜିତେନ ବଛା, ଝରିଆଲ ପଞ୍ଚାୟତ ସରପଞ୍ଚ ଭରଦ୍ୱାଜ ଗହିର, ବଙ୍ଗୋମୁଣ୍ଡା ବ୍ଲକ ଯୁବ ଯାଦବ ମହାସଭାର ସଭାପତି ଘନଶ୍ୟାମ ମନହୀରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଗୁନଭାଡ଼ି ଗାଁର ଅବସରପ୍ରାପ୍ତ ସୈନିକ ଉମାଶଙ୍କର ଘିଭେଲା, କଟାଡୁଙ୍ଗରି ଗାଁର ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଲକ୍ଷ୍ମଣ ବାଗଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବଙ୍ଗୋମୁଣ୍ଡା ବ୍ଲକ ଯାଦବ ମହାସଭାର ସାଧାରଣ ସମ୍ପାଦକ ମୁନିରାମ ନାଗ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବିନୋଦ ବାଗ, ପ୍ରତାପ ଭାଟୀ, ପରମେଶ୍ୱର ନାଗ, ଧନସିଂ ନାଗ, ହୁଲେଶ୍ୱର ହଂସ, ପବିତ୍ର ପୋଢ, ନିଲାଞ୍ଚଳ ବଛା, ମିନିକେତନ ନାଗ, ଅର୍ଦ୍ଧେନ୍ଦୁ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଜନ୍ମମାଟିରେ ହ୍ୟୁମାନଙ୍କୁ ଶ୍ରଦ୍ଧାଞ୍ଜଳି

ବଲାଙ୍ଗିର/ଟିଟିଲାଗଡ଼, ୧୮ ।୧୧(ସମିସ)



କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଜନ୍ମମାଟିରେ ଲୋକେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। କଟକରୁ ମରଶରୀର ସଇଁନ୍ତଲା ଥାନା ଡେଙ୍ଗ ଗାଁରେ ପହଞ୍ଚିବା ପରେ ତାଙ୍କର ବହୁ ପ୍ରଶଂସକଙ୍କ ଭିଡ଼ ହୋଇଥିଲା। ସୋମନାଥ ମିଶ୍ରଙ୍କ ସହ ବହୁ ବ୍ୟକ୍ତି ହ୍ୟୁମାନଙ୍କ ମରଶରୀର ବଲାଙ୍ଗିରରେ ପହଞ୍ଚିବା ପରେ ସସମ୍ମାନେ ପାଛୋଟି ନେଇଥିଲେ। ବଲାଙ୍ଗିର ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଯୁବ କଣ୍ଠଶିଳ୍ପୀ ଅର୍ଚ୍ଚନା ପାଢ଼ୀ, ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀଙ୍କ ସମେତ ବହୁ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀର ବଲାଙ୍ଗିରରୁ ଜନ୍ମମାଟି ଡେଙ୍ଗ ନିଆଯାଇଥିଲା। ତେବେ ମଙ୍ଗଳବାର ଅପରାହ୍ନ ୨ଟାରେ ଆମ୍ବୁଲାନ୍ସ ଯୋଗେ ଟିଟିଲାଗଡ଼ ସିଟି ସ୍କୁଲ ନିକଟରେ ହ୍ୟୁମାନଙ୍କ ମରଶରୀର ପହଞ୍ଚିଥିଲା। ସେଠାରୁ ତାଙ୍କ ସମ୍ପର୍କୀୟ ତଥା ତାଙ୍କୁ ଭଲ ପାଉଥିବା ଶ୍ରୋତା ସହରବାସୀଙ୍କ ସହ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଦେବନ୍ଧପଡ଼ା ବାସଭବନରେ ପହଞ୍ଚିଥିଲେ। ସେଠାରେ ହ୍ୟୁମାନଙ୍କ ମା' ଓ ପରିବାର ବର୍ଗଙ୍କ କାନ୍ଦବୋବାଳିରେ ଫାଟି ପଡୁଥିଲା। ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ବିଜେଡି ଜିଲ୍ଲା ସଭାପତି ସରୋଜ ମେହେର, ବିଶିଷ୍ଟ କଣ୍ଠଶିଳ୍ପୀ ପଙ୍କଜ ଜାଲ, ଥାନା ଅଧିକାରୀ କଲ୍ୟାଣୀ ବେହେରାଙ୍କ ସମେତ ଟିଟିଲାଗଡ଼ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ହ୍ୟୁମାନଙ୍କ ଶେଷ ଦର୍ଶନ କରିଥିଲେ। ଏହି ଅବସରରେ ଦେବନ୍ଧପଡ଼ା ବାସଭବନରୁ ତାଙ୍କ ମରଶରୀରକୁ ନେଇ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ସହର ପରିକ୍ରମା ପରେ ତାଙ୍କ ଶରୀରକୁ ଚର୍ଚ୍ଚକୁ ନିଆଯାଇଥିଲା। ଶେଷରେ ରୀତୀନୀତି ଅନୁସାରେ ଅନ୍ତିମ ସତ୍କାର କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

## ଶୁଳିଆଯାତ୍ରା ପାଇଁ ପ୍ରସ୍ତୁତି

ବଲାଙ୍ଗିର/ଦେଓଗାଁ, ୧୮ ।୧୧(ସମିସ): ବଲାଙ୍ଗିରରେ ଶୁଳିଆଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁଳିଆ ମହୋତ୍ସବ କମିଟି ସଭାପତି ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ବୈଠକ ବସିଥିଲା। ମହୋତ୍ସବ କମିଟି କର୍ମକର୍ତ୍ତା ଓ ଶୁଳିଆ ଯାତ୍ରା କମିଟି ସୋମନାଥ ଦେହେରିଆ ସହ ସମସ୍ତେ ଦେହେରିଆ ପୂଜାରୀ ଉପସ୍ଥିତ ଥିଲେ। ଡିସେମ୍ବର ୨୩ରେ ଏହି ଶୁଳିଆଯାତ୍ର ହେବ। ପୂର୍ବ ଦିନ ନିଶିଯାତ୍ର ହେବ। ଶୁଳିଆ ଅବସରରେ ୨୧ ତାରିଖଠାରୁ ୨୩ ତାରିଖ ୩ଦିନ ବ୍ୟାପି ଶୁଳିଆ ମହୋତ୍ସବ ପାଇଁ ନିଷ୍ପତ୍ତି ନିଆ ଯାଇଛି। ଉମାକାନ୍ତ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। କାଳିନ୍ଦ୍ରୀ ମାଝି, ଅନନ୍ତ ଚୌହାନ, ଶଶି ଭୂଷଣ ରଣା, କଂସାବୀର ବାଗ, ହିମାଂଶୁ ଗଡ଼ତ୍ୟା, କନିଷ୍ଠ ମହାନନ୍ଦ, ରଘୁରାଜ ପ୍ରଧାନୀ, ମଧୁବନ ଭୁଏ, ନିରଞ୍ଜନ କୁଅଁର, ଜଗଦୀଶ କୁଅଁର, ବସନ୍ତ କାଳସାଏ, ଦିଲୀପ କୁଅଁର, ନିଦୀ ସା, ଗୋପିନାଥ ମହାନନ୍ଦ, ଶରତ କୁଅଁର, ଭଗବାନ ସେଠ, ସର୍ଜନ ପଧାନ, ଭୋଦେବ ମର୍ଲ୍ଲ, ଗଜନୀଷ ଭୁଏ, ଭଜ ସାହୁ, ସୁରେନ୍ଦ୍ର ଦେହେରିଆଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ପୋଷକ ତତ୍ତ୍ୱ ଧାନ ମୂଲ୍ୟାଙ୍କନ ଦିବସ




ବଲାଙ୍ଗିର, ୧୮ ।୧୧(ସମିସ): ଝାରବଲାଙ୍ଗରେ ପୋଷକ ତତ୍ତ୍ୱ ଧାନ ମୂଲ୍ୟାଙ୍କନ ଦିବସ କରାଯାଇଥିଲା। ମନ୍ତ୍ରୀ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଦେଶର କୁପୋଷଣ ଦୂର କରି ଏକ ସୁସ୍ଥ ଓ ସମୃଦ୍ଧ ଭାରତ ଗଠନ ଦିଗରେ ପୋଷାକ ତତ୍ତ୍ୱ ଧାନ ଚାଷର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ଅଧିକ ଜିଙ୍କ, ଆଇରନ୍, ପ୍ରୋଟିନ ଥିବା ତଥା କମ୍ ଶର୍କରା ଥିବା ଧାନ ଚାଷ ଓ ବ୍ୟବହାର ଅଞ୍ଚଳର କୁପୋଷଣ ମୁକ୍ତ ସମାଜ ଗଠନ କରିବ ବୋଲି ସେ ମତ ରଖିଥିଲେ। ଏ କାର୍ଯକ୍ରମକୁ ଆହୁରି ଅଧିକ ବ୍ୟାପକ କରିବା ପ୍ରତି ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ। ଦିଲ୍ଲୀପ ରାଉତ, ସମ୍ପଦ ନାୟକ, ରାଇଟ୍ ଅଧକ୍ଷ ସୁଧାକର ନନ୍ଦ, ସସ୍ମିତା ଜେନା, ସୁନନ୍ଦା ସାହୁ, ମହାଶକ୍ତି ଫାଉଣ୍ଡେସନର ହୃଷିକେଶ ସାହୁଙ୍କ ତତ୍ତ୍ୱାବଧାନରେ ବହୁ ମହିଳା ଓ ପୁରୁଷ ଚାଷୀ ଧାନଗୁଡିକର କ୍ଷେତ୍ର ମୂଲ୍ୟାଙ୍କନ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



କେବଳ ଟଙ୍କାପଇସା ହୋଇଗଲେ ସଫଳତା ମିଳିବ ନାହିଁ; ଟଙ୍କା ଉପାର୍ଜନ କରିବାର ସ୍ୱାଧୀନତା ଦ୍ୱାରା ହିଁ ସଫଳତା ମିଳିଥାଏ।
-ନେଲସନ ମଣ୍ଡେଲା

## ଜମି ଝାମେଲା

ଜମି କିଣାବିକା ସମ୍ପର୍କିତ ଦଲିଲ୍‌ର ପଞ୍ଜୀକରଣ(ରେଜିଷ୍ଟ୍ରେସନ୍ ଅଫ୍ ସେଲ୍‌ଫ ଡିଡ୍) ଉକ୍ତ ଜମିର ମାଲିକାନା ପ୍ରମାଣପତ୍ର ଭାବେ ସ୍ୱୀକୃତ ହେବ ନାହିଁ ବୋଲି ଦେଶର ସର୍ବୋଚ୍ଚ ଅଦାଲତ ଗତ ଏପ୍ରିଲ୍ ମାସରେ ଦେଇଥିବା ରାୟକୁ ପୁଣି ଗତ ୭ ତାରିଖରେ ଦୋହରାଇଛନ୍ତି। ସମ୍ମାନସ୍ପଦ ଅଦାଲତ ବିଭିନ୍ନ ଦୃଷ୍ଟିରୁ ତର୍ଜମା କରି ଉପରୋକ୍ତ ରାୟ ଦେଇଥିବେ। କିନ୍ତୁ ଏହାଦ୍ୱାରା ବିଚରା କ୍ରେତାଟିଏ ଯେଉଁ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛି ତାହା ବୋଧହୁଏ ଅଦାଲତଙ୍କ ଦୃଷ୍ଟିକୁ ଅଣାଯାଇନାହିଁ। ତୃଣମୂଳସ୍ତରରେ ଏଭଳି ଅନେକ ସମସ୍ୟା ରହିଛି, ଯାହାକୁ ଅଦାଲତଙ୍କ ଉପରୋକ୍ତ ରାୟ ଅଧିକ ଜଟିଳ କରିବାର ଆଶଙ୍କା ରହିଛି।

ସମ୍ପ୍ରତି ଜମିଜମା ସଂକ୍ରାନ୍ତରେ ପ୍ରଚଳିତ ଆଇନଗୁଡ଼ିକ ହେଲା ଟ୍ରାନ୍ସଫର ଅଫ୍ ପ୍ରପର୍ଟି ଆକ୍ଟ-୧୯୮୨(ଯାହା ବଳରେ ବିକ୍ରି, ଉପହାର, ଲିଜ୍ ଓ ମୋର୍ଟଗେଜ୍ ଆକାରରେ ଜମି ହସ୍ତାନ୍ତର କରାଯାଇପାରିବ), ଇଣ୍ଡିଆନ୍ ଷ୍ଟାମ୍ପ ଆକ୍ଟ-୧୮୯୯(ଯେଉଁଥିରେ ସରକାର ପଞ୍ଜୀକରଣ ବାବଦ ଟିକସରେ ଭାଗୀଦାର ହେବେ) ଓ ରେଜିଷ୍ଟ୍ରେସନ୍ ଆକ୍ଟ ୧୯୦୮(ଯାହା ବଳରେ ଦଲିଲ୍ ପଞ୍ଜୀକୃତ ହେବ)। ଉପରୋକ୍ତ ତିନିଟି ଯାକ କ୍ଷେତ୍ରରେ ସବ୍‌ରେଜିଷ୍ଟ୍ରାରଙ୍କ ପାଖରେ ପଞ୍ଜୀକୃତ ହେବା ବାଧ୍ୟତାମୂଳକ, ଯାହା ଫଳରେ କିଏ କାହାକୁ ବିକ୍ରି କଲା ତାହା ରେକର୍ଡଭୁକ୍ତ ହେବ। କିନ୍ତୁ ଜମିର ପ୍ରକୃତ ମାଲିକ କିଏ ତାହା ଏହି ପ୍ରକ୍ରିୟାରେ ପ୍ରମାଣିତ ହୋଇପାରିବ ନାହିଁ କି ସବରେଜିଷ୍ଟ୍ରାର ଜମିର ମାଲିକାନା ଆରୋପିତ କରିବା ପାଇଁ ଅଧିକୃତ ନୁହନ୍ତି।

ସାମ୍ପ୍ରତିକ ତଞ୍ଚକତାପୂର୍ଣ୍ଣ ଦୁନିଆରେ ଅସାଧୁ ଦଲାଲ୍‌ମାନେ ଗୋଟିଏ ଜମିକୁ ଏକାଧିକ ବ୍ୟକ୍ତିଙ୍କୁ ବିକ୍ରି କରିଦେଉଥିବାର ଉଦାହରଣ ବଢ଼ିବାରେ ଲାଗିଛି। ବାହୁବଳ, ଅର୍ଥବଳ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଟିଏ ଜମି ଉପରେ ଅଧିକାର ଜାହିର କରିପାରୁଥିବା ବେଳେ ନ୍ୟାୟପୂର୍ଣ୍ଣ ଓ ଆଇନାନୁମୋଦିତ ପ୍ରକ୍ରିୟାରେ କଷ୍ଟାର୍ଜିତ ଧନରେ ଜମି ଖଣ୍ଡିଏ କିଣିଥିବା ବିଚରା ସାଧାରଣ ଲୋକଟିଏ ସବୁଆଡୁ ନିରାଶ ହେଉଛି। ଏହି ଦୃଷ୍ଟିରୁ ସର୍ବୋଚ୍ଚ ଅଦାଲତଙ୍କ ରାୟ ସ୍ୱାଗତଯୋଗ୍ୟ। କିନ୍ତୁ ସମ୍ପ୍ରତି ଅସାଧୁ ଅମଲାମାନଙ୍କ କାରସାଦୀରେ ବିଚରା ସାଧାସିଧା ଲୋକଟିଏ ଜମି କିଣିବା ପରେ ମଧ୍ୟ ପଟା ବା ମ୍ୟୁଟେସନ୍ ପ୍ରମାଣପତ୍ର ପାଇବା ପାଇଁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡୁଛି। ଯଦି ସେ ଏହା ମଝିରେ ଆର୍ଥିକ ଆବଶ୍ୟକତା ପାଇଁ କିଣିଥିବା ଜମି ଖଣ୍ଡିକ ବିକିବାକୁ ଚାହେଁ ତେବେ ସର୍ବୋଚ୍ଚ ଅଦାଲତଙ୍କ ଉପରୋକ୍ତ ରାୟ ଆଧାରରେ ମାଲିକାନା ପାଇ ନଥିବାରୁ ବିକ୍ରି କରିବାର ଯୋଗ୍ୟ ହେବ କି ନାହିଁ ତାହା ଆଇନଗତ ଜଟିଳତା ସୃଷ୍ଟି କରିବ। ଫଳରେ ମହତ୍ ଉଦ୍ଦେଶ୍ୟରେ ଅଦାଲତ ଦେଇଥିବା ରାୟ ଗରିବ ଲୋକଟିର ବିପକ୍ଷରେ ଯିବ। ଏଣୁ ଆମେ ଅଦାଲତଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ତୃଣତୂଳସ୍ତରରେ ସମସ୍ୟାକୁ ହୃଦୟଙ୍ଗମ କରି ରାୟ ଯେପରି ଗରିବ ଅସହାୟ ଲୋକଟିର ହିତରେ ଆସିପାରିବ ସେଭଳି ପଦକ୍ଷେପ ନିଅନ୍ତୁ। ଆବଶ୍ୟକ ହେଲେ ଆଇନ ମିତ୍ରମାନେ ଏ ଦିଗରେ ସର୍ବୋଚ୍ଚ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରି ରାୟରେ ବିହିତ ସଂଶୋଧନ ପାଇଁ ସାଧୁ ଉଦ୍ୟମ କରିପାରିବେ। ●

## ହସିନା-ଅଡୁଆ ବଢ଼ିଲା

ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସେଠାକାର ଏକ ଅଦାଲତ ଫାଶୀ ଦଣ୍ଡାଦେଶ ଶୁଣାଇବା ପରେ ଭାରତ ପାଇଁ ଅଡୁଆ ବଢ଼ିଛି। ଆନ୍ତର୍ଜାତିକ ଆଇନ୍ ଓ ଭାରତ-ବାଂଲାଦେଶ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତ ହସିନାଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ ବାଧ୍ୟ ନୁହେଁ। କିନ୍ତୁ କୂଟନୈତିକ ସମ୍ପର୍କର ସୁରକ୍ଷା ଦୃଷ୍ଟିରୁ ଅନୌପଚାରିକ ପ୍ରତ୍ୟର୍ପଣ ଭାରତ ପାଇଁ ଅଧିକ ନୈତିକ ତର୍କସମ୍ମତ ବୋଲି ମତ ପ୍ରକାଶ ପାଉଛି। ଅପରପକ୍ଷରେ ଯଦି ହସିନାଙ୍କୁ ପ୍ରତ୍ୟର୍ପଣ କରାଯାଏ ତେବେ ବାଂଲାଦେଶର ମୌଳବାଦୀ ଶକ୍ତି ଆଗରେ ଭାରତ ମୁଣ୍ଡ ନୁଆଁଇବା ଭଳି ହେବ ଏବଂ ସେହିଦେଶରେ ବର୍ତ୍ତମାନ ସକ୍ରିୟ ଗଣତନ୍ତ୍ର ବିରୋଧୀ ମୌଳବାଦୀ ସଂଗଠନ ପ୍ରରୋଚିତ କାମଚଳା ସରକାରଙ୍କୁ ସୁହାଇବ। ତେଣୁ ଶେଖ ହସିନାଙ୍କୁ ପ୍ରତ୍ୟର୍ପଣ କରି ଭାରତ ତାଙ୍କ ସହିତ ୧୫ ବର୍ଷର ସମ୍ପର୍କକୁ କୁଠାରଘାତ କରିବା ଭଳି ପଦକ୍ଷେପ ନେବ କି ନାହିଁ ତାହା ଉପରେ ମଧ୍ୟ ବିତର୍କ ଆରମ୍ଭ ହୋଇଛି।

ଭାରତ ପାଖରେ ଏଭଳି ଅନେକ ବିକଳ୍ପ ରହିଛି, ଯାହା ବଳରେ ହସିନାଙ୍କୁ ପ୍ରତ୍ୟର୍ପଣ ପାଇଁ ବାଧ୍ୟ ନୁହେଁ। ଭାରତ-ବାଂଲାଦେଶ ମଧ୍ୟରେ ୨୦୧୩ରେ 'ପଳାତକ ପ୍ରତ୍ୟର୍ପଣ ଚୁକ୍ତି' ସ୍ୱାକ୍ଷର ହୋଇଥିଲା, ଯେଉଁଥିରେ ୨୦୧୬ରେ କେତେକ ସଂଶୋଧନ କରାଯାଇଥିଲା। ଏହି ସଂଶୋଧିତ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ କେବଳ ସେହି ପଳାତକଙ୍କୁ ପ୍ରତ୍ୟର୍ପଣ କରାଯିବ, ଯାହାଙ୍କୁ ଉଭୟ ଦେଶର ସ୍ଥାନୀୟ ଅଦାଲତ ଦୋଷୀ ସାବ୍ୟସ୍ତ କରି ଅନ୍ୟୂନ ଏକବର୍ଷରୁ ଊର୍ଦ୍ଧ୍ୱ ସଶ୍ରମ କାରାଦଣ୍ଡ ସହିତ ଜୋରିମାନାରେ ଦଣ୍ଡିତ କରିଥିବ। ସେହିପରି ହସିନା ରାଜନୈତିକ ଆଶ୍ରୟ ନେଇଥିଲେ ମଧ୍ୟ ତାଙ୍କୁ ବର୍ତ୍ତମାନ ଶରଣାର୍ଥୀ ଭାବରେ ବିବେଚନା କରାଯାଇପାରିବ। କାରଣ ଜାତିସଂଘର 'ରେଫ୍ୟୁଜି କନ୍‌ଭେନ୍‌ସନ୍ ୧୯୫୧' ଏବଂ '୧୯୬୭ ପ୍ରୋଟୋକଲ୍'ର ନିର୍ଦ୍ଧାରିତ ସଞ୍ଜ୍ଞା ଅନୁଯାୟୀ - ସେହି ଦେଶାନ୍ତରିତ ବ୍ୟକ୍ତି ଯିଏ ଆଇନଗତ କାର୍ଯ୍ୟାନୁଷ୍ଠାନ କିମ୍ବା ପରିସ୍ଥିତିକୁ ଭୟ କରି କିମ୍ବା ଜୀବନପ୍ରତି ବିପଦ ଆଶଙ୍କା କରି ସ୍ୱଦେଶ ଫେରିବାକୁ ଚାହାନ୍ତି ନାହିଁ କିମ୍ବା ତାଙ୍କ ପାଖରେ ଫେରିବାର ସୁଯୋଗ ନାହିଁ କିମ୍ବା ସ୍ୱଦେଶର ନାଗରିକତ୍ୱ ପରିତ୍ୟାଗ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ରେଫ୍ୟୁଜି ବା ଶରଣାର୍ଥୀ ଭାବେ ଅଭିହିତ କରାଯିବ। ହସିନାଙ୍କ କ୍ଷେତ୍ରରେ ଉପରୋକ୍ତ ସଞ୍ଜ୍ଞା ଲାଗୁ ହେଉଥିବାରୁ ଆନ୍ତର୍ଜାତିକ ଆଇନ ଭାରତ ସପକ୍ଷରେ ଅଛି।

ଏ ସବୁର ଊର୍ଦ୍ଧ୍ୱରେ ସାମ୍ପ୍ରତିକ ଦ୍ରୁତପରିବର୍ତ୍ତନଶୀଳ ଭୂ-ରାଜନୈତିକ ଓ କୂଟନୈତିକ ସ୍ଥିତି ଦୃଷ୍ଟିରୁ ହସିନା ପ୍ରସଙ୍ଗ ଭାରତ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ଦଲାଇ ଲାମାଙ୍କୁ ରାଜନୈତିକ ଆଶ୍ରୟ ଦେଇ ଭାରତ ଯେପରି ଚୀନ୍ ଯୁଦ୍ଧର ସମ୍ମୁଖୀନ ହୋଇଥିଲା ତାହାର ପୁନରାବୃତ୍ତି ଶେଖ୍ ହସିନାଙ୍କ ପ୍ରସଙ୍ଗରେ ହେବା ଅସମ୍ଭବ ନୁହେଁ। ସାମରିକ ଶକ୍ତି ଦୃଷ୍ଟିରୁ ବାଂଲାଦେଶ ଏକ ଦୁର୍ବଳ ରାଷ୍ଟ୍ର ହୋଇଥିଲେ ମଧ୍ୟ ଚୀନ୍ ଓ ପାକିସ୍ତାନ ଶରଣରେ ଥିବାରୁ ବଳଶାଳୀ ହେବାକୁ ଅଧିକ ସମୟ ଲାଗିବ ନାହିଁ। ଏହି ସୁଯୋଗରେ ବାଂଲାଦେଶକୁ ମୋହରା କରି ଚୀନ୍ ଓ ପାକିସ୍ତାନ ଉତ୍ତର-ପୂର୍ବ ଦିଗରୁ ଭାରତ ପ୍ରତି ବିପଦ ସୃଷ୍ଟି କରିପାରନ୍ତି। ଇତିମଧ୍ୟରେ ବାଂଲାଦେଶର କାମଚଳା ସରକାରଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଉଗ୍ର ହେଉଛି। ତେଣୁ ହସିନା ପ୍ରସଙ୍ଗରେ ଅଧିକ ଆକ୍ରମଣାତ୍ମକ ହେବା ଅସ୍ୱାଭାବିକ ନୁହେଁ। ଭାରତ ଯେଉଁ ଦେଶକୁ ଜନ୍ମ ଦେଇଥିଲା ସେହି ଦେଶଠାରୁ ପୁଣି ଏକ ସାମରିକ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ଭଳି ପରିସ୍ଥିତି ସୃଷ୍ଟି ନ ହେଉ। ●

# ଛଦ୍ମ-ରାଜନୀତିର କପଟ-ରୋମାଞ୍ଚ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ରୋମାଞ୍ଚ ଅନୁଭବ କରିବା, ସାଦା ଭାଷାରେ କହିଲେ ଲୋମଟାଙ୍କୁରା ସୀତ୍କାରଟିଏ ଅନୁଭବ କରିବା ଆଦୌ ଏମିତି କିଛି ବିରଳ ଅନୁଭବଟିଏ ନୁହେଁ। ଏମିତି ବି କୁହାଯାଇପାରେ ସବୁ କିସମର ମାନବିକୀ ପ୍ରତିକ୍ରିୟାମାନଙ୍କ ଭିତରେ ଏ 'ରୋମାଞ୍ଚ' ପ୍ରତିକ୍ରିୟାଟି, ଏ ଲୋମଟାଙ୍କୁରା ପ୍ରତିକ୍ରିୟାଟି ହେଉଛି ବୋଧହୁଏ ବେଶୀ ଗଣତାନ୍ତ୍ରିକ। ଅର୍ଥାତ୍ ରାଜାପ୍ରଜା, ନାରୀପୁରୁଷ ବା ଜାତିଧର୍ମ ନିର୍ବିଶେଷରେ ଏ ପ୍ରତିକ୍ରିୟାଟି ତା'ର ସାର୍ବଜନିନତା ଜାହିର କରିଥାଏ। କବି ହୁଅନ୍ତୁ କି ଅକବି, ରାଜନେତାଏ ହୁଅନ୍ତୁ କି ପାଗଳ ପ୍ରେମିକ ହୁଅନ୍ତୁ କି ନଛୋଡ଼ବନ୍ଧା ମିଛୁଆ ହୁଅନ୍ତୁ -ସଭିଙ୍କର ନିର୍ଭେଜାଲ ଗଣତାନ୍ତ୍ରିକ ମୌଳିକ ଅଧିକାର ହେଉଛି ଠିକଣା ପାଣିପାଗ ପାଇଲେ ଆପଣା ଦେହର ଥାନଅଥାନରେ ସୋରିଷ ପ୍ରମାଣ ହେଉ କି କୁଆପଥର ପ୍ରମାଣ ହେଉ, ଟାଙ୍କୁରିତ ଆବୁ ମେଞ୍ଚାଏ ମେଞ୍ଚାଏ ଗଜୁରେଇ ଆଣିବା।

କଳାବାଦଲ ତଳେ ପୁଞ୍ଜାଏ ଧୋବ ଫରଫର ବଗବଗୁଲି ଉଡ଼ିଯିବା ଦେଖିଲେ ଶିଶିରଭିଜା ଶରତ ସକାଳେ ଅଭିମାନିନୀ ଶେଫାଳି ଫୁଲଙ୍କ ଆଲୁଳାୟିତ ଭୂମିଲଗ୍ନ-ମୁଦ୍ରା ଦେଖିଲେ କବିମାନଙ୍କ ଲୋମଟାଙ୍କୁରି ଉଠିଥାଏ - କେତେବେଳେ ଘନ ଆବେଗର ଆତିଶଯ୍ୟରେ ତ ଆଉ କେତେବେଳେ ନଶ୍ୱରତାର ଚିନ୍ତନରେ, ଅନିତ୍ୟତାର ଭୟବିଜଡ଼ିତ କରୁଣ ଉପଲବ୍ଧିରେ। ପ୍ରଥମ ପ୍ରେମର ମହ୍ଲାର ରାଗର ଚୁନା ଚୁନା ଉର୍ମିରେ ଧୋଇ ହୋଇଗଲେ ରୋମାଞ୍ଚ, ବରଫଶୀତଳ ଝରଣାଜଳର ଲାଜୁଆ ଛୁଆଁରେ ରୋମାଞ୍ଚ ଏବଂ ନିର୍ଜନ ପ୍ରହରରେ ଗାଁ ଶ୍ମଶାନର ଅଶ୍ୱତ୍ଥ ବୃକ୍ଷର ପତ୍ରଗହଳିରେ ଅମାନିଆ ପବନ ରଚୁଥିବା ଶବ୍ଦ ଭଉଁରୀରେ ବି ରୋମାଞ୍ଚ। ଅପ୍ରତ୍ୟାଶିତ ଆନନ୍ଦ, ଅପ୍ରତ୍ୟାଶିତ ଭୟ, ଆତଙ୍କ ଓ ଛାତିକୁ ରୁନ୍ଧି ପକାଉଥିବା କୋହଉଚ୍ଛୁଳା ଆବେଗ ପରି ସ୍ୱାଭାବିକ ମାନବୀୟ ପ୍ରବୃତ୍ତିସବୁର ଏମିତି ଗୋଲ୍‌ଗୋଲ୍ ଅକ୍ଷରମାନ ଲେଖି ହୋଇଯାନ୍ତି ଅତି-ସଂବେଦୀ ଦେହାଚ୍ଛାଦିତ ଚର୍ମପୃଷ୍ଠାରେ। ଜମା କିଛି ବିରଳ କି ଅନାହୂତ ନୁହେଁ ଏ ରୋମାଞ୍ଚ, ଏ ଲୋମଟାଙ୍କୁରାର ସିରିସିରି ସ୍ପନ୍ଦନ। କିନ୍ତୁ ବିରଳ ବା ଅନାହୂତ ନିଶ୍ଚୟ ଯେତେବେଳେ କେହିଜଣେ ଆପଣାର ମନ୍ଦ ଉଦ୍ଦେଶ୍ୟଟିକୁ ଗୁପ୍ତ ରଖି ସର୍ବସାଧାରଣରେ ବଖାଣି ବସେ ତା'ର ଲୋମଟାଙ୍କୁରାର ଗାଥା, ଯେତେବେଳେ ଯେଉଁ କଥା କି ଘଟଣା ଯୋଗୁଁ ତା'ର ଲୋମଟାଙ୍କୁରେଇ ଯାଇଥିଲା, ଯେଉଁ ଉତ୍ସରୁ ତା' ଦେହର ସେ ଅନ୍ୟଥା ଟାଆଁସା ଚର୍ମ ଉପରେ ଲୋମଟାଙ୍କୁରାର ଚଅଁର ପବନ ଖେଳି ଯାଇଥିଲା, ସେ କଥା, ସେ ଘଟଣା ଓ ଉତ୍ସ କୌଣସି ସଚ୍ଚା ମଣିଷକୁ ତିଳପ୍ରମାଣେ ବି ଚହଲେଇ ଦେବନାହିଁ କିମ୍ବା ଯଦି ବା ଚହଲେଇ ଦେବ, ସେଇଟା ସତ -ରୋମାଞ୍ଚଜନିତ ନହୋଇ ହେବ କେବଳ ନିରୋଳା ବିରକ୍ତିଜନିତ। କାରଣ ସଚ୍ଚା ମଣିଷ ଜଣକ ଅତି ସହଜରେ ହଂସ ପରି ପାଣିରୁ କ୍ଷୀର ଅଲଗା କରିଦେଇଥାଏ, ସତ କାନ୍ଦଣା ଓ କୁମ୍ଭୀର କାନ୍ଦଣାର ଫରକଟିକୁ ବୁଝିଯାଇଥାଏ ଏବଂ ବୁଝି ବି ଯାଇଥାଏ ସତ୍‌ପ୍ରେମ, ସତ୍‌ଭାବ ଓ ସଦିଚ୍ଛା ପ୍ରେରିତ ଉଚ୍ଚାରଣର ଶ୍ରବଣରେ ଯେଉଁ ଲୋମଟାଙ୍କୁରାର ଅନୁଭବଟି ହୋଇଥାଏ, ତା'ର ଉତ୍ସ ସବୁବେଳେ ଖାଦହୀନ, ସବୁବେଳେ ଛଳନା-ନିର୍ମୋକରହିତ ଓ ବିଶୁଦ୍ଧ ଆବେଗପୂର୍ଣ୍ଣ।

କବି, ଭାବୁକ ଓ ଚିନ୍ତକ, ପ୍ରେମଭାବ ବା ମମତ୍ୱବୋଧରେ ସଦା ପୁଲକିତ ମଣିଷମାନେ ରୋମାଞ୍ଚିତ ହୋଇଥା'ନ୍ତି ବାରବାର। ସେମାନଙ୍କର ଏ ଅନୁଭବର ଉତ୍ସ ଅନେକ ସମୟରେ ଖୁବ୍ ମହନୀୟ, ଶୋଭନୀୟ, ଖୁବ୍ ପୂତପବିତ୍ର। ସରସୀ ଜଳରେ ପ୍ରସ୍ଫୁଟିତ ପଦ୍ମଫୁଲର ଶୋଭାରେ ମୋହିତ ହୋଇ କବି ରୋମାଞ୍ଚିତ ହୁଏ ଓ ଗାଇ ଉଠେ: 'କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି'; ନଗାଧିରାଜ ହିମାଳୟରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଭୂଖଣ୍ଡର ଅନନ୍ୟ ସୌନ୍ଦର୍ଯ୍ୟର ସୁମରଣା କରି କବି ଗାଇ ଉଠେ; 'ସୁଜଳାଂ ସୁଫଳାଂ ଶସ୍ୟଶ୍ୟାମଳାଂ' ବା 'ସର୍ବେଷାଂ ନୋ ଜନନୀ ଭାରତ ବର୍ଷେ'; 'ବସୁଧୈବ କୁଟୁମ୍ବକମ୍'ର ସାରତତ୍ତ୍ୱଟି ବୁଝିଥିବା କବି ଗାଇଉଠେ: 'ନିଜ ସ୍ୱାର୍ଥ ଲାଗି ଜାତ ନୁହେଁ ହିନ୍ଦୁ / ବିଶ୍ୱ ହିତେ ତା'ର ପ୍ରତି ପ୍ରାଣବିନ୍ଦୁ' ଓ ପ୍ରତିଟି ମଣିଷର ଦୁଃଖକୁ ନିଜର କରିଥିବା କବି ଗାଇ ଉଠେ: 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ / ଜଗତ ଉଦ୍ଧାର ହେଉ'। ରୋମାଞ୍ଚର ଶିହରଣରେ ଆମେ ଥରି ଉଠୁ ଉଡ୍ଡୀୟମାନ ତ୍ରିରଙ୍ଗାର ଅବଲୋକନରେ, ଥରି ବି ଉଠୁ ଯେତେବେଳେ ସ୍ୱାଧୀନତା ଦିବସର ମାହେନ୍ଦ୍ର ବେଳାରେ ଆମେ ଶୁଣିଥାଉ 'ଏ ମେରେ ୱତନ କେ ଲୋଗୋ'। ଏ ରୋମାଞ୍ଚସବୁ ସ୍ୱର୍ଗୀୟ ରୋମାଞ୍ଚ। ସତ୍-ରୋମାଞ୍ଚ ସବୁର ଉତ୍ସ ହେଉଛି ଆମକୁ କିୟତ୍‌କ୍ଷଣ ପାଇଁ ସ୍ତବଧ୍ କରି ଦେଇଥିବା ଭାବାବେଗ, ଆମକୁ ବିମୋହିତ କରି ଦେଉଥିବା ସୌନ୍ଦର୍ଯ୍ୟ କିମ୍ବା ଆମର ମାନବତାକୁ ଉଜ୍ଜ୍ୱଳ, ପ୍ରଖର, ଜାଗରିତ କରିଦେଉଥିବା ପ୍ରେମ- ସେ ପ୍ରେମ ଦେଶପ୍ରେମ ହୋଇପାରେ, ବିଶ୍ୱପ୍ରେମ ହୋଇପାରେ, ହୋଇପାରେ ବି ଉଚ୍ଚାଙ୍ଗ ଭାବାଦର୍ଶର ପ୍ରେମ କିମ୍ବା ମହାନ୍ ସମ୍ବିଧାନ ପ୍ରତି ଆମର ସମ୍ମାନ, ଆନୁଗତ୍ୟ ଓ ଅଖଣ୍ଡ ପ୍ରେମ। ଏ ଧରଣର ରୋମାଞ୍ଚମାନ ସର୍ବଦା ବନ୍ଦନୀୟ ଓ ସେଥିପାଇଁ ବର୍ଣ୍ଣନୀୟ ମଧ୍ୟ - ସର୍ବସାଧାରଣରେ ହେଉ କି ଏକ କ୍ଷୁଦ୍ର ଅନ୍ତରଙ୍ଗ ମହଲରେ ହେଉ। କିନ୍ତୁ ଘୋର ବିଡ଼ମ୍ବନାର କଥା ଯେ ବର୍ତ୍ତମାନର ଏ 'ପୋଷ୍ଟ-ଟ୍ରୁଥ୍', ଏ 'ଫେକ୍ ବା ଡିପ୍‌ଫେକ୍' ର କାଳଖଣ୍ଡରେ, ଏ ଉଗ୍ର-ଦକ୍ଷିଣ ବା ଉଗ୍ର-ବାମ ଆଦର୍ଶରେ ଭ୍ରଷ୍ଟ-ମୋହିତ ମଣିଷଙ୍କ ଭିଡ଼ ଭିତରେ ପକ୍‌କା ଅଭିନୟ-ପ୍ରବଣ ଏମିତି କେତେ କେତେ ତଥାକଥିତ ରାଜନେତା ଓ ବୁଦ୍ଧିଜୀବୀମାନଙ୍କୁ ଆମେ ଦେଖୁଛେ, ଯେଉଁମାନେ ହଠାତ୍ ଆଦ୍ୟ ଆଷାଢ଼ର ବ୍ରାହ୍ମଣୀ ବେଙ୍ଗମାନଙ୍କ ପରି ଲମ୍ଫ ମାରିବା ଆରମ୍ଭ କରି ଦେଉଛନ୍ତି ଗୋଟିଏ ରାଜନୈତିକ ମଞ୍ଚରୁ ଅନ୍ୟ ଏକ ରାଜନୈତିକ ମଞ୍ଚକୁ; ଯେଉଁମାନେ ଆପଣାକୁ ସବୁପ୍ରକାର ଦୋଷବୋଧରୁ ମୁକ୍ତ କରିଦେବା ପାଇଁ ଏମନ୍ତ ଲମ୍ଫପ୍ରଦାନ, ଏମନ୍ତ 'ବୋଧିପ୍ରାପ୍ତି' ଓ ତଦ୍‌ଜନିତ 'ରୋମାଞ୍ଚ'ର କଥା ଓ ଗାଥାମାନ ବଖାଣି ବସୁଛନ୍ତି ସେମାନଙ୍କୁ ଅପର୍ଯ୍ୟାପ୍ତ ବିସ୍ମୟ, ଅପର୍ଯ୍ୟାପ୍ତ ଅବିଶ୍ୱାସର ସହ ଦେଖୁଥିବା, ଶୁଣୁଥିବା ଶ୍ରୋତା ବା ଦର୍ଶକମାନଙ୍କ ଆଗରେ।

ବିଜ୍ଞାନ କହେ, 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ରୂପକ ଦୈହିକ ବ୍ୟାପାରଟିର ମୂଳରେ ରହିଛି ଆମର 'ଜେନିଟିକ୍' ବା 'ଜୈବ-କୋଷୀୟ' ସ୍ମୃତି; ରହିଛି ବି ବିବର୍ତ୍ତନୀୟ ଇତିହାସର ପ୍ରଥମ ପର୍ଯ୍ୟାୟମାନଙ୍କରେ ଆଦିମ ମଣିଷ ଭୋଗିଥିବା ଭିନ୍ନ ଭିନ୍ନ ଦୈହିକ କ୍ରିୟା-ପ୍ରତିକ୍ରିୟାମାନଙ୍କର ସ୍ମୃତି। ଆଦିମ ମଣିଷର ଶରୀର ଥିଲା ଲୋମବହୁଳ ଏବଂ ଯାବତୀୟ ପ୍ରାକୃତିକ ଦୁର୍ବିପାକ ଭିତରେ ପ୍ରତି ମୁହୂର୍ତ୍ତରେ ମରଣାନ୍ତକ ଭୟ, ଆତଙ୍କସବୁକୁ ସାମ୍ନା କରୁଥିବାବେଳେ 'ରୋମାଞ୍ଚ' ବା 'ଲୋମଟାଙ୍କୁରା' ଥିଲା ଲୋମଶ ମଣିଷର ସ୍ୱାଭାବିକ ଦୈହିକ ପ୍ରତିକ୍ରିୟା। ବାଘର ହେଣ୍ଟାଳ ଶୁଣିଲେ ଆଦିମ ମଣିଷର ଲୋମସବୁ ଠିଆ ହୋଇ ଯାଉଥିଲେ। ଏବେ କିନ୍ତୁ କତିପୟ ଅତ୍ୟାଧୁନିକ ମଣିଷମାନଙ୍କର ଲୋମସବୁ ଠିଆ ହୋଇଯାଉଛନ୍ତି ମାଇକ୍ରୋଫୋନ୍ ଆଗରେ ସେମାନେ ମିଛ ଆଦର୍ଶ, ମିଛ ଦେଶାତ୍ମବୋଧର ବନ୍ଦନା ଗାଉଥିବା ବେଳେ। ଏଣ୍ଡୁଅ ପରି ବାରମ୍ବାର ରଙ୍ଗ ବଦଳାଇବାରେ ଓସ୍ତାଦ କେତେଜଣ ଏବେ ଯେଉଁ 'ରୋମାଞ୍ଚ'ର ସିରିସିରି ଦହନ ଅନୁଭବ କରୁଛନ୍ତି, 'ଲୋମଟାଙ୍କୁରା'ର କଣ୍ଟକାଘାତ ସେମାନେ ଥରେ କେବେ ନିଶ୍ଚୟ ଭୋଗିଥିଲେ ବୋଲି କୋହକମ୍ପିତ ସ୍ୱରରେ ଉଦ୍‌ଗାରି ପକାଉଛନ୍ତି, ସେ ସବୁ ତୁଚ୍ଛା ମିଛ ରୋମାଞ୍ଚ, ମିଛ ଲୋମଟାଙ୍କୁରା। ସେମାନଙ୍କର ଏ ଦୈହିକ (ମାନସିକ ବି) ଅନୁଭବ ହୋଇଥାଏ କେବେ କେଉଁଠି କେଉଁ ମଞ୍ଚରେ କାହା ତୁଣ୍ଡରୁ ଘୃଣା, ଅସୂୟା ଓ ସାଂପ୍ରଦାୟିକତାର ବିଷମୟ ଭାଷଣବାଜି ଶୁଣିବା ପରେ ବା କାହା ତୁଣ୍ଡରୁ ଧର୍ମ, ସଂସ୍କୃତି ଓ ରାଷ୍ଟ୍ରପ୍ରେମ ନାମରେ ବିଭାଜନକାରୀ ମତମନ୍ତବ୍ୟମାନ ଶୁଣିବା ପରେ। ଏମାନଙ୍କର ଏ ଅନୁଭବ ହୋଇଥାଏ ବିକୃତ ଆବେଗ, ବିକୃତ ଆବେଶସବୁର ପ୍ରାବଲ୍ୟ ଯୋଗୁଁ ଏବଂ ଖାସ୍ ସେଥିଯୋଗୁଁ ଏ ଅନୁଭବ ପୂରାପୂରି ଶସ୍ତା, ପୂରାପୂରି ସାଧାରଣ, ଏପରିକି ପୂରାପୂରି ଖାଦହୀନ ଭାବରେ ହାସ୍ୟୋଦ୍ଦୀପକ ମଧ୍ୟ।

କଟାଫଳମାନଙ୍କର ଥାଳିଏ 'ସାଲାଡ୍'ର ଦର୍ଶନରେ କିମ୍ବା କୌଣସି ବିକ୍ରୟଯୋଗ୍ୟ ଲୋଭନୀୟ ଚିଜ ଉପରେ ମସ୍ତବଡ଼ ଆକର୍ଷଣୀୟ 'ଡିସକାଉଣ୍ଟ' ବା 'ରିହାତି'ଟିଏ ପାଇଲେ ଯେମିତି କେତେ କେତେ ଅବୋଧମଣିଷଙ୍କର ଲୋମଟାଙ୍କୁରି ଉଠିଥାଏ ଲଜ୍ଜାହୀନ ସୁଖବୋଧରେ, ସେମିତି ଏମାନଙ୍କର ବି ହୋଇଥାଏ ଠିକଣା ପାଣିପାଗରେ, କିମ୍ବା ଠିକଣା ମଞ୍ଚମାନଙ୍କରେ ଠିଆ ହୋଇଥିବା ବେଳେ। ମିଛ-ରୋମାଞ୍ଚ, ମିଛ ଲୋମଟାଙ୍କୁରା ବନ୍ଦନୀୟ କେବେ ନୁହେଁ, ତେଣୁ ବର୍ଣ୍ଣନୀୟ ବା କେମିତି ହେବ? ଯଦି ଏମିତି କପଟ-ରୋମାଞ୍ଚରେ କିଏ କେବେ ଥରି ଉଠିଥିବ, ସିଏ ଅନ୍ୟ କିଛି ହୋଇପାରେ, କିନ୍ତୁ କେବେ କ'ଣ ସିଏ ମଧୁ, ଗୋପବନ୍ଧୁ କି ଭୀମଭୋଇଙ୍କ ପରି ଜଣେ ସଚ୍ଚା ମଣିଷ, ଜଣେ ଶୁଦ୍ଧସୁବର୍ଣ୍ଣ ମଣିଷ ହୋଇପାରିବ? ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ଅପମିଶ୍ରଣର ସାମ୍ରାଜ୍ୟ

ସୁଧାଂଶୁ ପାତ୍ର

ପୁଷ୍ଟିକର ଖାଦ୍ୟ ଅମୃତ ସମାନ, ଯାହାକି ଶରୀରର ସମସ୍ତ ଆବଶ୍ୟକତା ପୂରଣ କରେ ଏବଂ ସୁସ୍ଥ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୁଏ। କିନ୍ତୁ ଆଜି ଦେଶବାସୀଙ୍କ ସୁସ୍ଥ ଓ ନିରାମୟ ଜୀବନ ଏବେ ମୁନାଫାଖୋର ଅପମିଶ୍ରଣକାରୀ ବେପାରୀଙ୍କ ହାତରେ। ଏହାର ସଦ୍ୟତମ ଉଦାହରଣ ହେଉଛି କିଛିଦିନ ତଳେ ଭେଜାଲ କଫ୍ ସିରପ୍ ଖାଇ ୨୩/୨୫ ଶିଶୁଙ୍କ ମୃତ୍ୟୁ ଘଟଣା। କେନ୍ଦ୍ର ସରକାର କଠୋର ପଦକ୍ଷେପ ନେବା ପରିବର୍ତ୍ତେ ବିଜ୍ଞପ୍ତି ଜାରି କଲେ ଯେ ୨ ବର୍ଷରୁ କମ୍ ବୟସର ଶିଶୁକୁ କଫ୍ ଶିରପ୍ ଦେବା ଉଚିତ ନୁହେଁ। ବିଜ୍ଞପ୍ତି ଜାରି କରି ସରକାର ତାଙ୍କ ଦାୟିତ୍ୱ ସାରିଦେଲେ।

ବିଜ୍ଞାନ ଓ ଟେକ୍‌ନୋଲୋଜି ବିଭାଗ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଦେଶର ୯୦ ପ୍ରତିଶତ ଅପମିଶ୍ରଣ ଦୁଗ୍ଧ ଏବଂ ପନିର, ଖୁଆ, ଦେଶୀ ଘିଅ ପରି ଦୁଗ୍ଧଜାତ ଦ୍ରବ୍ୟରେ ମିଳୁଛି। ବିଭିନ୍ନ ପ୍ରକାର ମାରାତ୍ମକ ଦ୍ରବ୍ୟ ମିଶ୍ରଣ ଫଳରେ ମଣିଷ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଦେଶରେ ଦୈନିକ ୭୫ କୋଟି ଲିଟର ଦୁଗ୍ଧର ଆବଶ୍ୟକତା ଥିବା ବେଳେ ଆମ ଦେଶରେ ମାତ୍ର ୧୫ କୋଟି ଲିଟର ଦୁଗ୍ଧ ଉତ୍ପାଦନ ହେଉଛି, ଯାହାର ଭରପୂର ଫାଇଦା ଉଠାଉଛନ୍ତି ମୁନାଫାଖୋର ଅପମିଶ୍ରଣକାରୀ ବ୍ୟବସାୟୀ। ଦୁଗ୍ଧଜାତ ଦ୍ରବ୍ୟରେ ବିଭିନ୍ନ ମାରାତ୍ମକ ସାମଗ୍ରୀ ମିଶ୍ରଣ କରି ଦେଶର ବଳକା ୫୦ ପ୍ରତିଶତ ଚାହିଦା ମେଣ୍ଟାଉଛନ୍ତି ଦଲାଲଗୋଷ୍ଠୀ। ସବୁଠାରୁ ଆଶ୍ଚର୍ଯ୍ୟ ଯେ, ଏହି ମିଶ୍ରଣ ପ୍ରକ୍ରିୟା ଟେକ୍‌ନୋଲୋଜି ବୈଜ୍ଞାନିକ ପ୍ରଣାଳୀରେ କରାଯିବା ଦ୍ୱାରା ଅସଲି ଓ ନକଲିର ପ୍ରଭେଦ ପରିଖିବା କଷ୍ଟକର। ଅପମିଶ୍ରଣର ଏହି ଗୋଲକଧନ୍ଦା ଓ ଅର୍ଥ ରୋଜଗାରର ଲାଳସାରେ ସମାଜରେ ସାମୂହିକ କ୍ଷତି ଘଟୁଛି। ଅପମିଶ୍ରିତ ଖାଦ୍ୟ ଗ୍ରହଣ ଫଳରେ ଯକୃତ, ଅଗ୍ନାଶୟ, ବୃକକ୍, ହୃତପିଣ୍ଡ ଉପରେ ସାଂଘାତିକ ପ୍ରଭାବ ପଡୁଛି।

ନିକଟ ଅତୀତରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଭାରତରେ ବିକ୍ରି ହେଉଥିବା ୬୫ କୋଟି ଲିଟର ଦୁଗ୍ଧରୁ ୫୦ କୋଟି ଲିଟର ନକଲି ଓ ଅପମିଶ୍ରିତ ବୋଲି ଜଣାପଡ଼ିଛି। ଭାରତରେ ଉତ୍ପାଦିତ ୭୦ ପ୍ରତିଶତ ଦୁଗ୍ଧ ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷାମାନ ନିୟମାବଳୀ ପୂରଣ କରିପାରୁନାହିଁ। ଦୁଗ୍ଧଜାତ ଦ୍ରବ୍ୟରେ ହିଁ ଅପମିଶ୍ରଣ ମାତ୍ରାଧିକ। ଏକଦା ଘରେଘରେ ଦୁଧିଆଳି ଗାଈ ବନ୍ଧା ଯାଉଥିଲା। ଯାହାକି ଘରଘରର ଚାହିଦା ମେଣ୍ଟାଇବା ସହ ଦୁଗ୍ଧ ବ୍ୟବସାୟ ମାଧ୍ୟମରେ ଚାଷୀ ଭାଇ ୨ ପଇସା ରୋଜଗାର କରିପାରୁଥିଲା। ମାତ୍ର ଏବେ ସମୟ ବଦଳିଛି। ବର୍ତ୍ତମାନ ଦୁଗ୍ଧ ଚାହିଦା ମେଣ୍ଟାଉଛି ଅପମିଶ୍ରିତ କୃତ୍ରିମ ଦୁଗ୍ଧ। ବିଭିନ୍ନ ପ୍ରକାର ରାସାୟନିକ ଦ୍ରବ୍ୟ ମିଶାଇ ଏହି କୃତ୍ରିମ ଦୁଗ୍ଧ ଉତ୍ପାଦନ କରାଯାଉଛି। ଏଥିପାଇଁ ଦେଶରେ ଗଢ଼ିଉଠିଛି ହଜାର ହଜାର ଉଦ୍ୟୋଗ। ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ଆବଶ୍ୟକତା ରହିଛି ଏବଂ ସମୟ ମଧ୍ୟ ଆସିଯାଇଛି।

କିଛିଦିନ ତଳେ ଦୁଗ୍ଧ ଉତ୍ପାଦନରେ ଅପମିଶ୍ରଣ ସମ୍ପର୍କରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ପଞ୍ଜାବ ସରକାରଙ୍କ ତରଫରୁ କୋର୍ଟରେ ପ୍ରଦତ୍ତ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ, ୨୦୧୯ ଡିସେମ୍ବରରୁ ୨୦୨୪ ମଧ୍ୟରେ କେବଳ ପଞ୍ଜାବରେ ୨୧୯୧ ମାମଲାରେ ଦଣ୍ଡବିଧାନ ହୋଇଛି। ୩ କୋଟି ଲକ୍ଷ ୭୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଚଳିତ ଆଇନର ସଂଶୋଧନ ଆବଶ୍ୟକ। ଜୋରିମାନା ଆଦାୟ ସହ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବାର ସମୟ ଆସିଛି। କାରଣ ଏହି ଅପମିଶ୍ରଣ ବର୍ତ୍ତମାନ ଦୁଗ୍ଧ କିମ୍ବା ଦୁଗ୍ଧଜାତ ଉତ୍ପାଦନରେ ସୀମିତ ନାହିଁ। ଏହା ଆଇସକ୍ରିମ, ଗୋଲାପଜଳ, ଡାଲି, ବିଭିନ୍ନ ପ୍ରକାର ମସଲା, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀରେ ସାମିଲ୍ ହେଲାଣି। ଅପମିଶ୍ରଣ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବଳ କୋହଳ ଦଣ୍ଡ ଓ ଜୋରିମାନା ଆଦାୟରେ ସୀମିତ ରହୁଥିବାରୁ ଅପମିଶ୍ରଣକାରୀ ମୁନାଫାଖୋର ବେପାରୀ ଏହାକୁ ଖାତିର ନକରି ଅଧିକ ଉତ୍ସାହିତ ହେଉଛନ୍ତି ଏବଂ ଦିନକୁ ଦିନ ଏହି ଅପରାଧର ପରିସର ବୃଦ୍ଧି ପାଉଛି। କେତେକ କ୍ଷେତ୍ରରେ ଏହାକୁ ଦୃଢ଼ ଭାବେ ଦମନ କରିବା, ଧରପଗଡ଼ କରିବା ଏବଂ ମାମଲା ରୁଜୁ କରିବା ପାଇଁ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନଙ୍କ କୋହଳ ମନୋଭାବ, ଅଣଦେଖା ବ୍ୟବହାର ଅପରାଧ ବୃଦ୍ଧିର ଅନ୍ୟ ଏକ କାରଣ।

ଏହି ପରିପ୍ରେକ୍ଷୀରେ ବେଳ ଥାଉଥାଉ ସାବଧାନ ନ ହେଲେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ସତ ହେବ। ୨୦୨୫ ଶେଷ ବେଳକୁ ୮୮ ପ୍ରତିଶତ ଭାରତୀୟ ଘାତକ ରୋଗର ଶିକାର ହେବେ। ତେଣୁ ଏହା ବିରୁଦ୍ଧରେ ଏକ ପ୍ରବଳ ଜନଜାଗରଣର ଆବଶ୍ୟକତା ସହ ଅପମିଶ୍ରଣକୁ ଦେଶରୁ ସମୂଳେ ନିପାତ କରିବା ପାଇଁ ସମସ୍ତ ରାଜ୍ୟ, ଜିଲ୍ଲା, ପଞ୍ଚାୟତସ୍ତରରେ ଯୁଦ୍ଧକାଳୀନ ଭିତ୍ତିରେ ନିୟମିତ ଚଢ଼ାଉ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବା ଦରକାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ବିଧାନ ସ୍ତରରେ ଆଇନକୁ କଡ଼ାକଡ଼ି କରାଯାଇ ଜୋରିମାନା ସହ ଦୋଷୀଙ୍କ ବିରୋଧରେ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ଲାଗୁ କରାଯିବା ଉଚିତ୍। ●

ଭୁବନେଶ୍ୱର, ମୋ: ୯୦୯୦୩୨୩୨୬୦

# ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ନୀଳାଚଳରେ ବିଶାଳ ମନ୍ଦିର ଏବଂ ରତ୍ନବେଦୀରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପ୍ରତିଷ୍ଠାପନ ଉତ୍ସବ ବ୍ରହ୍ମାଙ୍କ ପୌରୋହିତ୍ୟରେ ମହାସମାରୋହରେ ସମାପନ ହେଲା। ଦେବତାମାନେ ନିଜ ନିଜର ବାହାନ ଆରୋହଣ କରି ସ୍ୱର୍ଗପୁରକୁ ଫେରିଗଲେ। ନିମନ୍ତ୍ରିତ ଅତିଥିମାନେ ନିଜ ନିଜ ରାଜ୍ୟକୁ ବାହୁଡ଼ି ଗଲେ। ପୁରୋହିତ ବ୍ରହ୍ମା ମଧ୍ୟ ରାଜାଙ୍କୁ ଆଶୀର୍ବାଦ କରି ମେଲାଣି ନେଲେ। ଶେଷକୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମ୍ମୁଖରେ କେବଳ ଦୁଇଜଣ ଦଣ୍ଡାୟମାନ ଥିଲେ - ରାଜା ଇନ୍ଦ୍ରଦ୍ୟୁମ୍ନ ଓ ରାଣୀ ଗୁଣ୍ଡିଚା।

ରାଜା ଅପଲକ ନୟନରେ ଜଗନ୍ନାଥଙ୍କ ଶ୍ରୀମୁଖକୁ ଚାହିଁ ରହିଥା'ନ୍ତି। ଧାର ଧାର ଆନନ୍ଦାଶ୍ରୁ ଆଖିରୁ ବୋହି ଚାଲିଥାଏ। 'କାହିଁ ମାଳବ କାହିଁ ଉତ୍କଳ, ସେଠାରୁ ଆସି ଶିବିର ସ୍ଥାପନ କରି ଏକସହସ୍ର ଅଶ୍ୱମେଧ ଯଜ୍ଞ କରିବା, ସୁଦୂର ବିନ୍ଧ୍ୟ ପର୍ବତରୁ ପଥର ସଂଗ୍ରହ କରି ମନ୍ଦିର ନିର୍ମାଣ କରିବା, ମହାଦାରୁରେ ବୁଢ଼ା ବଢ଼େଇ ଦ୍ୱାରା ବିଗ୍ରହ ନିର୍ମାଣ କରିବା ଓ ବ୍ରହ୍ମଲୋକରୁ ବ୍ରହ୍ମାଙ୍କୁ ଆଣି ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରିବା- ଏ ସବୁ ରାଜାଙ୍କୁ ସ୍ୱପ୍ନ ପରି ଲାଗୁଥିଲା। ସେ ବିଶ୍ୱାସ କରି ପାରୁ ନ ଥିଲେ ଯେ ଏତେସବୁ କାର୍ଯ୍ୟ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏହା କେବଳ ମହାପ୍ରଭୁଙ୍କ ଅପାର କରୁଣା ଯୋଗୁଁ ସମ୍ଭବ ହୋଇଥିଲା ବୋଲି ଚିନ୍ତା କରି ରାଜା ଠାକୁରଙ୍କ ଉଦ୍ଦେଶ୍ୟରେ ଭୂମିଗତ ପ୍ରଣାମ କଲେ। ରାଜାଙ୍କୁ ଦେଖି ରାଣୀ ମଧ୍ୟ ସାଷ୍ଟାଙ୍ଗ ପ୍ରଣାମ କଲେ। ଏହି ସମୟରେ ମହାପ୍ରଭୁ କହିଲେ - 'ବତ୍ସ ଇନ୍ଦ୍ରଦ୍ୟୁମ! ମୋତେ ପ୍ରତିଷ୍ଠାପନ କରି ତୁମେ ମୋର ମହାନ ଭକ୍ତମାନଙ୍କ ଭିତରେ ଅଗ୍ରଗଣ୍ୟ ହେଲ। ଜଣେ ପରମ ବୈଷ୍ଣବ ରୂପେ ଯୁଗଯୁଗକୁ ତୁମର ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। ମୁଁ ଏହି ଧାମରେ ନିତ୍ୟ ବିରାଜମାନ କରିବି। ମୁଁ ଯେପରି ଚିରନ୍ତନ ଏ ଧାମ ସେହିପରି ଚିରନ୍ତନ। ଭକ୍ତ ମୁଖରେ ତୁମର ନାମ ମଧ୍ୟ ଚିରନ୍ତନ ହେବ। ବର୍ତ୍ତମାନ ମୁଁ ତୁମକୁ ଏକ ବର ଦେବାକୁ ଚାହେଁ। ତୁମେ ତୁମର ଇଚ୍ଛାନୁସାରେ ବର ମାଗି ପାର।'

'ମହାପ୍ରଭୁ! ଏ ଅକିଞ୍ଚନକୁ ଆପଣ ସ୍ୱଦେହରେ ଦର୍ଶନ ଦେଇଛନ୍ତି। ସେତିକି ମୋ ପାଇଁ ଯଥେଷ୍ଟ। ମୋର ଆଉ କୌଣସି ବରର ଆବଶ୍ୟକତା ନାହିଁ।' ଇନ୍ଦ୍ରଦ୍ୟୁମ୍ନ ଭାବବିଗଳିତ ସ୍ୱରରେ କହିଲେ। ମହାପ୍ରଭୁ କହିଲେ- 'କିନ୍ତୁ ତୁମକୁ କିଛି ଦେବା ପାଇଁ ମୋ ମନରେ ଆଗ୍ରହ ଅଛି। ମୋର ଇଚ୍ଛା ପୂରଣ କରିବା ପାଇଁ ତୁମକୁ ମୋତେ କିଛି ମାଗିବାକୁ ପଡ଼ିବ।' ତହୁଁ ଇନ୍ଦ୍ରଦ୍ୟୁମ୍ନ କହିଲେ- 'ପ୍ରଭୁ! କିଛି ମାଗିବା ପାଇଁ ଯେବେ ମୁଁ ନିର୍ଦ୍ଦେଶିତ ହୁଏ, ତା' ହେଲେ 'ତୁମ୍ଭେ ଯେବେ ବର ଦେବ ମାଗୁଅଛି ମୁହିଁ, ମୋହର ବଂଶରେ କେହି ନ ଥିବେ ଗୋସାଇଁ / ପୁତ୍ର ନାତି ବୋଲିବେ ଯେ ଦେଉଳ ଆମ୍ଭର, ଆମ୍ଭର ବୋଇଲେ ଧର୍ମ୍ମ ଯିବ ଯେ ମୋହର।' ମହାପ୍ରଭୁ 'ତଥାସ୍ତୁ' କହି ଇନ୍ଦ୍ରଦ୍ୟୁମ୍ନଙ୍କ ବର ଦେଲେ। କିନ୍ତୁ ରାଣୀ ଗୁଣ୍ଡିଚା ରାଜାଙ୍କୁ କହିଲେ- 'ମହାରାଜ! ଆପଣ ଏ କି ବର ପ୍ରାର୍ଥନା କରି ନେଲେ? ଆମେ ଅପୁତ୍ରିକ ହେଲେ, ଆମକୁ ପୁତ୍ ନର୍କରୁ ଉଦ୍ଧାର କରିବ କିଏ? ଆମର ମରଣ ପରେ ଆମକୁ ଶ୍ରାଦ୍ଧ ଦାନ କରିବ କିଏ? ଆପଣ ଏ ବର ଫେରେଇ ନେବା ପାଇଁ ମହାପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ।'

ରାଣୀଙ୍କର ଅଭିଯୋଗ ମହାପ୍ରଭୁ ଶୁଣୁଥିଲେ। ରାଜା କିଛି କହିବା ଆଗରୁ ସେ କହିଲେ- 'ମାତା! ଥରେ ବର ଦେଲା ପରେ ଆଉ ତା'ର ପରିବର୍ତ୍ତନ ସମ୍ଭବ ହୁଏ ନାହିଁ। କିନ୍ତୁ କାଳକାଳକୁ ମୁଁ ତୁମ ଦୁହିଁଙ୍କୁ ପିତାମାତା ରୂପେ ସ୍ୱୀକାର କରୁଛି ଏବଂ ମୋତେ ତୁମର ପୁତ୍ର ରୂପେ ଘୋଷଣା କରୁଛି। ମୋର ପୂର୍ବଜନ୍ମର ପିତାମାତାଙ୍କ ସହ ମୁଁ ତୁମ ଦୁହିଁଙ୍କୁ ସମାନ ଆସନ ପ୍ରଦାନ କରୁଛି। ଦେବ ଦୀପାବଳୀ ତିନିଦିନ ମୁଁ ଆପଣମାନଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ପ୍ରଥମ ଦିନ ମୋର ବାମନାବତାରର ପିତାମାତା ଅଦିତି ଓ କାଶ୍ୟପଙ୍କୁ, ଦ୍ୱିତୀୟ ଦିନ ରାମାବତାରର ପିତାମାତା ଦଶରଥ ଓ କୌଶଲ୍ୟାଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୃତୀୟ ଦିନ ମୁଁ ମୋର କୃଷ୍ଣାବତାରର ଜନ୍ମିତ ପିତାମାତା ବସୁଦେବ ଓ ଦେବକୀ ଏବଂ ପାଳିତ ପିତାମାତା ନନ୍ଦ ଓ ଯଶୋଦାଙ୍କ ସହ ତୁମ ଦୁଇଜଣଙ୍କୁ ଦୀପ ଓ ଶ୍ରାଦ୍ଧ ଦାନ କରିବି। ତୁମେ ଏଠାରେ ମୋତେ ପ୍ରତିଷ୍ଠାପନ କରି ଥିବାରୁ ଧର୍ମ ବିଚାରରେ ମୋର ପିତାମାତା ପଦବାଚ୍ୟ ହେଲ। ତୁମକୁ ସେ ମର୍ଯ୍ୟାଦା ପ୍ରଦାନ କରି ମୁଁ ସଂସାରକୁ ଏକ ବାର୍ତ୍ତା ଦେବାକୁ ଚାହେଁ। ତା' ପରେ ସବୁବର୍ଷ ଘୋଷଯାତ୍ରା ସମୟରେ ମୁଁ ନଅ ଦିନ ପାଇଁ ତୁମ ମନ୍ଦିରରେ ଅବସ୍ଥାନ କରି ତୁମର ମାତୃସ୍ନେହ ଲାଭ କରିବି।' ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଧାନସଭା ପରିଦର୍ଶନ କଲେ ୧୨ଟି ଦେଶର ୪୦ ଜଣ ପ୍ରତିନିଧି

ଭୁବନେଶ୍ୱର, ୧୮।୧୧(ସମିସ): ନୂଆଦିଲ୍ଲୀସ୍ଥିତ ଲୋକସଭା ସଚିବାଳୟର ସଂସଦୀୟ ଲୋକତନ୍ତ୍ର ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ(ପ୍ରାଇଡ) ପକ୍ଷରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧି ମଙ୍ଗଳବାର ଓଡ଼ିଶା ବିଧାନସଭା ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ ଓଡ଼ିଶା ବିଧାନସଭାର କାର୍ଯ୍ୟପ୍ରଣାଳୀ ଏବଂ ବିଧି ବ୍ୟବସ୍ଥା ବାବଦରେ ଅବଗତ ହୋଇଛନ୍ତି। ବିଧାନସଭା ସଚିବାଳୟ ସମ୍ମିଳନୀ କକ୍ଷରେ ଏନେଇ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ବାଚସ୍ପତି



ସୁରମା ପାଢ଼ୀ ଏହାକୁ ଉଦଘାଟନ କରିଥିଲେ। ଉପସ୍ଥିତ ପ୍ରତିନିଧିମାନଙ୍କୁ ବାଚସ୍ପତି ସ୍ୱାଗତ କରିବା ସହ ବିଧାନସଭାର ଗୌରବମୟ ଇତିହାସ ଓ ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

୧୭ ତମ ବିଧାନସଭାର ପ୍ରଥମ ବର୍ଷରେ ମୋଟ ୬୨ ଦିନ ଅଧିବେଶନ କାର୍ଯ୍ୟ ଦିବସ ସମ୍ପାଦନ ହୋଇପାରିଛି। ଏତଦ୍‌ବ୍ୟତୀତ ଓଡ଼ିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଇଜେସନ୍ ଏବଂ କମ୍ପ୍ୟୁଟରୀକରଣ ହେବା ସହ ନେଭା ଦ୍ୱାରା ସମସ୍ତ କାର୍ଯ୍ୟକୁ କାଗଜ ଶୂନ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ବାଚସ୍ପତି ଏହି ଅବସରରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଓଡ଼ିଶା ବିଧାନସଭାର ବିଧି ବ୍ୟବସ୍ଥା ଓ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ସଂସଦୀୟ ଓ ସାଂସ୍କୃତିକ ପରମ୍ପରାର ଆଦାନ ପ୍ରଦାନ କାର୍ଯ୍ୟକ୍ରମକୁ ଆହୁରି ନିବିଡ କରିବା ପାଇଁ ଡ. ମହାଲିଙ୍ଗ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରାଜ୍ୟସଭା ସାଂସଦ ସୁଜିତ କୁମାର ଭାରତୀୟ ସଂସଦୀୟ ପରମ୍ପରା ଓ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ବିଧାନସଭାର ଗବେଷଣା ନିର୍ଦ୍ଦେଶକ ତ୍ରିବିକ୍ରମ ପ୍ରଧାନ, ପ୍ରଶାନ୍ତ ମଲ୍ଲିକ, ପ୍ରାଇଡର ନିର୍ଦ୍ଦେଶକ ଏବଂ ବିଧାନସଭାର ଅଧିକାରୀମାନେ ଉପସ୍ଥିତ ଥିଲେ।

**ବହୁଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲା**

# ପରିବାରର ୫ ଜଣଙ୍କୁ ଆଜୀବନ ସଜା

ରାୟଗଡ଼ା, ୧୮।୧୧(ସମିସ): ୨୦୧୪ ମସିହାରେ ରାୟଗଡ଼ା ସହରରେ ସଂଘଟିତ ବହୁ ଚର୍ଚ୍ଚିତ କେ. ଆପଲା ନାରାୟଣ ହତ୍ୟା ମାମଲାର ଶୁଣାଣି କରି ରାୟଗଡ଼ା ଜିଲ୍ଲା ଓ ଦୌରାଜଜ୍ କୋର୍ଟର ବିଚାରପତି ସତ୍ୟନାରାୟଣ ଷଡ଼ଙ୍ଗୀ ଗୋଟିଏ ପରିବାରର ୫ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୧ବର୍ଷ ଜେଲରେ ରହିବାକୁ ପଡ଼ିବ। ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀମାନେ ହେଲେ, ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍। ୧୪ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଭିତ୍ତି କରି ଦୀର୍ଘ ୧୧ବର୍ଷ ପରେ ଅଦାଲତ ଉପରୋକ୍ତ ରାୟ ଶୁଣାଇଛନ୍ତି। ୨୦୧୪ ଅଗଷ୍ଟ ୯ରେ ରାୟଗଡ଼ା ସହରରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ରେ ଖଲାସି ରୂପେ କାର୍ଯ୍ୟ କରୁଥିବା ବୁଦୁରାବଲାସାର କେ. ଆପଲା ନାରାୟଣଙ୍କୁ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରିଥିଲେ। ପୂର୍ବଶତ୍ରୁତାକୁ ନେଇ ଉଦୟପ୍ଲାଜା ସିନେମା ହଲ ନିକଟରେ କୁକୁଡ଼ା ଫାର୍ମଠାରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ପି. ସୂରିଆ ରାଓ, ପି. ଶଙ୍କର ରାଓ, ପି. ଶ୍ରୀନୁ, ପି. ତ୍ରିନାଥ ରାଓ ଏବଂ ପି. ସତ୍ୟମ୍ ମିଳିତ ଭାବେ ଆକ୍ରମଣ କରିଥିଲେ। ଏହି ଘଟଣା ନେଇ ମୃତକଙ୍କ ସମ୍ପର୍କୀୟ ଏ. ରାବଣା ରାୟଗଡ଼ା ଥାନାରେ ମାମଲା ରୁଜୁ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରିଥିଲା। ସରକାରୀ ଓକିଲ ବିକ୍ରମ କୁମାର କୁଣ୍ଡୁ ଏହି ମାମଲା ପରିଚାଳନା କରୁଥିଲେ।

**ଠକ ଅଜିତ୍ ସହ ଆଇଏଏସ୍ ଅଧିକାରୀଙ୍କ ସହ ଘନିଷ୍ଠ ସମ୍ପର୍କ!**

# ସିବିଆଇ ସ୍କାନରରେ ସରକାରଙ୍କ ବରିଷ୍ଠ ଅଧିକାରୀ

ଭୁବନେଶ୍ୱର, ୧୮।୧୧(ସମିସ): ଜିଏସ୍‌ଟି ରେଡ୍‌ରୁ ବଞ୍ଚାଇବା ପାଇଁ ୧୮ ଲକ୍ଷ ଟଙ୍କା ଲାଞ୍ଚ କାରବାର ଘଟଣାରେ ଅଜିତ୍ କୁମାର ପାତ୍ର ଓ ତାର ସହଯୋଗୀ ମିକୁଲାଲ୍ ଜୈନଙ୍କ ଗିରଫ ପରେ ଅନେକ ଅଫିସରଙ୍କ ମନରେ ପଶିଛି ଛନକା। ଏହି ସର୍ବଭାରତୀୟ ଠକ ସହ ରାଜ୍ୟର ଅନେକ ବରିଷ୍ଠ ଅଫିସରଙ୍କ ସମ୍ପର୍କର ସୂତ୍ର ସିବିଆଇ ହାତରେ ଲାଗିଥିବା କୁହାଯାଉଛି ଏବଂ ଜଣେ ସଚିବସ୍ତରୀୟ ଅଧିକାରୀଙ୍କ ସହ ତାଙ୍କ ଘନିଷ୍ଠ ସମ୍ପର୍କ ଥିବା ପ୍ରାଥମିକ ତଦନ୍ତରୁ ସିବିଆଇ ଜାଣିବାକୁ ପାଇଛି। ସମ୍ପୃକ୍ତ ଅଧିକାରୀ ବଲାଙ୍ଗୀର ଜିଲ୍ଲାରେ ଜମିବାଡ଼ି କିଣାରେ ଅଜିତ୍ ମଧ୍ୟସ୍ଥତା କରିଥିବା ସିବିଆଇ ସୂଚନା ପାଇଛି । ଏ ସମ୍ପର୍କରେ ସିବିଆଇ ଡିଜିଟାଲ୍ ପ୍ରମାଣ ଯୋଗାଡରେ ଲାଗିଛି ଓ ଖୁବ୍ ଶୀଘ୍ର ତାଙ୍କୁ ଜେରା ଲାଗି ନୋଟିସ ହୋଇପାରେ ବୋଲି ଏହି ସୂତ୍ରରୁ ଜଣାପଡ଼ିଛି ।

**ବଲାଙ୍ଗିର ଜମି କିଣା ମାମଲାରେ ହୋଇପାରେ ଜେରା**

ସମ୍ପୃକ୍ତ ଅଧିକାରୀ ଜଣକ ବିଭିନ୍ନ ଜିଲ୍ଲାରେ ଜିଲ୍ଲାପାଳ ଥିବାବେଳେ ଅଜିତ ତାଙ୍କର ପାଖଲୋକ ଭାବରେ ପରିଚିତ ଥିଲା। ତାଙ୍କ ମାଧ୍ୟମରେ ସେ ଆହୁରି ଅନେକ ଆଇଏଏସ୍ ଓ ଓଏଏସ୍‌ଙ୍କ ପାଖଲୋକ ହୋଇ ପାରିଥିଲା। ବଲାଙ୍ଗିର ଜିଲ୍ଲାରେ ଜମି କିଣିଥିବା ଏହି ଅଧିକାରୀମାନଙ୍କୁ ଅଜିତ୍ ସହଯୋଗ କରିଥିଲା। ସମ୍ପୃକ୍ତ ଅଧିକାରୀ ପାଟଣାଗଡ଼ ଓ ଟିଟିଲାଗଡ଼ରେ ନିଜର ସମ୍ପର୍କୀୟଙ୍କ ନାମରେ ବହୁ ଜମି କିଣିଛନ୍ତି ଏବଂ ଏଥିରେ ଅଜିତ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ଜମି କିଣାବିକାରୁ କୋଟିକୋଟି ଟଙ୍କା ରୋଜଗାର କରିବା ସହିତ ନିଜ ନାମରେ ମଧ୍ୟ କିଛି ପ୍ଲଟ୍ କିଣିଥିଲା। ବ୍ୟାପକ କଳା ଟଙ୍କା କାରବାର କରିବାରେ ସେ ପ୍ରମୁଖ ମାଧ୍ୟମ ସାଜିବା ସହ ବାବୁଙ୍କ ପାଖଲୋକ ଭାବେ ବିଭିନ୍ନ ଅଫିସରେ ପତିଆରା ପ୍ରଦର୍ଶନ କରୁଥିଲା। ଏପରିକି ଉଚ୍ଚଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା କରିବା ଦାୟିତ୍ୱ ଅଜିତ ନିଜେ ନେଉଥିଲା କିମ୍ବା ତା ସୁପାରିଶ କ୍ରମେ ହିଁ ଅନ୍ୟ ସଂସ୍ଥାକୁ କାମ ଦିଆଯାଉଥିଲା।

ଆମ୍ବାସଡ଼ାର ଗାଡ଼ି ଭଡ଼ାରୁ ନିଜ ବ୍ୟବସାୟିକ ଜୀବନ ଆରମ୍ଭ କରିଥିବା ମାଟ୍ରିକ ପଢ଼ୁଆ ଅଜିତ ନିଜ ଜାଲରେ ବରିଷ୍ଠ ଅଧିକାରୀଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥିଲା। ତାଙ୍କ ମା'ଙ୍କ ଶ୍ରାଦ୍ଧବାର୍ଷିକୀରେ ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ନେତାଙ୍କ ଭିଡ଼କୁ ଏହାର ପ୍ରମାଣ ବୋଲି ମନେ କରୁଛି ସିବିଆଇ। ସବୁ ସୂତାଖିଅକୁ ଯୋଡ଼ି ସିବିଆଇ ଅଜିତ୍ ବିରୋଧରେ ପ୍ରମାଣ ଏକାଠି କରୁଛି । ଏହା ସହ କେଉଁ କେଉଁ ଅଧିକାରୀଙ୍କ ସହ ତାହାର ଘନିଷ୍ଠତା ଥିଲା, ଲୋକଙ୍କୁ ଠକିବାରେ ସେ କିପରି ନକ୍ସା ପ୍ରସ୍ତୁତ କରୁଥିଲା ତାହାର ଅନୁସନ୍ଧାନ ସହ ଅଜିତ୍‌ର ବ୍ୟାଙ୍କ କାରବାର ସମ୍ପର୍କରେ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି। ଏହା ସହ ଅଜିତ୍ ନାମରେ ଥିବା ୨୬ଟି ପ୍ଲଟ୍ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ କରିବା ପାଇଁ ସମ୍ପୃକ୍ତ ସଚିବସ୍ତରୀୟ ଅଧିକାରୀଙ୍କୁ ସିବିଆଇ ପଚରାଉଚରା କରିପାରେ ବୋଲି କୁହାଯାଉଛି ।

# ପୁଣି ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ!

ରେଢ଼ାଖୋଲ, ୧୮।୧୧ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ବଡ଼ବାହାଲ ରେଞ୍ଜ ଅଧୀନ ବଡ଼କୁଡ଼ାଗ୍ରାମ ନିକଟସ୍ଥ ପାଲଦର ଜଙ୍ଗଲରୁ ଆଜି ଏକ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ଖବର ପାଇ ରେଢ଼ାଖୋଲ ଡିଏଫ୍‌ଓ, ସମ୍ବଲପୁର

- ବର୍ଷକରେ ମଲେଣି ୬ ହାତୀ
- ୧୮ ତାରିଖକୁ ନେଇ ଚର୍ଚ୍ଚା

ଆରସିସିଏଫ୍ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ଏହି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ଭୁବେନେଶ୍ୱରରୁ ଜେଟିଏଫ୍ ଟିମ୍ ଆସିବା ପରେ ହାତୀଟିର ବ୍ୟବଚ୍ଛେଦ ହେବ। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ରେଢ଼ାଖୋଲ ବନଖଣ୍ଡ ଅଧିକାରୀ ଗୋପୀନାଥ ଯାଦବ କହିଛନ୍ତି। ମୃତ ଦନ୍ତାର ଆନୁମାନିକ ବୟସ ୨୦ ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ଗତ କିଛି ଦିନ ହେବ, ରେଢ଼ାଖୋଲ ବନଖଣ୍ଡକୁ ଲାଗି ରହିଥିବା ଚାଷ ଜମିଗୁଡ଼ିକରେ ହାତୀପଲଙ୍କ ଉପଦ୍ରବ ଲାଗି ରହିଛି। ହାତୀପଲ ଦିନବେଳେ ଜଙ୍ଗଲରେ ଲୁଚି ରହୁଥିବା ବେଳେ ସଂଧ୍ୟା ବେଳେ ଜନବସତିମୁହାଁ ହେଉଛନ୍ତି। ବିଲରେ ପଶି ଧାନ ଖାଇବା ସହ ବ୍ୟାପକ ନଷ୍ଟ କରୁଛନ୍ତି। ପ୍ରାଣ ହରାଇଥିବା ଦନ୍ତାଟି କିଛି ଦିନ ହେଲା ଗୋଠଛଡ଼ା ହୋଇ ଏକୁଟିଆ ଗାଁରୁ ଗାଁ ଘୂରି ବୁଲୁଥିଲା। ତାକୁ ଦେଖିଲେ ତା'ର ସ୍ୱାସ୍ଥ୍ୟବସ୍ଥା ମଧ୍ୟ ଖରାପ ଭଳି ଲାଗୁନଥିଲା। ତେଣୁ ଆଜି ତା'ର ହଠାତ୍ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ଅପରପକ୍ଷେ, ଏହି ବନଖଣ୍ଡରେ ପାଖାପାଖି ବର୍ଷକ ମଧ୍ୟରେ ହାତୀଙ୍କ ମୃତ୍ୟୁ ଘଟିଥିବା ବେଳେ ସମସ୍ତଙ୍କ ମୃତ୍ୟୁ ମାସର ୧୮ ତାରିଖରେ ହୋଇଛି। ହାତୀମୃତ୍ୟୁ ସହ ୧୮ ତାରିଖର ଆକସ୍ମିକ ସଂଯୋଗ, ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁସାରେ, ନାକଟିଦେଉଳ ରେଞ୍ଜରେ ୧୮.୮.୨୦୨୪ ରେ ଚହଡ଼ପଶିରେ ଗୋଟିଏ ମାଈ ହାତୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲା। ୧୮.୧୧.୨୦୨୪ରେ ଘୁଷୁରାମାଲର ବୁରମାଲ ଜଙ୍ଗଲରେ ୩ ଟି ହାତୀ ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଥିଲେ। ଆଜି ପୁଣି ୧୮ ନଭେମ୍ବର ୨୦୨୫ରେ ଗୋଟିଏ ଦନ୍ତାହାତୀର ପ୍ରାଣ ଯାଇଛି। ତେବେ ଏ ସଂପର୍କରେ ଡିଏଫ୍‌ଓ କହିଛନ୍ତି ଯେ ଏହା ସଂଯୋଗମାତ୍ର ହୋଇପାରେ। ତାରିଖ ସହ ହାତୀମୃତ୍ୟୁର କୌଣସି କାରଣ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜୁଆରେ ହାରିଲେ...

କରିଥିଲେ ବୋଲି ମହିଳା ଅଭିଯୋଗ କରିଛନ୍ତି। ଯୌତୁକ ଆଣି ନଥିବାରୁ ଶଶୁର ବାରମ୍ବାର ଦୁଷ୍କର୍ମ କରୁଥିଲେ ବୋଲି ମହିଳା ଜଣକ ଥାନରେ ଅଭିଯୋଗ କରିଛନ୍ତି। ଏହାପରେ ଗର୍ଭପାତ କରିବାକୁ ଶଶୁର ଘର ଲୋକ ବାରମ୍ବାର ଚାପ ପକାଉଥିଲେ। ତାଙ୍କ ଉପରକୁ ଏସିଡ୍ ମାଡ଼ କରି ହତ୍ୟା କରିବାକୁ ପ୍ରୟାସ କରାଯାଇଥିଲା। କିନ୍ତୁ ସେ କୌଣସି ପ୍ରକାରେ ସେଠାରୁ ମୁକୁଳି ବାପାଘରକୁ ପଳାଇ ଆସିଥିଲେ। ବାପଘର ଲୋକଙ୍କ ସହାୟତାରେ ସେ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ମାମଲା ପ୍ରତ୍ୟାହାର କରିବାକୁ ଶାଶୂଘର ଲୋକେ ତାଙ୍କ ବାପାଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି ବୋଲି ସେ କହିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

### ଆନ୍ଧ୍ରରେ ହେବ...

କମ୍ପୋଜିଟ୍ ଷ୍ଟ୍ରକଚର ତିଆରି କରାଯିବ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଏହି କ୍ଲଷ୍ଟରରୁ ବାର୍ଷିକ ୧୦୦୦ଟି ପରବର୍ତ୍ତୀ ପିଢ଼ିର ବିମାନ ଉତ୍ପାଦନ କରାଯାଇପାରିବ। ଘୋଷଣାର ଦୁଇ ବର୍ଷ ମଧ୍ୟରେ ଆନ୍ଧ୍ରପ୍ରଦେଶରେ ପ୍ରଥମ ଡ୍ରୋନ୍ ଟ୍ୟାକ୍ସି ଆରମ୍ଭ ହେବ। ଏହି ପ୍ରକଳ୍ପ ୨୦୨୭ ସୁଦ୍ଧା ୪୦ଟି ସ୍ୱତନ୍ତ୍ର ନିଯୁକ୍ତି ଏବଂ ୧୪୦ଟି ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବ। ଏହା ଉନ୍ନତ ଉତ୍ପାଦନ, ମହାକାଶ କ୍ଷେତ୍ରରେ ନବସୃଜନ ଏବଂ ଗ୍ରୀନ ଟେକ୍ନୋଲୋଜି କ୍ଷେତ୍ରରେ ଉଚ୍ଚ-ମୂଲ୍ୟର ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପ ଦ୍ୱାରା ଆନ୍ଧ୍ରପ୍ରଦେଶ ଏୟାର ଟ୍ୟାକ୍ସିର ଉତ୍ପାଦନର ରାଜଧାନୀ ହେବ। ଦୀର୍ଘକାଳୀନ ହିସାବରେ ଦେଖିଲେ ବିଶାଳ ଫ୍ରାକ୍ଟି ହଜାର ହଜାର ନିଯୁକ୍ତି ସୃଷ୍ଟି କରିବ। ଆଉ ଏହା ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବ।

### ଏସ୍‌ସିବିରେ ଲଜ୍ଜା...

ଏତଲା ଦେଇଥିଲେ। ଏହାପରେ ଏସ୍‌ସିବି ପରିସରରେ ପୁଲିସ ଚଢ଼ଉ କରି ଅଭିଯୁକ୍ତ ୱାର୍ଡ ଆଟେଣ୍ଡାଣ୍ଟ ମାନସକୁ ଗିରଫ କରିଥିଲା। ତାକୁ ଜେରା କରିବା ସମୟରେ ସେ ପୁଲିସ ସାମ୍ନାରେ ନିଜର ଅପରାଧ ସ୍ୱୀକାର କରିଥିବା ଜଣାପଡ଼ିଛି। ମାତ୍ରାଧିକ ମଦ୍ୟପାନ କରି ସେ ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିଛି ବୋଲି ପୁଲିସ ସାମ୍ନାରେ କହିଛି। ଅନ୍ୟପଟେ ଘଟଣା ସମ୍ପର୍କରେ ଏସ୍‌ସିବି ଅତିରିକ୍ତ ଅଧୀକ୍ଷକ ଜ୍ୟୋତିର୍ମୟ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୁକ୍ତ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତାକୁ ଚାକିରିରୁ ବହିଷ୍କାର କରାଯିବା ପରେ ଆଗାମୀ ଦିନରେ ପ୍ରତ୍ୟେକ ଆଇସିୟୁ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ସେ କହିଛନ୍ତି।

### ଅମାନିଆ ବାବୁଙ୍କ...

ଉତ୍ତରଦାୟୀ ରହିବେ? ପଠାଣି ସାମନ୍ତଙ୍କ ଜୟନ୍ତୀ ଅବସରରେ ଖଣ୍ଡପଡ଼ାଠାରେ ଏକ ପ୍ଲାନେଟୋରିୟମ ପ୍ରତିଷ୍ଠା ପାଇଁ ମୁଁ ନିଜେ ପ୍ରତିଶ୍ରୁତି ଦେଇଥିଲି। ଏଦିଗରେ ନୟାଗଡ ଜିଲ୍ଲାପାଳ କ'ଣ ପଦକ୍ଷେପ ନେଇଛନ୍ତି ? ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପାଇଁ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ବଜେଟରେ ୨୯୬୦ କୋଟି ଟଙ୍କା ବରାଦ କରିଛନ୍ତି। ମାତ୍ର ଏଯାବତ୍ ଅଳ୍ପ କିଛି ବିଦ୍ୟାଳୟର ଭିତ୍ତିପ୍ରସ୍ତର ହୋଇଥିବା ବେଳେ ଯୋଜନାଟି ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ବାବଦ ଅର୍ଥ ଆଗାମୀ ୪-୫ ମାସ ମଧ୍ୟରେ କିପରି ଖର୍ଚ୍ଚ ହେବ, ତାହା ଆମ ପାଇଁ ବଡ଼ ଆହ୍ୱାନ। ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ପରି ଜନକଲ୍ୟାଣକାରୀ ଯୋଜନା ଆଜିଯାଏଁ ଆରମ୍ଭ ହୋଇପାରିଲା ନାହିଁ। ଏହାକୁ କିପରି କାର୍ଯ୍ୟକାରୀ କରାଯିବ, ତାହା ବର୍ତ୍ତମାନ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଜେଟ ଗୃହୀତ ହେବାକୁ ୮ ମାସ ପୂରି ସାରିଥିବା ବେଳେ ଆଉ ୪ ମାସ ପରେ ଆର୍ଥିକ ବର୍ଷ ସରିବାକୁ ଯାଉଛି। ଏଭଳି ଯୋଜନା ପାଇଁ ଯଦି ଦିଶା, ନିର୍ଦ୍ଦେଶ ପ୍ରସ୍ତୁତ ହୋଇପାରୁନାହିଁ, ତାହେଲେ ଜିଲ୍ଲାପାଳ ଏହାକୁ କିପରି କାର୍ଯ୍ୟକାରୀ କରିବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ଏହା ସହ ସରକାରୀ ଯୋଜନା ଯେପରି ତୃଣମୂଳସ୍ତରରେ କାର୍ଯ୍ୟକାରୀ ହେବ, ସେ କ୍ଷେତ୍ରରେ ତତ୍ପରତା ପ୍ରକାଶ କରିବାର ସର୍ବାଧିକ ଆବଶ୍ୟକତା ଅଛି ବୋଲି ଉଲ୍ଲେଖ କରି ମୁଖ୍ୟ ସଚିବ ଏବଂ ଉନ୍ନୟନ କମିଶନର ବିଭିନ୍ନ ପ୍ରକଳ୍ପର ସମୟ ଅନୁସାରେ ସମୀକ୍ଷା କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୁନଶ୍ଚ ନିଜ ଅଭିଭାଷଣରେ ମାର୍ଚ୍ଚ ସିଣ୍ଡ୍ରୋମ ପ୍ରସଙ୍ଗ ମଧ୍ୟ ଉତ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଯେ ମାର୍ଚ୍ଚ ମାସ ସିଣ୍ଡ୍ରୋମର ଅର୍ଥ ହେଉଛି ବର୍ଷ ସାରା କାମକୁ କଚ୍ଛପ ଗତିରେ ଚଲାଇବା ଏବଂ ମାର୍ଚ୍ଚ ମାସକୁ ଲକ୍ଷ୍ୟ ରଖି ନଭେମ୍ବର-ଡିସେମ୍ବରରୁ କାର୍ଯ୍ୟ ବେଗ ବଢ଼ାଇବା। ଏହି ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ କରିବାକୁ ଚେଷ୍ଟା କରାଯାଏ। ମାତ୍ର ଏହା ସମ୍ଭବ ପର ହୋଇପାରୁ ନାହିଁ। ଏହାଦ୍ୱାରା କାର୍ଯ୍ୟର ଗୁଣାତ୍ମକ ମାନ ହ୍ରାସ ପାଉଛି। ଏମିତି କଲେ ଆମେ ଆମ ଲକ୍ଷ୍ୟ ୨୦୩୬ ପ୍ରାପ୍ତ କରିପାରିବା ନାହିଁ। ଏହାକୁ ଆଗାମୀ ଦିନରେ ବନ୍ଦ କରିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ତୃଣମୂଳସ୍ତରରେ ବିଭିନ୍ନ ଯୋଜନା କାର୍ଯ୍ୟାନ୍ୱୟନରେ ଜିଲ୍ଲା ଜିଲ୍ଲା ମଧ୍ୟରେ ବହୁ ପାର୍ଥକ୍ୟ ରହୁଥିବା ନେଇ ମୁଖ୍ୟମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କୁକୁଡା ପାଳନ ଯୋଜନା ୩୦ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି। ମାତ୍ର କେଉଁଠି ଯୋଜନା ୮୦ ପ୍ରତିଶତ ସଫଳତାର ସହ କାର୍ଯ୍ୟକାରୀ ହୋଇଥିବା ବେଳେ କେଉଁ ଜିଲ୍ଲାରେ ୨୦ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ତେଣୁ ଅଧିକାରୀମାନେ ଏନେଇ ଉତ୍ତରଦାୟିତ୍ୱ ନିଅନ୍ତୁ। ତୃଣମୂଳସ୍ତରକୁ ନିୟମିତ ଗସ୍ତ କରି ଯୋଜନାର କାର୍ଯ୍ୟାନ୍ୱୟନରେ ଆଉଟଷ୍ଟାଣ୍ଡିଂ ସ୍ତରରେ ପହଞ୍ଚିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### କୁଖ୍ୟାତ ମାଓନେତା...

ନିପାତ କରିବା ପାଇଁ ସୁରକ୍ଷାବାହିନୀକୁ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ। ଏହା ପରେ ଆନ୍ଧ୍ର, ଛତିଶଗଡ଼ ଏବଂ ତେଲଙ୍ଗାନା ସୀମା ସ୍ଥିତି ମରେଡିମିଲ୍ଲିର ଘନ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା। ମାତ୍ର କଣ୍ଟ ସରିବାର ୧୨ ଦିନ ପୂର୍ବରୁ ସୁରକ୍ଷାବାହିନୀକୁ ଏହି ସଫଳତା ମିଳିଛି। ଗତ ୨ ଦଶନ୍ଧି ମଧ୍ୟରେ ହିଡ଼ମା ଜଙ୍ଗଲରେ ରହି ସୁରକ୍ଷାବାହିନୀ ଉପରେ କ୍ରମାଗତ ଭାବେ ଆକ୍ରମଣ କରୁଥିଲା। ସେ ୨୬ରୁ ଅଧିକ ବଡ଼ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା। ଏଗୁଡ଼ିକ ମଧ୍ୟରେ ୨୦୧୦ ଦାନ୍ତେୱାଡ଼ା ଆକ୍ରମଣ ସାମିଲ ଥିଲେ। ଏଥିରେ ୭୬ ସିଆରପିଏଫ ଯବାନ ପ୍ରାଣ ହରାଇଥିଲେ। ଏହା ବ୍ୟତୀତ ୨୦୧୩ର ଝିରମ ଘାଟୀରେ ଚାରିପଟୁ ଘେରି ଆକ୍ରମଣ କରାଯାଇଥିଲା। ଏହି ଆକ୍ରମଣରେ ୨୭ ଜଣଙ୍କ ଜୀବନ ଯାଇଥିଲା। ୨୦୨୧ରେ ସୁକମା-ବିଜାପୁରରେ ମଧ୍ୟ ଏଭଳି ଆକ୍ରମଣ କରାଯାଇ ୨୧ ଯବାନଙ୍କୁ ହତ୍ୟା କରାଯାଇଥିଲା। ହିଡ଼ମାକୁ ମାରିବା ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଫୋନରେ ସୁରକ୍ଷାବାହିନୀ ସହ କଥା ହୋଇ ଶୁଭେଚ୍ଛା ଜଣାଇଛନ୍ତି। ୧୯୮୧ରେ ମଧ୍ୟପ୍ରଦେଶର ସୁକମାରେ ଜନ୍ମିତ ହିଡ଼ମା ପିପୁଲ୍ସ ଲିବରେସନ ଗରିଲା ଆର୍ମୀର ନେତୃତ୍ୱ ନେଉଥିଲା। ସେ ସିପିଆଇ ମାଓବାଦୀର ପ୍ରମୁଖ ନିଷ୍ପତ୍ତି ନେଉଥିବା ସଂଗଠନ କେନ୍ଦ୍ରୀୟ କମିଟିରେ ମଧ୍ୟ ସାମିଲ ହୋଇଥିଲା। ସେ ଏହି ସଂଗଠନର ସବୁଠାରୁ ଯୁବ ଏବଂ ବସ୍ତର କ୍ଷେତ୍ରର ଏକମାତ୍ର ସଦସ୍ୟ ଥିଲା। ହିଡ଼ମା ମୁଣ୍ଡ ଉପରେ ୫୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ହିଡ଼ମାର ହତ୍ୟା ମାଓବାଦୀ ସଂଗଠନ ପାଇଁ ବଡ଼ ଝଟ୍‌କା ସାବ୍ୟସ୍ତ ହୋଇପାରେ। ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ପାଇଁ ସଦସ୍ୟ ଅଭାବ ସମସ୍ୟାର ସମ୍ମୁଖୀନ ହେଉଥିବା ମାଓବାଦୀଙ୍କ ନିମନ୍ତେ ଆତ୍ମସମର୍ପଣ ବ୍ୟତୀତ ଆଉ କିଛି ବାଟ ନାହିଁ ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ଅନେକ ସଦସ୍ୟ ଆତ୍ମସମର୍ପଣ କରି ମୁଖ୍ୟ ଧାରାକୁ ଫେରିଛନ୍ତି।

### ଅକାଠୁଆ ଶୀତ...

ଆସନ୍ତା ୭ଦିନ ଯାଏଁ ପାଗ ମୁଖ୍ୟତଃ ଶୁଖିଲା ରହିବ। ଏହାସହ ୩ଦିନ ମଧ୍ୟରେ ରାଜ୍ୟରେ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ। ସାମାନ୍ୟ ତାପମାତ୍ରା ବଢ଼ିଲେ ମଧ୍ୟ ଶୀତର ପ୍ରକୋପ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ଶ୍ରୀଲଙ୍କା ଉପକୂଳ ଦକ୍ଷିଣ-ପଶ୍ଚିମ ସମୁଦ୍ରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ପ୍ରଭାବରେ ଆଗାମୀ ୨୨ ତାରିଖ ଯାଏଁ ଦେଶର ବିଭିନ୍ନ ସ୍ଥାନରେ ବିଶେଷକରି ଦକ୍ଷିଣ ଭାରତରେ ବର୍ଷା ଆଶଙ୍କା ରହିଛି। ୨୨ ତାରିଖ ଯାଏଁ ତାମିଲନାଡୁରେ ପ୍ରବଳ ବର୍ଷା ହେବାକୁ ଥିବାବେଳେ ୨୦ ତାରିଖ ଯାଏଁ କେରଳରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ଉପକୂଳ ଆନ୍ଧ୍ରପ୍ରଦେଶରେ ବୁଧବାର ପର୍ଯ୍ୟନ୍ତ ବର୍ଷା ହେବାକୁ ଥିବା ବେଳେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ କାଲିଠାରୁ ୨୧ତାରିଖ ଯାଏଁ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ଘୁ.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ କରାଯାଇଛି। ଏଠାରେ ତାପମାତ୍ରା ୫.୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସେମିଳିଗୁଡ଼ାରେ ୭.୭, ଦାରିଙ୍ଗବାଡ଼ି ଓ ଫୁଲବାଣୀରେ ୮, ଅନୁଗୁଳରେ ତାପମାତ୍ରା ୯.୮ ଡିଗ୍ରୀ ରେକର୍ଡ କରାଯାଇଛି।

### ସୁଶୀଲ ନୂଆ...

ମନୋଜ ସାହୁ 'ବସୁଦେବ', କାମରାଜ ଭୋଇ 'ନାରଦ', ଆର୍ତ୍ତତ୍ରାଣ ମହାପାତ୍ର 'ଉଗ୍ରସେନ', ହିମାଂଶୁ ସାହୁ 'ଚାଣୁର' ଏବଂ ପ୍ରଭାସ ତ୍ରିପାଠୀ 'ମୁଷ୍ଟିକ' ଭୂମିକାରେ ଅବତୀର୍ଣ୍ଣ ହେବେ। ୧୯୬୯ ମେ' ୨୯ରେ ଭେଡେନ୍ ବ୍ଲକ୍, ଚିଚିଣ୍ଡା ଗାଁର ଏକ ବୁଣାକାର ପରିବାରରେ ଜନ୍ମିତ ସୁଶୀଲ ଅନେକ ପୌରାଣିକ, କାଳ୍ପନିକ, ସାମାଜିକ ଏବଂ ସମ୍ବଲପୁରୀ ନାଟକରେ ଖଳନାୟକ ଭୂମିକାରେ ଅଭିନୟ କରିଛନ୍ତି। ୧୯୯୭ ମସିହାରେ ଚିଚିଣ୍ଡାର ବିରାଟ ଧନୁଯାତ୍ରା ମହୋତ୍ସବରେ ସେ ମହାମନ୍ତ୍ରୀ ଭୂମିକାରେ ଅଭିନୟ କରିଥିଲେ। ୬ ବର୍ଷ ପରେ ନୂଆପାଲି, ଭଟଲିର ବିରାଟ ଧନୁଯାତ୍ରାରେ କଂସ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଓଡ଼ିଶାର ୮ଟି ଜିଲ୍ଲା ତଥା ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ଝାରସୁଗୁଡ଼ା, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ାରେ କଂସ ଭୂମିକାରେ ଅଭିନୟ କରିଆସିଛନ୍ତି। ରାଜ୍ୟ ବାହାରେ ଛତିଶଗଡ଼ରେ ମଧ୍ୟ ଅଭିନୟ କରିଛନ୍ତି। କଂସ, ରାବଣ, ମହିଷାସୁର, ତ୍ରିପୁରାସୁର, ତାରକାସୁର, ଜଳନ୍ଧର, ହରଣ୍ୟକଶିପୁ, କଳାପାହାଡ଼, ଶନିଦେବ, ମୁରାସୁର, କିଚକ ଆଦି ଭୂମିକାରେ ଦୀର୍ଘ ୨୪ବର୍ଷ ହେବ ଅଭିନୟ କରିଆସୁଛନ୍ତି। ମଞ୍ଚ ଅଭିନୟ ବ୍ୟତୀତ ସମ୍ବଲପୁରୀ ଚଳଚ୍ଚିତ୍ର ବା ଆଲବମରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଥିଲା। କଳି ଯୁଗର୍ ଧନୁଯାତ୍ରା, ସମଲେଇ ଭଜନ, ସବ୍ୟସାଚୀ ମହାପାତ୍ରଙ୍କ ଦ୍ୱାରା ନିର୍ଦ୍ଦେଶିତ ସମ୍ବଲପୁରୀ କୋଶଳୀ ଚଳଚ୍ଚିତ୍ର ଆଦିମ୍ ବିଚାର୍, ଶଳାବୁଢ଼ାର ବଦଲା, ଓଡ଼ିଆ ଚଳଚ୍ଚିତ୍ର ରାଣ୍ଡି ପୁଅ ଅନନ୍ତାରେ ଆଦିରେ ଅଭିନୟ କରିଛନ୍ତି।


**यूनियन बैंक ऑफ़ इंडिया / Union Bank of India**
भारत सरकार का उपक्रम / A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍**

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍**

ଆମେ ନିମ୍ନଲିଖିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ପୁବାଶାସନ ଶାଖାରୁ** ନିମ୍ନଲିଖିତ ଋଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୁବାଶାସନ ଶାଖାର** ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିଗୁଡିକର ବିବରଣୀ |
| --- | --- | --- | --- |
| **ପୁବାଶାସନ ଶାଖା /** ଋଣଗ୍ରହୀତାମାନେ: ୧) ମେସର୍ସ ଲିଙ୍ଗରାଜ ଫ୍ଲାଏ ଆଶ୍ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଆଶିଷ କୁମାର ସାହୁ, ୨) ଶ୍ରୀ ଆଶିଷ କୁମାର ସାହୁ, ପିତା: ଯୋଗେନ୍ଦ୍ର ସାହୁ, ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ / **ବନ୍ଧକଦାତା/ ଗ୍ୟାରେଣ୍ଟିଦାତା: ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ୰ କୃଷ୍ଣ ଚନ୍ଦ୍ର ସାହୁ, ପ୍ଲଟ୍ ନଂ.: ୩୪/୨୧୮୯, ସା: ଉତ୍ତରା, ଡେଲ୍ଟା କଲୋନୀ, କୌଶଲ୍ୟାଗଙ୍ଗ, ପୁବାଶାସନ, ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା-୭୫୧୦୦୨ | କ୍ୟାଶ କ୍ରେଡିଟ୍ | ୨୬.୦୮.୨୦୨୫ / ୧୦.୦୯.୨୦୨୫ / ୩୧.୦୮.୨୦୨୫ ସୁଦ୍ଧା ଟ.୨୫,୨୫,୬୧୧.୦୯ | **୧) ଶ୍ରୀ ଯୋଗେନ୍ଦ୍ର ସାହୁ,** ପିତା: ୰ କୃଷ୍ଣ ଚନ୍ଦ୍ର ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୩୪/ ୨୧୮୯, ଖାତା ନଂ.: ୭୬୭/୪୦୫, କ୍ଷେତ୍ର: ଏକର୦.୦୪୦ଡିସିମିଲି, ମୌଜା: ପୁବାଶାସନ, କିସମ: ଘରବାରୀ, ସ୍ୱତ୍: ସ୍ଥିତିବାନ, ଅନୁରୂପ ପୂର୍ବ ଖାତା ନଂ.: ୭୬୭/ ୧୬୨, ପ୍ଲଟ୍ ନଂ.: ୩୪, ପୋ.: ପିପିଲି, ଥାନା: ପିପିଲି, ଜିଲ୍ଲା: ପୁରୀ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଭାଗବତ ବାସୁଦେବ, ପୂର୍ବ: ବସନ୍ତ ସ୍ୱାଇଁ, ପଶ୍ଚିମ: ପ୍ଲଟ୍ ନଂ.: ୨୨ର ଅଂଶ, **୨) ବନ୍ଧକପ୍ରାପ୍ତ କଳକବ୍ଜା, ଯନ୍ତ୍ରପାତି ଏବଂ ଷ୍ଟକ୍** |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ । ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୮.୧୧.୨୦୨୫** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



**AFFIDAVIT**

**I, Shreemati Ojha,** W/o.: Jitu Ojha, Permanent resident of At/PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6015, sworn before Executive Magistrate, Angul on Dt.17.11.2025 that from now onwards my daughters name Sonalika Ojha will be known as **Muni Ojha** for all future legal purposes.

**AFFIDAVIT**

**I, Jaiga Sahu,** W/o.: Brahmananda Sahu, Permanent resident of At/ PO.: Tukuda, P.S.: Jarapada, Dist.: Angul, Odisha-759127 declare by this Affidavit No.: 6016, sworn before Executive Magistrate, Angul on Dt.17.11.2025 that from now onwards my daughters name Pragyanparamita Sahoo will be known as **Prajna Paramita Sahu** for all future legal purposes.

**NAME CHANGE**

By virtue of an affidavit sworn before the Executive Magistrate, Tangi, Khordha CF.NO. 2682, dated 23/10/2025, I, **DEBDAS RAY**, S/o Bimal Ray resident of At: Gobardhanpur Colony Po: Bhusandpur, Ps - Tangi, Dist- Khordha, State- Odisha, Pin-752021 declare that I have changed my daughter's name from **KUMARI RIYA RAY** (Old Name) to **RIYA RAY** (New Name). Henceforth, she shall be known as **RIYA RAY** for all future purposes.

(Sd- **DEBDAS RAY**)

**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated: 17/11/2025, I, Gayatri Choudhury, permanent resident of At: Bangarada, PO: Phasiguda, PS: Patapur, Dist. Ganjam, Odisha, currently residing at Plot No.1734/3740, Kalpana Flat Area, PO: BJB Nagar, PS: Laxmisagar, Bhubaneswar, Dist. Khordha, PIN: 751014, Odisha declare that I have changed the name of my daughter from Sunali Choudhury to Sonali Choudhury. Henceforth, she shall be known as Sonali Choudhury for all purposes.

**AFFIDAVIT**

I, Sushant Ranjan Chaini, S/o- Sudarshan Chaini, Resident of Plot No-54/1490, Flat No-207, Dream Avenue Apartment, Bhagabanpur, Patrapada, Bhubaneswar, Dist-Khurda, Odisha, Pin-752104 declare by this affidavit No. 949, dated-18/11/2025 that now onwards I shall be known as **SUSANTA RANJAN CHAINI** for all future purposes.

**AFFIDAVIT**

I, PURANDARA SAHU, aged about 42 years, S/o- Sidheswar Sahu, Resident of Vill: Majhipada, PO: Sonapur, Biramaharajpur, Dist.: Sonapur, Odisha, PIN-767017 declared by this Affidavit No.: 1484/2025, Dated: 18.11.2025. That now onwards I shall be known as **PURANDAR SAHU** for all future Purposes.

**AFFIDAVIT**

By virtue of an affidavit sworn before Executive Magistrate, Aska vide no.-1672 dtd.14.11. 2025 I, Rabindra Nahak, S/o- Late Nilamani Nahak resident of Vill./Po.- Baragan, Ps.- Koti-nada, Dist.- Ganjam, Odisha, Pin- 761111 state that, in my Aadhaar Card my name has been mentioned as Rabindra Nahak. In my passport my name has been mentioned as Rabindra Kumar Nahak. That **Rabindra Nahak** and **Rabindra Kumar Nahak** is one and same person.i.e. myself.

**AFFIDAVIT**

By virtue of an affidavit before the Notary Public, Titilagarh, on dated-16/11/2025. I, **Pramodini Naik** (applicant name), W/o Surendra Kumar Naik, permanent resident of AT- Bohidarpada W.N. 15, PO-Titilagarh, PS- Titilagarh, Dist-Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Shennhamai Naik** (old name) to **Sneha Mayee Naik** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Sneha Mayee Naik** (new name) for all future purposes.

**Pramodini Naik**

**AFFIDAVIT (for Minor)**

By virtue of an affidavit sworn before Executive Magistrate, Banpur, vide No.- 4176, dated 14/11/2025 I, Buti Jani, aged about 44 years, Address W/o- Biranchi Jani, At- Baguda, Po.- Damiabarabara, Ps.- Banpur, Dist.- Khordha, Odisha, Pin-752035 declare that, I have changed the name of my son from **Rajendra Jani** to **Rajesh Jani**. Henceforth, he shall be known as **Rajesh Jani** for all purposes.

Rajesh Jani

**AFFIDAVIT**

I, Swetapadma Patnaik, aged about 46 years, W/o- shivnarayan Pattanaik, resident of At- Plot No-379, Cuttack Road, Bomikhal, Budheswari, Ps- Laxmisagar, Bhubaneswar, Dist- Khurda, Odisha, Pin-751006 declare by this affidavit No. 2252, dtd-16/11/2025, that now onwards I shall be known as **SWETAPADMA PATTNAIK** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Athagarh on dated, 27.10.2025, I Gobinda Sundi, resident of vill- Orda ( Gobara), Po- Gobara , Ps- Gurudijhatia Dist- Cuttack, Odisha, PIN-754028 declare that I have changed my name from Gobind Sundi to Gobinda Sundi . Henceforth, I shall be known as **GOBINDA SUNDI** for all purposes.

**AFFIDAVIT**

By virtue of an affidavit (CF No.02, dtd- 18/11/2025) sworn before the Executive Magistrate, Padampur. I, **Brundabana Rana,** S/o Shashikanta Rana, resident of At- Padampur (Kapsila), Po-Rajborasambar, Ps- Padampur, Dist- Bargarh, PIN- 768036, Odisha declare that I have changed my name from **Brundaban Rana** (old name) to **Brundabana Rana** (new name). Henceforth, I shall be known as **Brundabana Rana** (new name) for all purposes.

**Brundabana Rana**

**AFFIDAVIT**

Bikash kumar Agarwalla, S/O- Late Nanda kishore Agarwalla, Resident of ward no-2 Babusahi, po- Babusahi, ps-Baripada Town, Dist - Mayurbhanj -757001 Odisha, declared by this affidavit no-242,Dated-17/11/2025 that now onwards I shall be known as **BIKASH AGARWAL** for all future purpose.

ସକାଳ
THE SAKALA



www.sakalaepaper.com

# ଜେସିବି ଧକ୍କାରେ ଠିକାସଂସ୍ଥା ମ୍ୟାନେଜର ମୃତ

ବୀରମହାରାଜପୁର,୧୮ ।୧୧(ସମିସ



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅନ୍ତର୍ଗତ ବହଳପଦର ପଞ୍ଚାୟତର ଗୌଡଗାଡଠାରେ ଜେସିବି ଧକ୍କାରେ ଜଣେ କନଷ୍ଟ୍ରକ୍ସନ କମ୍ପାନୀ( ନିର୍ମାଣଧୀନ ସଂସ୍ଥା) ମ୍ୟାନେଜରଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ହେଲେ ବୀରମହାରାଜପୁର ଥାନା ମୁର୍ଷୁଣ୍ଡି ପଞ୍ଚାୟତ ଚୌକା ଗ୍ରାମର ନରହରି ଭୁକ୍ତାଙ୍କ ସାନପୁଅ ପପୁନ ଭୁକ୍ତା (୨୮) ବୋଲି ଜଣାପଡିଛି । ସୂଚନାନୁଯାୟୀ, ଅମରପାଲି ପୂର୍ତ୍ତ ବିଭାଗର ରାସ୍ତାଠାରୁ ଗୌଡଗାଡ଼ ଦେଇ ଠେଙ୍ଗୋ ଡ୍ୟାମ ପର୍ଯ୍ୟନ୍ତ ଆରଡି ବିଭାଗ ତରଫରୁ ରାସ୍ତା କାମ ହେଉଛି । ଏଥିପାଇଁ

**ଗାଡ଼ି ସହ ଚାଳକ ଫେରାର**

ଗୌଡ଼ଗାଡ ଗାଁ ମୁଣ୍ଡରେ ବନ୍ଦ ହୋଇଥିବା ଏକ ଡାବାରେ ଉକ୍ତ ନିର୍ମାଣାଧୀନ ସଂସ୍ଥା ତାହାର କ୍ୟାମ୍ପ କରିଥିଲା । ସୋମବାର କାମ ସରିଲା ପରେ ଉକ୍ତ ରାସ୍ତାର କାମ ବୁଝାସୁଝା କରୁଥିବା ମ୍ୟାନେଜର ପପୁନ ଓଡି ୦୮ ଜେ ୧୩୫୭ ନମ୍ବର ବିଶିଷ୍ଟ ନିଜ ବାଇକକୁ ରଖି କ୍ୟାମ୍ପ ଆଗରେ ବାଇକ ପାଖରେ ଠିଆ ହୋଇଥିଲେ ।

ଏହି ସମୟର ଉକ୍ତ ରାସ୍ତାର କାମ କରୁଥିବା ଏକ ଜେସିବି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ପପୁନଙ୍କ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ପରେ ଜେସିବିକୁ ଧରି ଡ୍ରାଇଭର ଫେରାର ହୋଇଯାଇଛି । ଖବରପାଇ ହରିହର ଯୋର (ଠେଙ୍ଗୋ ଡ୍ୟାମ) ଫାଣ୍ଡି ଅଧିକାରୀ ବିଭୂଦ୍ର ବରାଳ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ କରିଥିଲେ । ଘଟଣା ସ୍ଥଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖାଦେଇଥିଲା । ଜେସିବିଟି ଚାରମାଳ ଥାନା ବଡ଼ମାଳ ଫାଣ୍ଡି ଅଞ୍ଚଳର ସୁନାମୁଦି ଗ୍ରାମର ବୋଲି ଜଣାପଡ଼ିଛି । ମଙ୍ଗଳବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା । ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ କହିଛନ୍ତି ।

## ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି



ବୀରମହାରାଜପୁର,୧୮ ।୧୧(ସମିସ): ବହୁଚର୍ଚ୍ଚିତ ଓଡ଼ିଆ ସଙ୍ଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଗତକାଲି ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଥଲା । ଆଜି ତାଙ୍କ ମର ଶରୀର ବୀରମହାରାଜପୁର ପୂର୍ତ୍ତବିଭାଗ ବଙ୍ଗଳାରେ ପହଞ୍ଚିଥିଲା । ବୀରମହାରାଜପୁର ଭକ୍ତି ଆରାଧନା ଗ୍ରୁପ୍‌ର କର୍ମକର୍ତ୍ତାମାନେ ଓ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଓ ଜନସାଧାରଣ ତାଙ୍କର ମରଶରୀରକୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ପରେ ଢୋଲ ନିଶାନ ମହୁରୀ ବାଜା ବଜାଇ ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ବିଦାୟ ଦେଇଥିଲେ । ପରେ ସେଠାରେ ତାଙ୍କ ମରଶରୀର ଜନ୍ମମାଟି ଟିଟିଲାଗଡ଼ ଅଭିମୁଖେ ଯାଇଥିଲା । ଅନ୍ୟପଟରେ ହ୍ୟୁମାନଙ୍କ ବିୟୋଗରେ ବୀରମହାରାଜପୁର ବ୍ଲକ ସଭାଗୃହରେ ଶୋକସଭା ପାଳନ କରାଯାଇଥିଲା ।

## 'ଏ-୧' ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ




ମନମୁଣ୍ଡା,୧୮ ।୧୧(ସମିସ): ବୌଦ୍ଧ ବ୍ଲକ୍ ଅଧୀନ ପିଏମ୍ ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଦହ୍ୟାଠାରେ ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ଏବଂ କଣ୍ଟାମାଳ ବ୍ଲକ ଉଚ୍ଚବିଦ୍ୟାଳୟ ଦଶମ ଶ୍ରେଣୀ 'ଏ ୧' ଗ୍ରେଡ୍ ଆକାଂକ୍ଷୀଙ୍କ ଜିଲ୍ଲାସ୍ତରୀୟ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାଶିକ୍ଷାଧିକାରୀ ଟେମଲାଲ ଦୁବେ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଚୂଡ଼ାମଣି ବାରିକ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ଏବଂ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ଯୋଗ ଦେଇଥିଲେ । ଛାତ୍ର / ଛାତ୍ରୀ ନିଜ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଇ ଏ ୧ ଲକ୍ଷ୍ୟ ହାସଲ ପାଇଁ ଦିନକୁ କେତେ ଘଣ୍ଟା ପଢ଼ିବ ଇତ୍ୟାଦି ବିଷୟରେ ମୁଖ୍ୟ ଅତିଥି ଡିଇଓ ଶ୍ରୀ ଦୁବେ ଆଲୋକପାତ କରିଥିଲେ । ଉପସ୍ଥିତ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ବିଷୟର ୬୦ ଜଣ ସାଧନ କର୍ମୀ ଶିକ୍ଷକ / ଶିକ୍ଷୟିତ୍ରୀ ବୁକ୍ ପେଟର୍ନ, ସନ୍ଦେହ ଦୂରୀକରଣ, ବିଷୟର କଠିନ ପ୍ରଶ୍ନ ଗୁଡ଼ିକର ସମାଧାନ ଇତ୍ୟାଦି ବିଷୟରେ ବୁଝାଇ ପ୍ରଶିକ୍ଷଣ କରିଥିଲେ । ଦହ୍ୟା ବିଦ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ । ସହକାରୀ ଶିକ୍ଷକ ହେମକାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଛାତ୍ରଛାତ୍ରୀଙ୍କ ଶିକ୍ଷଣକ୍ଷେତ୍ର ପରିଦର୍ଶନ



ମନମୁଣ୍ଡା,୧୭ ।୧୧ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଖଟଖଟିଆ ଉପ୍ରା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରବିବାର ପରିଭ୍ରମଣରେ ଯାଇ ଭିଭିନ୍ନ ଶିକ୍ଷଣସ୍ଥାନ ପରିଦର୍ଶନ କରିଛନ୍ତି । ବିଶେଷ କରି କୋଣାର୍କ ମନ୍ଦିରର ନାଟ ମଣ୍ଡପ, ଛାୟାଦେବୀ ମନ୍ଦିର, ରୋଷଇଶାଳ, ଚନ୍ଦ୍ରଭାଗା, ରାମଚଣ୍ଡୀ, ବାଟମଙ୍ଗଳା, ଅଠର ନଳା, ପୁରୀ ଶ୍ରୀଜଗନ୍ନାଥ ମନ୍ଦିର, ସମୁଦ୍ର ବେଳାଭୂମି ଆଦି ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟଲକ୍ଷ୍ମୀ ଶଥପଥୀଙ୍କ ନେତୃତ୍ୱରେ ବିଦ୍ୟାଳୟର ସଭାପତି ବିଶ୍ୱଜିତ ବସ୍ତିଆ, ଶିକ୍ଷକ ସମୀର ପ୍ରଧାନ, ସୁରେନ୍ଦ୍ର କମ୍ପ, ବନୀତା ମେହେର, ନୃପମିଣୀ ମହାଳିକ, ଟଂଜୁ ଅମାତ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପରିଦର୍ଶନ କରାଇ ଫେରିଛନ୍ତି । ଏଥିରେ ସହଯୋଗୀ ତ୍ରିଲୋଚନ ଡାଙ୍ଗ ଥିଲେ ।

## ତମାଖୁ ମୁକ୍ତ ଅଭିଯାନ



ଡୁଙ୍ଗୁରିପାଲି,୧୮ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବନ୍ଧପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ତମାଖୁ ମୁକ୍ତ ଅଭିଯାନ ଓ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥବିର ବୁଡ଼େକ ଓ ଅନ୍ୟାନ୍ୟ ଶିକ୍ଷକ ଅଶ୍ୱିନୀ କୁମାର ବେହେରା, ପ୍ରସନ୍ନ କୁମାର ତାଣ୍ଡି, ହେମାକାନ୍ତ ମେହେର, ଶିକ୍ଷୟିତ୍ରୀ ସାଗରିକ ଘିବିଲା, ଦିପ୍ତିମୟୀ ପଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରୋଜି ଘିବିଲା, ମହିଳା ସ୍ୱାସ୍ଥ୍ୟ କର୍ମୀ ରିକିମା ପଧାନ, ମଞ୍ଜୁ ପଧାନ, ସ୍ୱାସ୍ଥ୍ୟ କର୍ମୀ ଶଶାଙ୍କ କୁମାର ବିଶି, ଆଶା କର୍ମୀ ଯମୁନା ବୁଡ଼େକଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସପଥପାଠ କରିଥିଲେ ।

## ଶିକ୍ଷକ ଅଭାବରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ



କଣ୍ଟାମାଳ,୧୮ ।୧୧(ସମିସ): ବୌଦ୍ଧ ଜିଲ୍ଲାରେ ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା ଦେଖିବାକୁ ମିଳୁଛି । ଠିକ୍ ଭାବରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ା ହୋଇପାରୁ ନାହିଁ । ଜିଲ୍ଲାରେ ବିଭିନ୍ନ ସ୍କୁଲମାନଙ୍କରେ ଶିକ୍ଷକ ଅଭାବକୁ ନେଇ ଅଭିଭାବକମାନେ ଲିଖିତ ଅଭିଯୋଗ କରୁଛନ୍ତି । ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବରଗାଁ ପଞ୍ଚାୟତ ତିଳିକାମାଳ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୭ ଜଣ ଛାତ୍ରଛାତ୍ରୀ ସ୍କୁଲରେ ପାଠ ପଢୁଥିବା ବେଳେ ଦୁଇ ଜଣ ଶିକ୍ଷକ ରହିଛନ୍ତି । ଦୁଇଜଣ ଶିକ୍ଷକ ସ୍କୁଲର ସମସ୍ତ ବିଷୟବସ୍ତୁ ଓ ସବୁ ଶ୍ରେଣୀ ଦୁଇ ଜଣ ଶିକ୍ଷକ ପାଠ ପଢ଼ାଇବାରେ ଅସୁବିଧା ହେଉଛି ।

# ମା' ଭୈରବୀ ମହୋତ୍ସବ ଉଦ୍‌ଘାଟିତ



ହରଭଙ୍ଗା/ପୁରୁଣାକଟକ,୧୮ ।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ମିନି ଷ୍ଟାଡିୟମରେ ଚଳିତବର୍ଷ ପଞ୍ଚମ ମା' ଭୈରବୀ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମେ ମା' ଭୈରବୀଙ୍କ ମନ୍ଦିରରୁ ପୂଜାର୍ଚ୍ଚନା କରାଯାଇ ମା'ଙ୍କ ଜ୍ୟୋତି ଏବଂ ପ୍ରତିମାଙ୍କୁ ବିରାଟ ପଟୁଆରରେ ଅଣାଯାଇଥିଲା । ଢୋଲ, ମହୁରୀ, ନାମସଂକୀର୍ତ୍ତନ, ନିଶାଣ, ଘଣ୍ଟବାଦ୍ୟର ତାଳେ ତାଳେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଣରେ ବିରାଟ ପଟୁଆରରେ ମା'ଙ୍କ ପ୍ରତିମାଙ୍କୁ ମହୋତ୍ସବ ମଣ୍ଡପକୁ ପାଛୋଟି ନିଆଯାଇଥିଲା । ମନ୍ଦିରଠାରୁ ମହୋତ୍ସବ ମଣ୍ଡମ ପର୍ଯ୍ୟନ୍ତ ସାଂସ୍କୃତିକ ଶୋଭାଯାତ୍ରାରେ ଜାତୀୟ ରାଜପଥ ଦୁଲୁକି ଉଠିଥିଲା । ଦୀର୍ଘ ୩ ଘଣ୍ଟାରୁ ଅଧିକ ସମୟ ସାଂସ୍କୃତିକ ଶୋଭାଯାତ୍ରା ହୋଇଥିଲା । ମା'ଙ୍କ ପ୍ରତିମା ମହୋତ୍ସବ ମଣ୍ଡପରେ ପହଞ୍ଚିବା ପରେ ସେଠାରେ ସ୍ଥାପନ କରାଯାଇଥିଲା । ମହୋତ୍ସବ କମିଟି ସଭାପତି ଅଶୋକ ଅଗ୍ରଓ୍ୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ସନ୍ଧ୍ୟାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କମିଟି ସମ୍ପାଦକ ଅଶୋକ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ପୁରୁଣାକଟକ ଯୁକ୍ତ ଦୁଇ ଭୈରବୀ ମହାବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି ଅବସରରେ ମା' ଭୈରବୀଙ୍କ ସ୍ମରଣିକା ସହ ଭଜନ ଉନ୍ମୋଚିତ ହୋଇଥିଲା । ଭୈରବୀ ନୃତ୍ୟ, ଝୁଣାଖେଳ, ପରଭା ନୃତ୍ୟ ପରିବେଷିତ ହୋଇଥିଲା । ନାରୀ ଶିକ୍ଷା ଉପରେ ଖଣ୍ଡହତା ଶିଶୁ ମନ୍ଦିର ପକ୍ଷରୁ ସଚେତନତାମୂଳକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ବାଉଁଶୁଣୀ ସାଂସ୍କୃତିକ ପରିଷଦ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରମେଶ ଚନ୍ଦ୍ର ତାରେଣିଆ ମଞ୍ଚ ପରିଚାଳନା କରିଥିଲେ ।

## ଶ୍ରୀରାମ କଲେଜରେ ଆଲୋଚନାଚକ୍ର




ଡୁଙ୍ଗୁରିପାଲି,୧୮ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଶ୍ରୀରାମ କଲେଜରେ ଶିକ୍ଷା ଏବଂ ଅର୍ଥନୀତି ବିଭାଗର ମିଳିତ ଆନୁକୁଲ୍ୟରେ ଟୋଟାଲ୍ କ୍ୱାଲିଟି ମ୍ୟାନେଜମେଣ୍ଟ ଇନ୍ ହାଏର୍ ଏଡୁ୍ୟକେଶନ୍ ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଜନାର୍ଦ୍ଦନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ମୁଖ୍ୟ ବିଶ୍ୱନାଥ ପାଢ଼ୀ ପ୍ରାରମ୍ଭିକ ବକ୍ତବ୍ୟ ଉପସ୍ଥାପିତ କରିଥିଲେ । ଭେଡେନ ଆଞ୍ଚଳିକ କିଶାନ କଲେଜର ଶିକ୍ଷା ବିଭାଗର ଅଧ୍ୟାପକ ଡ଼ଃ ସଞ୍ଜୟ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଉଚ୍ଚ ଶିକ୍ଷାରେ ଗୁଣାତ୍ମକ ପରିଚାଳନାର ଗୁରୁତ୍ୱ, ଗୁଣମାନ ନିର୍ଦ୍ଧାରଣ ପ୍ରଣାଳୀ, ମୂଲ୍ୟାୟନ ମାନକ ଏବଂ ଶିକ୍ଷା ସଂସ୍ଥାର ପରିଚାଳନା ସୁଧାର ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମକୁ ଅର୍ଥନୀତି ବିଭାଗୀୟ ମୁଖ୍ୟ ଡ଼ଃ ସୁନିଲ କୁମାର ସର୍ଭଂଗିଆ ପରିଚାଳନା କରିଥିବା ବେଳେ ଛାତ୍ରୀ ବିଷ୍ଣୁପ୍ରିୟା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । କଲେଜର ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ ।

## 'ପଢ଼ିବା, ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ



ବୌଦ୍ଧ,୧୮ ।୧୧(ସମିସ): ଶିଶୁମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏକ ନୂତନ ଯୋଜନା ''ପଢ଼ିବା ଗଢିବା ଓଡିଶା' କ୍ଲଷ୍ଟରସ୍ତରୀୟ କାର୍ଯ୍ୟକ୍ରମ ଚମ୍ପାପୁର ଉ ପ୍ରା ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସିଆର୍‌ସିସି ଅର୍ଜୁନ କଅଁରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ଅନୁପମା ମେହେର ଓ ସୁଶ୍ରୀ ଶିବାନୀ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମୌଳିକ ପଠନ ଦକ୍ଷତା ବିକାଶ କରିବା ସହ ସେମାନଙ୍କ ସ୍ୱାଧୀନ ପଠନ କରିବାରେ ଏଭଳି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ସହାୟକ ହେବ ବୋଲି ମତ ପ୍ରକାଶ କରିଥିଲେ । ବୀରନରସିଂହପୁର କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ମଥୁରା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଧରଣୀଧର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଚମ୍ପାପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପ୍ରଧାନ, ଭବାନୀ ଶଙ୍କର କଅଁର, ସୁଜାତା ସୁବୁଦ୍ଧି, ମଞ୍ଜୁଶ୍ରୀ ମହାପାତ୍ର, ମମତା ମହାନ୍ତି, ରିତାଞ୍ଜଳି ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ୭୨ତମ ସମବାୟ ସପ୍ତାହ ପାଳିତ

ବୌଦ୍ଧ,୧୮ ।୧୧(ସମିସ): ବୌଦ୍ଧ ସହର ବୁଟୁପାଲିସ୍ଥିତ ତୁଳସୀ କଲ୍ୟାଣ ମଣ୍ଡପଠାରେ ଜିଲ୍ଲାସ୍ତରୀୟ ୭୨ତମ ସମବାୟ ସପ୍ତାହ ପାଳିତ ହୋଇଛି । ମୁଖ୍ୟ ଅତିଥି ଭାବରେ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ବିଶିଷ୍ଟ ଅତିଥି ଭାବରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗ ଦେଇଥିଲେ । ଭାରପ୍ରାପ୍ତ ଉପ ନିବନ୍ଧକ ସମବାୟ ସମିତି ସମୂହ ଫକୀର ମୋହନ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ସମବାୟବିତ ଶେଷ ମେହେର, ବିସିସିବି ସଭାପତି ଅରୁଣ ପ୍ରଧାନ, ନାବାର୍ଡ଼ର ସତ୍ୟ ସ୍ୱରୂପ ବିଦାନ୍ତ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ମାଝୀ, ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ସୁଶାନ୍ତ ନାଏକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ତପନ ଦ୍ୱିବେଦୀ, ଅବସରପ୍ରାପ୍ତ ସହକାରୀ ନିବନ୍ଧକ ହାଡ଼ିବନ୍ଧୁ ମହାଖୁଡ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ସମବାୟ ଅଧିକାରୀ ହାଡ଼ବନ୍ଧୁ ମହାଖୁଡ, ନେତ୍ରାନନ୍ଦ ପ୍ରଧାନ, ସମବାୟବିତ ଶେଷ ମେହେର, ଅଗ୍ରଣୀ ଚାଷୀ ଲଳିତ ମୋହନ ଥାଟୀଙ୍କୁ ସମ୍ମାନିତ କରା ଯାଇଥିଲା । ସେହିପରି ଉତ୍କୃଷ୍ଟ ସମବାୟ ସେବା ପ୍ରଦାନ ପାଇଁ ନାରାୟଣ ପ୍ରସାଦ,



ପୁରୁଣା କଟକ ଓ ଗୁନ୍ଦୁଳିଆ ପାକ୍ସକୁ ପୁରସ୍କୃତ କରାଯାଇଥିଲା । ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଗଙ୍ଗାଧର କହଁର, ସମବାୟ ନିରୀକ୍ଷକ ଶିବ ପ୍ରସାଦ ଖମାରୀ, ସ୍ୱର୍ଣ୍ଣଲତା ପ୍ରଧାନ ସହଯୋଗ କରିଥିଲେ । ଶ୍ରଦ୍ଧାଞ୍ଜଳି ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ପୂର୍ବତନ ସରପଞ୍ଚଙ୍କ ବିୟୋଗ



ହରଭଙ୍ଗା,୧୭ ।୧୧(ସମିସ): ହରଭଙ୍ଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିରଞ୍ଚି ପ୍ରସାଦ ପଷ୍ଟି(୬୮)ଙ୍କ ରବିବାର ବିଳମ୍ବିତ ରାତିରେ ବରଗଡସ୍ଥିତ ଏକ ବେସରକାରୀ ହସ୍‌ପିଟାଲରେ ବିୟୋଗ ଘଟିଛି । ସେ ଗତକାଲି ହଠାତ୍ ଅସୁସ୍ଥତା କାରଣରୁ ତାଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ବରଗଡ଼ ମେଡିକାଲ ନେଇଥିଲେ । ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ସୋମବାର ସକାଳୁ ମୃତଦେହ ନିଜ ଗାଁ ଭେଜିଗୁଡାରେ ପହଞ୍ଚିବାପରେ ବହୁମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେ ୧୯୯୧ରୁ ୧୯୯୫ପର୍ଯ୍ୟନ୍ତ ହରଭଙ୍ଗା ସରପଞ୍ଚ ଭାବେ ଦାୟିତ୍ୱନିର୍ବାହ କରିଥିଲେ । ବଡ଼ପୁଅ ମୃତ୍ୟୁଞ୍ଜୟ ପୃଷ୍ଟି ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ସମୟରେ ପାଖରେ ବଡ଼ପୁଅ ବୋହୂ, ସାନପୁଅ ସଞ୍ଜୟ ପୃଷ୍ଟି ସାନ ବୋହୂ ଏବଂ ପତ୍ନୀ ଉପସ୍ଥିତ ଥିଲେ ।

## ଦହ୍ୟାରେ ଏକତା ପଦଯାତ୍ରା




ମନମୁଣ୍ଡା/ଶଗଡା,୧୮ ।୧୧(ସମିସ): ଦହ୍ୟାରେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରା ୫୭ ଜାତୀୟ ରାଜପଥ ଦହ୍ୟାଠାରୁ ଚଉଁରିଆପଦର ପର୍ଯ୍ୟନ୍ତ କରାଯାଇଥିଲା । ବରିଷ୍ଠ ନେତା ନିରଞ୍ଜନ କର୍ଣ୍ଣ, ଗୁନ୍ଦୁଳିଆ ସରପଞ୍ଚ ଧବଳେଶ୍ୱର ସିଂ, ମନମୁଣ୍ଡା ମଣ୍ଡଳ ସଭାପତି ଶ୍ରୀକାନ୍ତ ଭୋଇ, ଶୁଭ୍ରାଂଶୁ ଡ଼ାଙ୍ଗ, ଯୀଶୁ ପ୍ରଧାନ, ଶରତ କର୍ଣ୍ଣ, ବୌଦ୍ଧ ଜିଲ୍ଲା ଭାରତୀୟ ଯୁବ ମୋର୍ଚ୍ଚା ସଭାପତି ଅଟଳ ପ୍ରଧାନ, ଶିବ ନାରାୟଣ ଚୌଳିଆ, ରକ୍ସା (ଦହ୍ୟା) ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ ପ୍ରମୁଖ ସାମିଲ ହୋଇଥିଲେ ।

## ଶ୍ରୀ ଜଗନ୍ନାଥମନ୍ଦିର ନ୍ୟାସମଣ୍ଡଳୀକୁ ଆଇନ ବିଭାଗର ଅନୁମୋଦନ

ପୁରୁଣା କଟକ,୧୮ ।୧୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗାବ୍ଲକ ସଦର ମହକୁମା ଠିଡିକାଯୋର ମୌଜାରେ ବିଜେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ୭ଜଣିଆ ନୂତନ ନ୍ୟାସମଣ୍ଡଳୀ ଓଡ଼ିଶା ସରକାରଙ୍କ ଆଇନ ବିଭାଗ ଓ ଦେବୋତ୍ତର ବିଭାଗର ଅନୁମୋଦନ ଲାଭ କରିଛି । ୨୦୧୦ ମସିହାରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହୋଇଛି । ୨୦୧୪ ମସିହାରୁ ଫଂଜୀକୃତ ହେବା ସହିତ ନ୍ୟାସ ମଣ୍ଡଳୀ ଗଠନ ହୋଇଥିଲା । ୨୦୧୭ ମସିହାରୁ ଏହାର କାର୍ଯ୍ୟକାଳ ସରି ଯାଇଥିଲେ ସୁଦ୍ଧା ନୂତନ ନ୍ୟାସମଣ୍ଡଳୀ ଗଠନ ହୋଇପାରି ନ ଥିଲା । କିଛିଦିନ ତଳେ ମଣ୍ଡଳ ଦେବୋତ୍ତର ନିରୀକ୍ଷକ ହିତେନ୍ଦ୍ରନାଥ ଦାସ ମନ୍ଦିର ପରିଦର୍ଶନରେ ଆସିଥିବାବେଳେ ଏ ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହାପରେ ଏକ ୭ଜଣିଆ ନ୍ୟାସ ମଣ୍ଡଳୀ (ଟ୍ରଷ୍ଟବୋର୍ଡ)କୁ ରାଜ୍ୟ ଆଇନ ବିଭାଗ ପକ୍ଷରୁ ବିଦ୍ଧିବଦ୍ଧ ସ୍ୱୀକୃତି ମିଳିଛି । ଏ ସଂକ୍ରାନ୍ତରେ ରାଜ୍ୟ ଆଇନ ବିଭାଗ ପକ୍ଷରୁ ପ୍ରସ୍ତାବିତ ବୋର୍ଡ ଉପରେ ସମସ୍ତ ତର୍ଜମା ପରେ ବ୍ରହ୍ମପୁର ଅତିରିକ୍ତ ଦେବୋତ୍ତର କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି । ୭ ଜଣିଆ ଟ୍ରଷ୍ଟ ବୋର୍ଡରେ ବାମଦେବ ଦାଶ, କୃଷ୍ଣଚନ୍ଦ୍ର ମଲ୍ଲିକ, ଅର୍ଜୁନ କହଁର, ସିକନ ନାୟକ, ସୁରେଶ ବେହେରା, ବେଦବର ପ୍ରଧାନ, ସ୍ୱପ୍ନେଶ୍ୱର ଜାନୀ ସ୍ଥାନ ପାଇଛନ୍ତି । ଏମାନଙ୍କୁ ବର୍ଷ ଯାଏ ମନ୍ଦିରର ଆର୍ଥିକ ତଥା ପ୍ରଶାସନିକ ଦାୟିତ୍ୱ ପରିଚାଳନା କ୍ଷମତା ପ୍ରଦାନ କରାଯାଇଛି । ଖୁବ୍ ଶୀଘ୍ର ଟ୍ରଷ୍ଟିମାନଙ୍କ ମଧ୍ୟରୁ ଜଣକୁ ସର୍ବସମ୍ମତିକ୍ରମେ ସଭାପତି ନିର୍ବାଚନ କରି ଦେବୋତ୍ତର ବିଭାଗକୁ ଜଣାଇବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି । ଏ ସମ୍ବନ୍ଧରେ ସ୍ଥାନୀୟ ହରଭଙ୍ଗା ତହସିଲଦାରଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି ।

# ଫଳଶାଫୁଲ କଳାପଟାର ବାର୍ଷିକ ଉତ୍ସବ



ପଲଶାଗୋରା,୧୮ ।୧୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାର ସାହିତ୍ୟ ଅନୁଷ୍ଠାନ କୋଶଲି କଳାପଟା ଫଳଶାଫୁଲର ଚତୁର୍ଥ ବାର୍ଷିକ ଉତ୍ସବ ମକରପଡିଆରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଶିକ୍ଷକ ଜଗନ୍ନାଥ ମହାପାତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କୋଶଲ ସାହିତ୍ୟ ଏକାଡେମୀ ସଭାପତି ଦେବେନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ତେଜରୁ ବାରିକ, ସମ୍ମାନିତ ଅତିଥି ଭାବେ କଦମଫୁଲ ପତ୍ରିକାର ସମ୍ପାଦକ ଯୁଧିଷ୍ଠିର ଖମାରୀ, ପାଲା ଗାୟକ ଶୃଙ୍ଗାର ବିଭୂଷଣ ବାଞ୍ଛାନିଧି ପ୍ରଧାନ, ଅଙ୍ଗରା ସାହିତ୍ୟ ସଂସଦର ସମ୍ପାଦିକା ଗୀତାଞ୍ଜଳି ମିଶ୍ର, ଗୌନ୍ତିଆ ରବୀନ୍ଦ୍ର ପ୍ରଧାନ, ଅନୁଷ୍ଠାନ ଉପଦେଷ୍ଟା ଶିକ୍ଷକ ରାମଚନ୍ଦ୍ର ମଲିକ ମଞ୍ଚାସୀନ ରହି କୋଶଲି ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ସଭାରେ ଅନୁଷ୍ଠାନର ସମ୍ପାଦକ ପ୍ରଭାତ ଖମାରୀ ସଂଯୋଜନା କରିଥିବା ବେଳେ ସହ ସମ୍ପାଦକ ଅଂଶୁମାନ କର୍ମୀ ସମ୍ବର୍ଦ୍ଧନା ଉତ୍ସବ ପରିଚାଳନା କରିଥିଲେ । ଅନୁଷ୍ଠାନର ଉପଦେଷ୍ଟା ଶିକ୍ଷକ ରାଜକିଶୋର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ପାଲା ଗାୟକ ବାଞ୍ଛାନିଧି ପ୍ରଧାନଙ୍କୁ ଗାୟକ ରତ୍ନ ସମ୍ମାନ, ଅଭିନେତା ଗୌର ବସ୍ତିଆଙ୍କୁ ବରିଷ୍ଠ ଅଭିନେତା ସମ୍ମାନ, ସନ୍ତୋଷ ସାହୁଙ୍କୁ ଯୁବ କଳାକାର ସମ୍ମାନ, ବିପ୍ଳବୀ କବି ହରିଲାଲ ସାହୁଙ୍କୁ ଫଳଶାଫୁଲ କଳାପଟା ସମ୍ମାନ, ଅଭିନେତା ଜଟାଧାରୀ ପ୍ରଧାନଙ୍କୁ ଫଳଶାଫୁଲ ସମ୍ମାନ, କୀର୍ତ୍ତନ ଗାୟିକା କ୍ଷୀର ପୁଟେଲଙ୍କୁ କୋଶଲ ଭାରତୀ ସମ୍ମାନ, ଉମେଶ ପ୍ରଧାନଙ୍କୁ ସ୍ୱାଧୀନତା ସଂଗ୍ରାମୀ ଦୁର୍ଗାଚରଣ ପଣ୍ଡା ସ୍ମୃତି ସମ୍ମାନ ଓ ଲିଙ୍ଗରାଜ କର୍ମୀଙ୍କୁ କଦମଫୁଲ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ସେହିଭଳି ସାମ୍ବାଦିକ ଦେବାଶିଷ ମଲିକ, ସାହିତ୍ୟିକ ଗୌରାଙ୍ଗ ପାଣ୍ଡେଙ୍କୁ ସମ୍ମାନିତ କରାଯାଇଥିଲା । କବି କୃପାସିନ୍ଧୁ ମହାକୁରଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ଅତିଥି ଭାବେ ହରିଲାଲ ସାହୁ, କବୟିତ୍ରୀ ଶ୍ରଦ୍ଧାଞ୍ଜଳି ପଣ୍ଡା, କବି ଗଜେନ୍ଦ୍ର ସେଠି, ନବୀନ ମହାକୁଡ଼, କଳାକାର ଜଟାଧାରୀ ପ୍ରଧାନ ମଞ୍ଚାସୀନ ଥିଲେ । ମୁକ୍ତେଶ୍ୱର ଖମାରୀ, ସନ୍ତୋଷ ମହାପାତ୍ର, ରାହୁଲ କମ୍ପ, ସନ୍ତୋଷ ଖମାରୀ, ଲବ ବସ୍ତିଆ, ଅନନ୍ତ ଖମାରୀ ପ୍ରମୁଖ ସହଯୋଗ କରିଥିଲେ ।

# କ୍ରୀଡ଼ା ସାମଗ୍ରୀ ଦୋକାନ ଜଳିଗଲା




ଭବାନୀପାଟଣା, ୧୮ ।୧୧(ସମିସ): ଭବାନୀପାଟଣା ସହରସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ ନିକଟରେ ଥିବା ଏକ କ୍ରୀଡ଼ା ସାମଗ୍ରୀ ଦୋକାନରେ ମଙ୍ଗଳବାର ଅପରାହ୍ନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଦୋକାନ ମାଲିକ ଅଶୋକ ପତି। ଦୋକାନ ବନ୍ଦ କରି ଘରକୁ ଯାଇଥିବାବେଳେ କୌଣସି କାରଣ ବଶତଃ ଭିତର ପଟୁ ନିଆଁ ଲାଗି ଯାଇଥିଲା। ତେବେ ଦୋକାନ ଉପରେ ଥିବା ସ୍କାଏ ଲାଇଟ (ଉପର ଛୋଟ ଝରକା) ଆଡେ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଦୋକାନ ମାଲିକଙ୍କୁ ଖବର ଦେଇଥିଲେ। ଏହାପରେ ଦୋକାନ ମାଲିକ ଘଟଣା ସ୍ଥଳକୁ ଆସି ଦୋକାନ ଖୋଲିବା ପରେ ଭିତରେ ପ୍ରଖର ବେଗରେ ନିଆଁ ଜଳୁଥିବା ଦେଖିବାକୁ ପାଇଥିଲା। ସ୍ଥାନୀୟ ଲୋକେ ଏ ନେଇ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ କାଳବିଳମ୍ବ ନକରି ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ଏହା ପୂର୍ବରୁ ଦୋକାନର ପ୍ରାୟ ସମସ୍ତ ଖେଳ ସାମଗ୍ରୀ ଜଳି ପୋଡି ପାଉଁଶ ହୋଇଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ସଠିକ ଜଣାନପଡ଼ିଲେ ମଧ୍ୟ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ଘଟିଥିବା ଅନୁମାନ କରାଯାଉଛି ।ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଅନ୍ୟପକ୍ଷରେ, ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରି ନ ଥିଲେ ପାଖରେ ଥିବା ଅନ୍ୟ ଦୋକାନ ଗୁଡ଼ିକୁ ନିଆଁ ଲାଗିଯିବା ସମ୍ଭାବନା ରହିଥିଲା।

# ଦୁର୍ଗମ କୁନ୍ନାକାଡୁ ଗାଁର ୨ ଝିଅ ଓ ୧୨ ଆଦିବାସୀ ପିଲାଙ୍କୁ ଥଇଥାନ





ଲାଞ୍ଜିଗଡ଼, ୧୮ ।୧୧(ସମିସ)

କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ନିୟମଗିରି ପାହାଡ଼ର ପାଦ ଦେଶରେ ଥିବା କୁନ୍ନାକାଡୁ ଗ୍ରାମର ଦୁଇ ଝିଅଙ୍କ ସହ ୧୨ ଆଦିବାସୀ ପିଲାଙ୍କୁ ଲାଞ୍ଜିଗଡ଼ ବ୍ଲକ ବିଡ଼ିଓ ଦାୟିତ୍ୱରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଶ ପ୍ରଧାନ ଲାଞ୍ଜିଗଡ଼ର ବିଭିନ୍ନ ଆଦିବାସୀ ହଷ୍ଟେଲ ସ୍କୁଲରେ ଥଇଥାନ କରିଛନ୍ତି। ପୂର୍ବରୁ ଏହି ଦୁଇ ଝିଅ ସମେତ ୧୨ ଜଣ ମଧ୍ୟରୁ କିଛି ପିଲା ତ୍ରିଲୋଚନପୁର ଓ ଖେମୁଣ୍ଡିପଦର ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ ୬କିମି ଦୂର ଜଙ୍ଗଲ ରାସ୍ତାରେ ନିୟମିତ ସ୍କୁଲ ଯିବା ସମ୍ଭବ ହେଉନଥିଲା ।ଗତ ୩ ତାରିଖରେ କୁନ୍ନାକାଡୁ ଗାଁର କାଣ୍ଡୁ ମାଝୀଙ୍କ ପୁଅ ରବି ମାଝୀ(୬)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିବା ପରେ ସେହି ଦିନଠାରୁ ପିଲା ସ୍କୁଲ ଆସିବା ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଶ୍ରୀ ପ୍ରଧାନ କୁନ୍ନାକାଡୁ ଗାଁକୁ ପାଦରେ ଚାଲିଚାଲି ଯାଇ ଗାଁ ଲୋକ ଓ ପିଲାଙ୍କ ବାପା ମା' ଙ୍କ ସହିତ ଆଲୋଚନା କରିବା ପରେ ଦୁଇ ଝିଅ ସମେତ ୧୨ ଜଣ ପିଲାଙ୍କୁ ଆଣି ସେଥିମଧ୍ୟରୁ ଲାଞ୍ଜିଗଡ଼ ପିଭିଟିଜି ଆଶ୍ରମ ବିଦ୍ୟାଳୟରେ ସମ୍ବରୁ ମାଝୀ, କାଙ୍ଗୁ ମାଝୀ ଓ ମନୁ ମାଝୀଙ୍କୁ ଥଇଥାନ କରିଥିଲେ ।ସେହିପରି ଦୁଇ ଗୋଟି ଝିଅ ସାମି ମାଝୀ ଓ ରଙ୍ଗୀ ମାଝୀଙ୍କୁ ବାଣିପଙ୍ଗା ବାଳିକା ଆଶ୍ରମ ସ୍କୁଲରେ ନାମ ଲେଖା ହୋଇଥିଲା ।ଅନ୍ୟ ୭ ଜଣ ଛାତ୍ର ରାନୁ ମାଝୀ, ମିଶ୍ର ମାଝୀ, ରିଙ୍କୁ ମାଝୀ, ଜଟି ମାଝୀ, କାଳିଆ ମାଝୀ, ବୁଦ୍ରୀ ମାଝୀ ଓ ପାଡ଼ୀ ମାଝୀଙ୍କୁ ଲାଞ୍ଜିଗଡ଼ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମାଙ୍କିତ କରିବାର ଯୋଜନା ହୋଇଛି। ଏହି ପଦକ୍ଷେପ ଗ୍ରାମର ଶିକ୍ଷା ପରିସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ନେଇଆସିଛି ।ଶିକ୍ଷାକୁ ଜୀବନର ସର୍ବୋତ୍କୃଷ୍ଟ ସମ୍ପତ୍ତି ଭାବରେ ଗଣାଯାଏ। କିନ୍ତୁ କଳାହାଣ୍ଡିର ଲାଞ୍ଜିଗଡ଼ ବ୍ଲକ ପରି ଦୁର୍ଗମ ଓ ପଛୁଆ ଅଞ୍ଚଳରେ ଦାରିଦ୍ର୍ୟ, ପରିବହନ ଅସୁବିଧା, ମୌଳିକ ସୁବିଧାର ଅଭାବ, ଓ ସଚେତନତାର ଅଭାବ ଫଳରେ ଅନେକ ଶିଶୁ ବିଦ୍ୟାଳୟରୁ ବଞ୍ଚିତ ହୋଇଥିଲେ। ତେବେ କୁନ୍ନାକାଡୁ ଗାଁର ଏହି ସଫଳ ପଦକ୍ଷେପ ଅନ୍ଧକାରକୁ ଭାଙ୍ଗିଥିବା ଆଲୋକର ଦୀପ ସାବିତ ହୋଇଛି ।ଏହି ସଫଳତାରେ ଲାଞ୍ଜିଗଡ଼ ବିଡ଼ିଓ ଦାୟିତ୍ୱରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଶ ପ୍ରଧାନ, କଳାହାଣ୍ଡି ଜିଲ୍ଲା ଆସିଷ୍ଟେଣ୍ଟ ପ୍ରୋଜେକ୍ଟ ମ୍ୟାନେଜର ଅମୂଲ୍ୟ ବଉଲ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିଆର ସିଂ, ଲାଞ୍ଜିଗଡ଼ କ୍ଲଷ୍ଟର ସଂଯୋଜକ ଜଳନ୍ଧର ମାଝୀଙ୍କ ପ୍ରମୁଖ ଭୂମିକା ଥିଲା। ସେମାନେ ଘରକୁ ଘର ଯାଇ ଅଭିଭାବକଙ୍କ ସହିତ ଆଲୋଚନା କରି ଶିଶୁମାନେ ପୁଣିଥରେ ବିଦ୍ୟାଳୟରେ ଯୋଗଦେବାରେ ସାହାଯ୍ୟ କରିଛନ୍ତି। ଏହି ପଦକ୍ଷେପ ଶିକ୍ଷାର ଆଲୋକ ମାଧ୍ୟମରେ ଗ୍ରାମକୁ ସଚେତନ କରିଛି, ଅନ୍ୟାନ୍ୟ ଦୁର୍ଗମ ଅଞ୍ଚଳ ପାଇଁ ପ୍ରେରଣାଦାୟକ ଉଦାହରଣ ହେବାର ଆଶା ରହିଛି ।ଏହା ଦୁର୍ଗମ ଅଞ୍ଚଳରେ ଶିକ୍ଷାର ସଚେତନତା ବୃଦ୍ଧିର ପ୍ରତୀକ ହେବା ସହିତ ଗାଁକୁ ଆଲୋକମୟ ଭବିଷ୍ୟତ ପାଇଁ ପ୍ରେରଣା ଦେଇଛି।

**ମଦମୁକ୍ତ ପାଣିଗାଁ ଗଠନ ଦାବି**

# ମହିଳା ମୋର୍ଚ୍ଚା ଅତିରିକ୍ତ ଜିଲ୍ଲାପାଳଙ୍କୁ ଫେରାଦ



ଭବାନୀପାଟଣା, ୧୮ ।୧୧(ସମିସ): ଗ୍ରାମାଞ୍ଚଳରେ ମଦ ପାଲଟିଛି କୁଟୀର ଶିଳ୍ପ। ମଦ ମାଫିଆ କିଛି ଲୋକଙ୍କୁ ନିୟୋଜିତ କରି ନିଜର କଳା ବେପାରର ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି। ଦିନକୁ ଦିନ ମଦ ନିଶାରେ ବିପଥଗାମୀ ହେଉଛି ଯୁବକ। ବୃଦ୍ଧି ପାଉଛି ଘରୋଇ ହିଂସା, ବଢୁଛି ଦୁର୍ଘଟଣା। କଳାହାଣ୍ଡି ଜିଲ୍ଲା କଲମପୁର ପୋଲିସ ଥାନା ଅଞ୍ଚଳରେ ପ୍ରତ୍ୟେକ ଗାଁରେ ଏକାଧିକ ମଦ କୋଠୀ। ଦେଶୀ ବିଦେଶୀ ସମେତ ହାତରନ୍ଧା ମଦ ବିକ୍ରି ଯୋଗୁଁ ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି। ତୁରନ୍ତ ଏହାର ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି ପାଣିଗାଁର ମହିଳା ଗୋଷ୍ଠୀର ସଦସ୍ୟା। ପାଣିଗାଁରେ ୧୧ ଜଣ ବ୍ୟକ୍ତି ଦେଶୀ, ବିଦେଶୀ ଏବଂ ହାତରନ୍ଧା ମଦ ବିକ୍ରି କରୁଥିବା ନେଇ ଗ୍ରାମବାସୀ ଏକତ୍ରିତ ହୋଇ କଲମପୁର ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଗ୍ରାମ ପରିକ୍ରମା କରି ମଦ ବେପାର କରୁଥିବା ବ୍ୟକ୍ତିଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ କହିଥିଲେ। କଲମପୁର ପୁଲିସ ମଧ୍ୟ ମଦ ବେପାରରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କୁ ଗ୍ରାମବାସୀଙ୍କ ଦାବି ମୁତାବକ ମଦ ବିକ୍ରି ବନ୍ଦ କରିବା ପାଇଁ ସୂଚନା ଦେଇଥିଲେ। କିନ୍ତୁ ଅଦ୍ୟାବଧି ମଦ ବେପାରୀ ଖୁଲମ୍ ଖୁଲା ମଦ ବିକ୍ରି କରୁଛନ୍ତି। ମଙ୍ଗଳବାର ଦିନ ସାଢେ ୧୨ଟାରେ ଶତାଧିକ ମହିଳା ଭବାନୀପାଟଣା ଯାଇ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ସମେତ ଏସ୍‌ପି କଳାହାଣ୍ଡି ଓ ଏସ୍‌ପି ଅବକାରୀ ବିଭାଗଙ୍କୁ ସାକ୍ଷାତ କରି ମଦ ବନ୍ଦ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ସମାଧାନ ନହେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବ ବୋଲି ସମାଜସେବୀ ଭାରତ ଭୂଷଣ ମୁଣ୍ଡ, ଶରତ ଚନ୍ଦ୍ର ମୁଣ୍ଡ, ଅମୂଲ୍ୟ ମୁଣ୍ଡ, ପୂର୍ଣ୍ଣଚନ୍ଦ୍ର ବେହେରା, ହୃଷିକେଶ ବେହେରା, ଭଦ୍ରାଞ୍ଚଳ ନାୟକ ସମେତ କମଳା ଲୁହୁରା, ନିରୁପମା ନାଏକ, ବାସନ୍ତୀ ନାଏକ, ଘସେନ ନାଗ, କବିତା ରାଉତ, ବିଳାସ ଗହିର, ସବିତା ଲହଜଲ୍, ମାଧବୀ ନାଗ, ସଭ୍ୟା ନାଗ, ସରାବତୀ ବାଗ, ହେମବତି ହାତୀ, ଯମୁନା ରାଉତ, ପୂର୍ଣ୍ଣମୀ ଭୋଇ, କ୍ଷୀର ବାଗ, ଚନ୍ଦ୍ରିକା ରାଉତ, ତୁଳସା ମାଝୀ, ମରୁଆ ମାଝୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଇଁ ପ୍ରସ୍ତୁତି




ଭବାନୀପାଟଣା, ୧୮ ।୧୧(ସମିସ): ସର୍ଦ୍ଦାର ବଲ୍ଲବ ଭାଇ ପଟେଲଙ୍କର ଜୟନ୍ତୀ ସାରା ଦେଶରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ଆସନ୍ତା ୨୪ ଓ ୨୫ ତାରିଖରେ ୩ଟି ସ୍ଥାନରେ ଯଥା ଜିଲ୍ଲା ସଦରମହକୁମା ଭବାନୀପାଟଣା, ନର୍ଲା ଓ ଧର୍ମଗଡ଼ରେ ଜୟନ୍ତୀ ପାଳିତ ହେବ। ଭାରତ ସରକାରଙ୍କ ମେରା ଯୁବ ଭାରତ, ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲାକ୍ରୀଡ଼ା ବିଭାଗ ତରଫରୁ ମିଳିତ ଆନୁକୂଲ୍ୟରେ ଭବାନୀପାଟଣା ଠାରେ ଚଳିତ ମାସ ୨୪ ତାରିଖ ସକାଳ ୭ଟାରେ ଓ ଧର୍ମଗଡ଼ରେ ଅପରାହ୍ନ ୨ଟା ସମୟରେ ଆରମ୍ଭ ହେବ ଏବଂ ୨୫ ତାରିଖ ଦିନ ସକାଳ ୭ଟାରେ ନର୍ଲାରେ ଆରମ୍ଭ ହେବ। ଏଥିରେ ପଦଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଲୋକସଭା ସଦସ୍ୟ କଳାହାଣ୍ଡି ମାଳବିକା ଦେବୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କୁ ସାଂସଦ ଶ୍ରୀମତୀ ମାଳବିକା ଦେବୀ ସମ୍ବୋଧନ କରି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାର ସମସ୍ତ ବର୍ଗର ଲୋକଙ୍କୁ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସାମିଲ ହୋଇ ଏକତା ଦିବସରେ ଜାତୀୟ ଏକତାକୁ ସୁଦୃଢ଼ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ପ୍ରକାଶ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ସଫଳ ରୂପାୟନରେ ପ୍ରସାର ପ୍ରଚାର ଦିଗରେ ଗଣମାଧ୍ୟମର ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ି, ମେରା ଯୁବ ଭାରତ ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଶିଶୁ ସୁରକ୍ଷା ୟୁନିଟର ଅଂଶୁମାନ ବାବୁଙ୍କ ସମେତ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।ଏହି ଅବସରରେ ସାଂସଦ ଓ ଜିଲ୍ଲାପାଳଙ୍କ ଦ୍ୱାରା ଟିସାର୍ଟ ଏବଂ ପୋଷ୍ଟର ଉନ୍ମୋଚନ ହୋଇଥିଲା। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ନିଆଲ ଧନ୍ୟବାଦ ଅର୍ପଣ କରିଥିଲେ।

**● ଲାଞ୍ଜିଗଡ଼ର ଝିଅ ଅନନ୍ୟାଙ୍କ ସଫଳତା**

# ରାଜ୍ୟ ବ୍ୟାଡମିଣ୍ଟନର ବୈଷୟିକ ଟ୍ରେନିଂରେ ବୈଷୟିକ ଅଧିକାରୀ



ଲାଞ୍ଜିଗଡ଼, ୧୮ ।୧୧(ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ଝିଅ ଅନନ୍ୟା ବେହେରା କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଆସନ ତରଫରୁ ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ବୈଷୟିକ ଅଧିକାରୀ ଟ୍ରେନିଂରେ ଭାଗ ନେଇ ରାଜ୍ୟ ସ୍ୱୀକୃତପ୍ରାପ୍ତ ବୈଷୟିକ ଅଧିକାରୀ ହୋଇଛନ୍ତି ।ପ୍ରକାଶ ଥାଉକି ପୂର୍ବରୁ ଲାଞ୍ଜିଗଡ଼ ବ୍ଲକର ବିଶାଖା ନାଏକ ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାଗ ନେଇ ବର୍ତ୍ତମାନ କିଟ୍ ବିଶ୍ୱବିଦ୍ୟାଳୟରେ ବ୍ୟାଡମିଣ୍ଟନ ପ୍ରଶିକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ତେବେ ଲାଞ୍ଜିଗଡ଼ ବ୍ଲକ ବ୍ୟାଡମିଣ୍ଟନ୍ ତଥା କଳାହାଣ୍ଡି ବ୍ୟାଡମିଣ୍ଟନ୍ ଆସୋସିଆସନର ସହଯୋଗରେ ଖେଳାଳିମାନେ ପ୍ରୋତ୍ସାହିତ ହେଉଛନ୍ତି। ଜିଲ୍ଲା ସଂଘ ମତରେ ଲାଞ୍ଜିଗଡ଼ରେ ବହୁ ପ୍ରତିଭା ଲୁକ୍କାୟିତ ହୋଇ ରହିଛନ୍ତି। ଯଦି ଉପଯୁକ୍ତ ପ୍ରଶିକ୍ଷଣ ଓ ଭିତ୍ତିଭୂମିର ସୁବିଧା ମିଳିଲେ ଆଗକୁ ବହୁ ପ୍ରତିଭା ସାମ୍ନାକୁ ଆସିପାରିବେ ଅଞ୍ଚଳରେ ଚର୍ଚ୍ଚା ହେଉଛେ ।ପ୍ରତିବର୍ଷ ଲାଞ୍ଜିଗଡ଼ ବ୍ଲକ ପ୍ରତିନିଧି ଧବଳେଶ୍ୱର ଠେଲାଙ୍କ ତତ୍ତ୍ୱାବଧାନରେ ଲାଞ୍ଜିଗଡ଼ ବ୍ୟାଡମିଣ୍ଟନ ଆସୋସିଆସନ, ଜିଲ୍ଲା ସଂଘ ସହ ଅନୁବନ୍ଧିତ ହୋଇ ବହୁ ପ୍ରତିଯୋଗିତା ଟେଷ୍ଟ ଲଗାଇ ବହୁତ ଖର୍ଚ୍ଚ ବହନ କରି ସ୍ଥାନୀୟ ଖେଳାଳିଙ୍କୁ ପ୍ରୋତ୍ସାହିତ କରାଇ ଆସୁଅଛନ୍ତି। ତେବେ ଲାଞ୍ଜିଗଡ଼ ବ୍ଲକରେ ଏକ ବ୍ୟାଡମିଣ୍ଟନ ଷ୍ଟାଡିୟମ ପାଇଁ ବହୁତ ଦିନରୁ ଖେଳାଳି ମାନଙ୍କର ଦାବି ହୋଇ ଆସୁଛି। ଜିଲ୍ଲା ସଂଘ ସଭାପତି ପ୍ରଦୀପ ଦାସ ପ୍ରତି ବ୍ଲକରେ ଇଣ୍ଡୋର ଷ୍ଟାଡିୟମ ଓ ପ୍ରଶିକ୍ଷକଙ୍କ ବ୍ୟବସ୍ଥା କରାଗଲେ ଆଗାମୀ ଦିନରେ କଳାହାଣ୍ଡିରେ ବହୁ ପ୍ରତିଭାବାନ ଖେଳାଳି ବାହାରି ପାରିବେ ବୋଲି କହିଛନ୍ତି।

# କଳାହାଣ୍ଡି କ୍ଷେତ୍ରୀୟ ପାଇକ ସମାଜ ପୂର୍ବମଣ୍ଡଳର ପଲ୍ଲୀ ବୈଠକ

ଭବାନୀପାଟଣା, ୧୮ ।୧୧(ସମିସ): କଳାହାଣ୍ଡି କ୍ଷେତ୍ରିୟ ପାଇକ ସମାଜ ପୂର୍ବମଣ୍ଡଳ ମନ୍ଦାରର ପଲ୍ଲୀ ବୈଠକ କ୍ଷେତ୍ରିୟ ପାଇକ ସମାଜ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ପୂର୍ବତନ କ୍ଷେତ୍ରିୟ ପାଇକ ସମାଜ ପୂର୍ବ ମଣ୍ଡଳ ସମ୍ପାଦକ ପଦ୍ମନାଭ ରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପୂର୍ବତନ କୁଳପତି ଭବାନୀ ଶଙ୍କର ବକ୍ଷଣ୍ଡିଆ ଉପସ୍ଥିତ ରହିଥିଲେ ।ବୈଠକ ପଲ୍ଲୀ ସମ୍ପାଦକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରଥମେ ଶ୍ରୀରାମଚନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରାଯାଇ ସଭା ପରିଚାଳନା କରାଯାଇଥିଲା ।ବୈଠକରେ ପୂର୍ବରୁ ବାସନ୍ଦ ଥିବା ସଦସ୍ୟଙ୍କୁ କିପରି ପୁନର୍ବାର ସମାଜର ରୀତିନୀତିରେ ରହିବେ ତାକୁନେଇ ସମସ୍ତ ସଦସ୍ୟଙ୍କ ବିଚାରକୁ ନେଇଆଲୋଚନା କରାଯାଇଥିଲା ।ପରେ ସମାଜର ଆୟବ୍ୟୟକୁ ନେଇ ଆଲୋଚନା ହୋଇଥିଲା। ସମାଜ କିପରି ମଜଭୁତ ହେବ ତାକୁନେଇ ନୂତନ ସଦସ୍ୟ ଚୟନ କରାଯାଇ ଥିଲା ।ସେମାନଙ୍କ ମଧ୍ୟରୁ ପଲ୍ଲୀ ସଭାପତି ଭାବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ରାୟ, ସାଧାରଣ ସମ୍ପାଦକ ଅଭିନ୍ନ ପ୍ରଦାନୀ, ଉପସଭାପତି ଭୁବନେ ନାୟକ, କୋଷାଧ୍ୟକ୍ଷ ମନୋଜ କୁମାର ବିଶି, ଏବଂ ସହସମ୍ପାଦକ ଅଭୟ ପ୍ରଧାନୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲ ଏବଂ ଆସନ୍ତା ଦିନରେ ମଣ୍ଡଳ, ଉପମଣ୍ଡଳକୁ ନେଇ ବୈଠକ କରାଯିବ ବୋଲି ଗୃହୀତ କରାଯାଇଥିଲା ।ବୈଠକରେ ପଲ୍ଲୀର ସଦସ୍ୟମାନେ ଉପସ୍ଥିତ ରହି ନିଜର ମତପ୍ରକାଶ କରିଥିଲେ।



# ମହିଳା ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ




ଭବାନୀପାଟଣା, ୧୮ ।୧୧(ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର କାଉଡୋଳା ମଣ୍ଡି ପ୍ରାଙ୍ଗଣରେ ଭାରତୀୟ ମାନବ ଅଧିକାର ପରିଷଦ ତରଫରୁ ମହିଳା ସୁରକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାରତୀୟ ମାନବ ଅଧିକାର ପରିଷଦର ସ୍ଥାପକ ଡ଼. ପୂର୍ଣ୍ଣ ଚନ୍ଦ୍ର ସାହୁ ଉପସ୍ଥିତ ହୋଇ ମହିଳାଙ୍କ ସୁରକ୍ଷା, ମାନବ ଅଧିକାର ଓ ସମାଜରେ ମହିଳାଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସଭାପତି ମହମ୍ମଦ ମୁସ୍ତାଫା, ଜିଲ୍ଲା ସଭାପତି ଅନିଲ କୁମାର ସାହୁ, ମହିଳା ସେଲ୍‌ଫ ଜିଲ୍ଲା ସଭାପତି ପଙ୍କଜିନି ନାଏକ, ମହିଳା ସେଲ୍‌ଫ କୋକସରା ବ୍ଲକ ସଭାପତି ଅଞ୍ଜଳି ଦଣ୍ଡସେନା ପ୍ରମୁଖ ଉପସ୍ଥିତ ହୋଇ ମହିଳାଙ୍କୁ ସ୍ୱୟଂରକ୍ଷା, ଆଇନ ସଚେତନତା ଓ ନାରୀ ସଶକ୍ତିକରଣ ବିଷୟରେ ସୂଚନା ଦେଇଥିଲେ।

# ପାଇପ୍ ମରାମତି ପରେ ଗାଁକୁ ପାଣି ଯୋଗାଣ

ଗୋଲାମୁଣ୍ଡା, ୧୮ ।୧୧(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁରେ ଦୀର୍ଘ ଚାରି ଦିନ ଧରି ବସୁଧା ଯୋଜନାରେ ନିର୍ମିତ ପାଇପ ଲାଇନ ଫାଟିବା ଯୋଗୁଁ ଜଳ ଯୋଗାଣ ବନ୍ଦ ରହିଥିଲା। ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ସହଯୋଗରେ ମଙ୍ଗଳବାର ମରାମତି ହୋଇଛି। ପୂର୍ବରୁ ମଧ୍ୟ ଅନେକ ଥର ଜଳ ଯୋଗାଣ ବନ୍ଦ ଥିବା ବେଳେ ତାଙ୍କ ସହଯୋଗରେ ଜଳ ଯୋଗାଣ ହୋଇଥିଲା। ଯେଉଁଦିନ ଠାରୁ ଅଧ୍ୟକ୍ଷ ପଦରେ ବସିଛନ୍ତି ସେବେ ଠାରୁ ଦିନ ରାତି ଲୋକଙ୍କ ସେବାରେ ଲାଗିଛନ୍ତି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ପ୍ରଶଂସାର ପାତ୍ର ହୋଇଛନ୍ତି।



**କର୍ଲାଗୁଡ଼ା ସ୍କୁଲରେ ଶିକ୍ଷକଙ୍କ ମନଇଚ୍ଛା ଉପସ୍ଥାନ**

# ସହ ଶିକ୍ଷକଙ୍କୁ ଶିକ୍ଷା ବିଭାଗର ଅହେତୁକ ଅନୁକମ୍ପା

କୋକସରା, ୧୮ ।୧୧(ସମିସ)




କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା କର୍ଲାଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ମନଇଚ୍ଛା ଅନୁପସ୍ଥିତ ରହୁଛନ୍ତି। ଡିୟୁଟିରେ ଥିବା ଶିକ୍ଷକ ମଧ୍ୟ ସ୍କୁଲ ଛାଡ଼ି ନିଜ ବ୍ୟକ୍ତିଗତ କାମରେ ଯାଉଥିବା ଅଭିଯୋଗ ହେଉଛି। ମଙ୍ଗଳବାର ବିଦ୍ୟାଳୟର ପ୍ରଧାନଶିକ୍ଷକ ଛୁଟିରେ ରହିଥିବା ବେଳେ ଅନ୍ୟଜଣେ ସହ ଶିକ୍ଷକ ଦିର୍ଘ ଦିନ ହେଲା ବିଦ୍ୟାଳୟକୁ ଆସୁ ନ ଥିବାରୁ ନିକଟସ୍ଥ ବୋବରିଆ ସ୍କୁଲର ଜଣେ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ସଂପୃକ୍ତ ଶିକ୍ଷକ ସକାଳୁ ସ୍କୁଲ୍ ଆସିଥିବା ବେଳେ ୧୨ଟା ପରେ ସ୍କୁଲରେ ନଥିଲେ। ଯାହାଫଳରେ ଛାତ୍ରଛାତ୍ରୀ ସ୍କୁଲ ବାହାରେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା। ଏନେଇ 'ସକାଳ' ପ୍ରତିନିଧି ସମେତ ଅନ୍ୟ କିଛି ଗଣମାଧ୍ୟମ ପ୍ରତିନିଧି ଛାତ୍ରଛାତ୍ରୀ ଓ ପାଚିକାଙ୍କୁ ପଚାରିବାରୁ ଘରର ବିଦ୍ୟୁତ୍ ବିଲ୍ ପୈଠ କରିବା ପାଇଁ ଶିକ୍ଷକ ଜଣକ ସ୍କୁଲ ଛାଡ଼ି ଯାଇଥିବା କହିଥିଲେ। ସବୁଠାରୁ ବଡ଼ କଥା ହେଲା ଏହି ବିଦ୍ୟାଳୟରେ ଥିବା ଅନ୍ୟଜଣେ ସହ ଶିକ୍ଷକ ମାନସ ରଞ୍ଜନ ସାହୁ କୌଣସି ଛୁଟି ନ ନେଇ ଗତ ଗଣେଶ ପୂଜା ପରଠାରୁ ବିଦ୍ୟାଳୟକୁ ଆସୁ ନଥିବା ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶିକ୍ଷକ ଜଣକ ବିଦ୍ୟାଳୟକୁ ଆସୁ ନ ଥିବାରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟଟି ଜଣେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକଙ୍କ ଭରସାରେ ଚାଲି ଆସିଛି। ତେବେ ଏହି ସ୍କୁଲରେ ଥିବା ସହ ଶିକ୍ଷକ ମାନସ ରଞ୍ଜନ ସାହୁ ସ୍କୁଲ ଆସୁ ନଥିବାରୁ ଜଣେ ଶିକ୍ଷକ ଛୁଟିରେ ଗଲେ ଅନ୍ୟ ସ୍କୁଲର ଶିକ୍ଷକଙ୍କୁ ଦାୟିତ୍ୱ ଦେବାକୁ ପଡୁଛି। ବିଗତ ଦିନର କୌଣସି ଘଟଣାକୁ ବାହାନା କରି ସମ୍ପୃକ୍ତ ଶିକ୍ଷକ ମାନସ ରଞ୍ଜନ ଉକ୍ତ ସ୍କୁଲ କୁ ଆସୁ ନଥିବାବେଳେ ଶିକ୍ଷା ବିଭାଗର ଜଣେ ଅଧିକାରୀ ତାଙ୍କୁ ସୁରକ୍ଷା ଦେଉଥିବା ଅନ୍ୟ ସ୍କୁଲର ଶିକ୍ଷକମାନେ ଚର୍ଚ୍ଚା ଆଲୋଚନା କରୁଛନ୍ତି। ଏବେ ଶିକ୍ଷକ ଜଣକ ବିଇଓ କାର୍ଯ୍ୟାଳୟରେ ବସି ରହୁଛନ୍ତି। କେଉଁ ସ୍କୁଲ କୁ ଯିବା ପାଇଁ ମଧ୍ୟ କୁଆଡେ ଇଚ୍ଛା କରୁ ନଥିବା କଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଏହି ଶିକ୍ଷକଙ୍କୁ ଶିକ୍ଷା ବିଭାଗର କେଉଁ ଅଧିକାରୀ ଅହେତୁକ ଅନୁକମ୍ପା ଦେଖାଇ ସ୍କୁଲକୁ ପଠାଉ ନାହାଁନ୍ତି କିମ୍ବା ଡିୟୁଟିରେ ଅବହେଳା କରୁଥିଲେ ହେଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହାନ୍ତି। ତାହା ଜିଲ୍ଲା ଶିକ୍ଷା ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି। ଅନ୍ୟପଟେ ସମ୍ପୃକ୍ତ ଶିକ୍ଷକ ସ୍କୁଲ ଫେରୁ ନାହାଁନ୍ତି ତେବେ ତାଙ୍କ ବଦଳରେ ନୂତନ ଶିକ୍ଷକ ଦେବାପାଇଁ କର୍ଲାଗୁଡା ଗ୍ରାମବାସୀ ଦାବି କରିଛନ୍ତି। ଏନେଇ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କୁ ପଚାରିବାରୁ ଶିକ୍ଷକ ପ୍ରତି କୌଣସି ଘଟଣା କାରଣରୁ ସୁରକ୍ଷା ଦୃଷ୍ଟିରେ ନିକଟସ୍ଥ କୋକସରା ସ୍କୁଲରେ ଡିୟୁଟି କରୁଛନ୍ତି ବୋଲି କହିଥିଲେ। ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କୁ ଘଟଣା ସମ୍ପର୍କରେ ଅବଗତ କରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କହିଛନ୍ତି।

# ପୂର୍ବତନ ନାଏବ ସରପଞ୍ଚଙ୍କ ବିୟୋଗ



ମ.ରାମପୁର, ୧୮ ।୧୧(ସମିସ): ମ.ରାମପୁର ବ୍ଲକ ନୁନପୁର ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ମିତ୍ରଭାନୁ ରଣା(୪୬)ଙ୍କ ମଙ୍ଗଳବାର ଭବାନୀପାଟଣା ମେଡିକାଲରେ ପରଲୋକ ହୋଇଯାଇଛି। ସେ କିଡନୀ ରୋଗ ରେ ପୀଡ଼ିତ ଥିଲେ। ସେ କୁରାଳ ସମାଜ ଓ ନୁନପୁର୍ ପଞ୍ଚାୟତର ଜଣେ ସମାଜକର୍ମୀ ଭାବେ ପରିଚିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଗାଆଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ ହେଇଥିବା ବେଳେ ସାନ ଭାଇ ଚନ୍ଦ୍ର ଭାନୁ ରଣା ମୁଖାଗ୍ନି ଦେଇଥିଲେ।

# ଏମ୍‌ଏସ୍‌ଏମ୍‌ଇ ପକ୍ଷରୁ କ୍ଷମତା-ନିର୍ମାଣ କର୍ମଶାଳା




ରାଉରକେଲା,୧୮।୧୧(ସମିସ): ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସଏମ୍‌ଇ) ବିଭାଗ ପକ୍ଷରୁ ଆଜି ରାଉରକେଲାରେ ଆରଏମଏପି ପଦକ୍ଷେପ ଅଧୀନରେ ଟ୍ରେଡସ ଏବଂ ଏମଏସଏମଇ ପ୍ରତିଯୋଗିତାମୂଳକ ଲିନ୍ ଯୋଜନା ମାଧ୍ୟମରେ ବିଲ୍ ରିହାତିକୁ ସକ୍ଷମ କରିବା ଉପରେ ଏକ କ୍ଷମତା-ନିର୍ମାଣ କର୍ମଶାଳା ଆୟୋଜନ ହୋଇଥିଲା। ଏହି କର୍ମଶାଳାରେ ପାନପୋଷ ରାଉରକେଲାର ଅତିରିକ୍ତ ସବକଲେକ୍ଟର ଚାନ୍ଦନୀ ଯୋଗ ଦେଇ ସମୟୋଚିତ ଦେୟ, ଡିଜିଟାଲ୍ ଆର୍ଥିକ ପ୍ଲାଟଫର୍ମ ଗ୍ରହଣ ଏବଂ ବିକଶିତ ବଜାରରେ ପ୍ରତିଯୋଗିତାମୂଳକ ରହିବା ପାଇଁ ଏମଏସଏମଇ ଗୁଡ଼ିକର ଗୁଣାତ୍ମକ ମାନକ ଗ୍ରହଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ଉଦ୍ୟୋଗଗୁଡ଼ିକ ପାଇଁ ଏକ ଅନୁକୂଳ ଇକୋସିଷ୍ଟମ ସକ୍ଷମ କରିବାରେ ଜିଲ୍ଲା ପ୍ରଶାସନର ନିରନ୍ତର ସମର୍ଥନକୁ ସେ ପୁନଃନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଉରକେଲାର ଡିଆଇସିର ସହକାରୀ ନିର୍ଦ୍ଦେଶକ, ଡିଭିଜନାଲ୍ ଫରେଷ୍ଟ ଅଫିସର, ରାଉରକେଲା ଏବଂ ସୁନ୍ଦରଗଡ଼ର ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ସମେତ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଇନଭଏସମାର୍ଟର ବିଶେଷଜ୍ଞ ପ୍ରତିନିଧିଙ୍କ ଦ୍ୱାରା ବାଣିଜ୍ୟ ଗ୍ରହଣୀୟ ରିହାତି ସିଷ୍ଟମ (ଟିରେଡସ) ଉପରେ ଏକ ବିସ୍ତୃତ ବୈଷୟିକ ଅଧିବେଶନ ଆୟୋଜିତ ହୋଇଥିଲା। ଏହି ଅଧିବେଶନରେ ଇନଭଏସ୍ ଅପଲୋଡ୍, କ୍ରେତା ଅନୁମୋଦନ, ଏକାଧିକ ବ୍ୟାଙ୍କ/ଏନବିଏଫସି ଦ୍ୱାରା ବିଡ୍ ପାଣ୍ଠି ଏବଂ ସମାଧାନ ଭଳି ପ୍ରମୁଖ ପ୍ରକ୍ରିୟାଗୁଡ଼ିକ ଅନ୍ତର୍ଭୁକ୍ତ କରାଯାଇଥିଲା। ଜାତୀୟ ଉତ୍ପାଦକତା ପରିଷଦ (ଏନପିସି) ପ୍ରତିନିଧିମାନେ ଗୁଣବତ୍ତା ବୃଦ୍ଧି ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ଫ୍ରେମୱାର୍କ ଉପରେ ଧ୍ୟାନ ଦେବା ସହ ଏମଏସଏମଇ ପ୍ରତିଯୋଗିତାମୂଳକ ଲିନ୍ ଯୋଜନା ଉପରେ ଅଧିବେଶନର ନେତୃତ୍ୱ ନେଇଥିଲେ। କିପରି ୫ ଏସ, କାଇଜେନ୍, ଜଷ୍ଟ-ଇନ୍-ଟାଇମ୍ ଏବଂ ଭାଲ୍ୟୁ ଷ୍ଟ୍ରିମ୍ ମ୍ୟାପିଂ ଭଳି ଲିନ୍ ଉପକରଣଗୁଡ଼ିକ ଏମଏସଏମଇଗୁଡ଼ିକୁ ଅଦକ୍ଷତା ହ୍ରାସ କରିବା, ଖର୍ଚ୍ଚ ହ୍ରାସ କରିବା ଏବଂ ଉତ୍ପାଦ ଗୁଣବତ୍ତା ଉନ୍ନତ କରିବା ପାଇଁ ସକ୍ଷମ କରିବା, ଘରୋଇ ଏବଂ ରପ୍ତାନି ବଜାରରେ ଏକ ପ୍ରତିଯୋଗିତାମୂଳକ ଧାର ସୃଷ୍ଟି କରିବା ଆଦି ଉପରେ ସେମାନେ ବ୍ୟାଖ୍ୟା କରିଥିଲେ। ଏହି କର୍ମଶାଳାର ପରିଚାଳନାରେ ରାଉରକେଲା ଡିଆଇସି ମହାପ୍ରବନ୍ଧକ ଏବଂ ରାଉରକେଲା ଡିଆଇପିଏ ସହଯୋଗ କରିଥିଲେ।

### ସରକାରୀ ସ୍କୁଲରେ ତାଲା ମାରିଲେ ଜମି ମାଲିକ

# ଅଭିଭାବକ, ଛାତ୍ରଛାତ୍ରୀଙ୍କ ରାସ୍ତାରୋକ

ବୌଦ୍ଧ,୧୮।୧୧(ସମିସ)



କନ୍ଧମାଳ ବ୍ଲକ ଆମ୍ବଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜମିଜମା ବିବାଦକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ରାଜ୍ୟ ରାଜପଥ ଅବରୋଧ କରି ଧାରଣାରେ ବସିଛନ୍ତି। ବିଦ୍ୟାଳୟ ଆରମ୍ଭ ହେବା ପୂର୍ବରୁ ଗ୍ରାମର ଜଣେ ବ୍ୟକ୍ତି ବିଦ୍ୟାଳୟ ନିର୍ମାଣ ପାଇଁ ନିଜ ପୈତୃକ ଜମି ଦାନ କରିଥିଲେ; ହେଲେ ଏହା ସ୍କୁଲ ନାଁରେ ରେକର୍ଡ ହୋଇନି। ଏଣୁ ଜମି ପ୍ରଦାନ କରିଥିବା ବ୍ୟକ୍ତିଙ୍କ ଉତ୍ତରାଧିକାରୀମାନେ ଜମି ମାଡି ବସିଥିଲେ। ରାଜସ୍ୱ ବିଭାଗ ଉଚ୍ଛେଦ କରି ଜମିରେ ନାଲି ଫିତା ଲଗାଇଛି। ଏହାକୁ ନେଇ ବିରୋଧ କରି ଜମି ମାଲିକଙ୍କ ଉତ୍ତରାଧିକାରୀମାନେ ନିଜ ନାମରେ ସ୍କୁଲ ଜମି ଥିବାରୁ ସ୍କୁଲରେ ତାଲା ପକାଇଛନ୍ତି। ବିଦ୍ୟାଳୟରେ ତାଲା ପଡିଥିବାରୁ ପାଠପଢା ବନ୍ଦ ରହିଛି। ଏଣୁ ଛାତ୍ରଛାତ୍ରୀ ଓ ଅଭିଭାବକ ଆମ୍ବଗାଁଠାରେ ୪୧ ନମ୍ବର ରାଜ୍ୟ ରାଜପଥ ଅବରୋଧ କରି ଧାରଣାରେ ବସିବା ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। କନ୍ଧମାଳ ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋଭା ରଞ୍ଜନ ମାଲି ପହଞ୍ଚି ଜମି ଉତ୍ତରାଧିକାରୀଙ୍କୁ ବୁଝାଇଥିଲେ; ହେଲେ ସେମାନେ ଜମି ଦେବାକୁ ରାଜି ହୋଇ ନ ଥିଲେ। ପରେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଥିଲା। ଏ ନେଇ ଅଭିଭାବକମାନେ ଘଣ୍ଟାପଡା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଏହାର ସମାଧାନ ହୋଇ ପାରିନି।

## ଅବସରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ ପ୍ରଧାନଙ୍କ ପରଲୋକ

ବୌଦ୍ଧ,୧୮।୧୧(ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ଧୁଡୁରୁବାହାଲ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଙ୍କର୍ଷଣ ପ୍ରଧାନଙ୍କ ୧୦୩ ବର୍ଷ ବୟସରେ ପରଲୋକ ହୋଇ ଯାଇଛି। ସ୍ଥାନୀୟ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ସତ୍ୟ ନାରାୟଣ ପ୍ରଧାନ ମୁଖାଗ୍ନି ଦେଇଥିଲେ। ସେ ୧୯୮୬ ମସିହାରେ ପ୍ରଥମେ କମିରା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କରି କରିଥିଲେ। ୧୯୮୬ ମସିହାରେ ସାହାଯପାଲ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ।

## ମହାନଦୀକୁ ଡେଇଁ ନାବାଳିକା ଛାତ୍ରୀ ଗୁରୁତର

ବୌଦ୍ଧ,୧୮।୧୧(ସମିସ): ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୨ ଦ୍ୱିତୀୟ ବର୍ଷର ଜଣେ ନାବାଳିକା ଛାତ୍ରୀ ବୌଦ୍ଧ ମହାନଦୀ ବ୍ରିଜ ଉପରୁ ଡେଇଁ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ବୌଦ୍ଧ ଦମକଳ ବାହିନୀ ନଦୀରୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କୌଣସି କାରଣରୁ ଛାତ୍ରୀ ଜଣକ ବୌଦ୍ଧ -କିଆକଟା ମହାନଦୀ ବ୍ରିଜ ଉପରୁ ନଦୀକୁ ଡେଇଁ ପଡିଥିଲେ। ପାଖରେ ଥିବା ଲୋକମାନେ ଏ ସମ୍ପର୍କରେ ବୌଦ୍ଧ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ବୌଦ୍ଧ ତହସିଦାର ଅନୀତା ସାହୁ, ଅତିରିକ୍ତ ତହସିଲଦାର ମହମ୍ମଦ ରୋଜାଏ ରସୁଲ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର ଗୁରୁ ଡାକ୍ତରଖାନାରେ ପହଞ୍ଚି ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି। ଛାତ୍ରୀ ଜଣକ ବଢିଗାଁ ପଞ୍ଚାୟତ ଅଞ୍ଚଳର ବୋଲି ସୂଚନା ମିଳିଛି।

## ସରପଞ୍ଚଙ୍କୁ ଗିରଫ ଦାବି

ଡୁଙ୍ଗୁରିପାଲି,୧୮।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ଡୁଙ୍ଗୁରିପାଲି ଥାନାରେ ଏକ ଦାବିପତ୍ର ପ୍ରଦାନ କରିଛି। ଡୁଙ୍ଗୁରିପାଲି ବ୍ଲକର ଚେରୁପାଲିରେ ୨୬ନମ୍ବର ଜାତୀୟ ରାଜପଥରୁ ଶିବ ମନ୍ଦିର ରାସ୍ତାର କଂକ୍ରିଟକରଣ କାମ ଚାଲିଥିବାବେଳେ କାର୍ଯ୍ୟ ପରିଦର୍ଶନରେ ଯାଇଥିବା ମହିଳା କନିଷ୍ଠ ଯନ୍ତ୍ରୀ ପ୍ରିୟମ୍ବଦା କୁଳଦୀପଙ୍କୁ ସ୍ଥାନୀୟ ସରପଞ୍ଚ ଦୀଲିପ ଶତପଥୀ ଜାତିଆଣ ଆକ୍ଷେପ କରି ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିବା ଓ



ଜୀବନରେ ମାରି ଦେବା ପାଇଁ ଧମକ ଦେଇଛନ୍ତି। ଏ ନେଇ ଶ୍ରୀମତୀ କୁଳଦୀପ ଡୁଙ୍ଗୁରିପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ କିନ୍ତୁ ପଦକ୍ଷେପ ନେଇନି। ଡୁଙ୍ଗୁରିପାଲି ବ୍ଲକ ଲକ୍ଷେଘର ଗଣ୍ଡା ସମାଜ ସଭାପତି ନିତେଇ ପାଲ ଓ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବାଗ ଏସପିଙ୍କ ଉଦ୍ଦେଶ୍ୟରେ ଥାନାରେ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ତୁରନ୍ତ ସରପଞ୍ଚଙ୍କୁ ଗିରଫ ଲାଗି ଦାବି କରାଯାଇଛି।

### ବୌଦ୍ଧରେ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା


# ସ୍ୱଦେଶୀ ଉତ୍ପାଦ ବ୍ୟବହାର ପାଇଁ ସଂକଳ୍ପ

ବୌଦ୍ଧ,୧୮।୧୧(ସମିସ): ବୌଦ୍ଧରେ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜଗନ୍ନାଥ ମନ୍ଦିରଠାରୁ ଏହା ବାହାରିଥିଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପ୍ରଶାସନ ଏବଂ ଭାରତ ସରକାରଙ୍କ ଖେଳ ମନ୍ତ୍ରଣାଳୟ ଅଧୀନ ମାଇଁ ଭାରତ ଆନୁକୂଲ୍ୟରେ ଏହି ଜିଲ୍ଲାସ୍ତରୀୟ ପଦଯାତ୍ରା ଶୁଭାରମ୍ଭ ହୋଇଥିଲା। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ବୌଦ୍ଧ ବିଧାୟକ ସରୋଜ ପଧାନ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ, କର୍ମଚାରୀ, ଆରକ୍ଷୀ ବାହିନୀ, ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, ଜନସାଧାରଣ, ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସ୍ୱେଚ୍ଛାସେବୀ ସଂଗଠନ ର କର୍ମକର୍ତ୍ତା, ସାଂସ୍କୃତିକ ଦଳ, ବ୍ୟାଣ୍ଡ ଦଳ ପଦଯାତ୍ରାରେ ଯୋଗ ଦେଇଥିଲେ। ପଦଯାତ୍ରା ଜଗନ୍ନାଥ ମନ୍ଦିରଠାରୁ ବାହାରି କୋର୍ଟ ଛକ, ହାତୀଶାଳ ଛକ, ବୁଟୁପାଲି, ମାଉଲସିଙ୍ଗା ଛକ, ପଲାଶ ଛକ, ରାଜନପାଲୀ, ବାଘଗୁଡ଼ା ଛକ, ପୁରୁଣା ବ୍ଲକ ଛକ ଦେଇ ବ୍ରିଜ ଛକଠାରେ ଉଦ୍‌ଯାପିତ ହୋଇଥିଲା। ପଲାସ ଛକ, ବାଘଗୁଡ଼ା ଛକ ଓ ବ୍ରିଜ ଛକ ନିକଟ ଅସ୍ଥାୟୀ ମଣ୍ଡପରେ ଜଗଦୀଶ ପ୍ରଧାନ ଏବଂ ସାଥି ପାଲା ପରିବେଷଣ କରିଥିଲେ। ଗେହ୍ଲା ମାଆ କଳା ନିକେତନ, ଆକୃତି ଡାନ୍ସ ଗ୍ରୁପ, ପ୍ରଣାମ ଡ୍ୟାନ୍ସ ଗ୍ରୁପ, ବୁଟୁପାଲି ଉଚ୍ଚ ବିଦ୍ୟାଳୟ ଏବଂ ବୁଟୁପାଲି ଉପ୍ରା ବିଦ୍ୟାଳୟ, ପଲାଶ ଉପ୍ରା ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, ତେତେଲେଙ୍ଗା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ବ୍ୟାଣ୍ଡ ବାଦନ କରିଥିଲେ। ବ୍ରିଜ ଛକଠାରେ ଆୟୋଜିତ ସଭାରେ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ପଲାଶ, ବାଘଗୁଡା ଛକ ଏବଂ ବ୍ରିଜ ଛକଠାରେ ନିଜ ଜୀବନ ଶୈଳୀରେ ସ୍ୱଦେଶୀ ଆଚରଣ, ଦୈନନ୍ଦିନ ଜୀବନରେ ଭାରତ ନିର୍ମିତ ଉତ୍ପାଦଗୁଡିକୁ ବ୍ୟବହାର କରିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା। ପଦଯାତ୍ରାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ପୁଲିସ ବାହିନୀ, ଆମ୍ବୁଲାନ୍ସ ବାହିନୀ ସାମିଲ ହୋଇଥିଲେ। ପଦଯାତ୍ରା ଉପଲକ୍ଷେ ୨ଟି ସୁସଜ୍ଜିତ ରଥ ସାମିଲ ହୋଇଥିଲା। ୧୦ କିମିରୁ ଅଧିକ ଦୂର ସମସ୍ତେ ଚାଲି ଚାଲି ପଦଯାତ୍ରାରେ ସାମିଲ ହୋଇଥିଲେ। ପୂର୍ବରୁ ଅନୁଷ୍ଠିତ ଓଡ଼ିଆ ବକ୍ତୃତା, ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ସ୍ଲୋଗାନ, ଚିତ୍ରାଙ୍କନ, ପୋଷ୍ଟର ମେକିଙ୍ଗ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରିଥିବା କୃତୀ ଛାତ୍ରଛାତ୍ରୀ, ସାଂସ୍କୃତିକ ଦଳ, ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବ୍ୟାଣ୍ଡକୁ ପୁରସ୍କୃତ କରାଯାଇଥିଲା। ଡ. ପ୍ରବୀର ଦାଶ, ନବ କିଶୋର ଦୀପ, ଚନ୍ଦ୍ରକାନ୍ତ ନାୟକ, ଅଶ୍ୱିନ୍ ମହାକୁଡ, ପ୍ରେମଜିତ ଝାଙ୍କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଅପରେସନ ସିନ୍ଦୂର ଉପରେ ବାନ୍ଧକଳା ଡିଜାଇନକୁ ନିଖୁଣ ଭାବ ରେ ତିଆରି କରିଥିବା ବାଉଁଶୁଣୀର ମହେଶ୍ୱର ମେହେରଙ୍କୁ ସମ୍ବର୍ଦ୍ଧିତ କକରାଯାଇଥିଲା। ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ରୁର ଜାନି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ସହକାରୀ ଜିଲ୍ଲାପାଳ ଚାନ୍ଦିନୀ ମେହେର, ଜିଲ୍ଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଧରିତ୍ରୀ ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ, ତହସିଲଦାର ଅନିତା ସାହୁ କାର୍ଯକ୍ରମ ପରିଚାଳନା କରିଥିଲେ। କମଳ ସା ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ, ଏସଡିପିଓ ଲରେନସ ରାଉତରାୟ, ଉପ ଜିଲ୍ଲାପାଳ ବିନୟ ଭୋଇ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଅଧିକାରୀ ଚାର୍ଲସ ନାୟକ, ତହସିଲଦାର ଅନିତା ସାହୁ, ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ ପ୍ରମୁଖ ସହଯୋଗ କରିଥିଲେ।

### ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ

# ସ୍ଥାନ ପାଇଲାନି ରାଉରକେଲା ବିମାନ ବନ୍ଦର ପ୍ରସଙ୍ଗ

ରାଉରକେଲା,୧୮।୧୧(ସମିସ): ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ୩୧ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଅନେକ ବିକାଶମୂଳକ ପ୍ରସ୍ତାବ ସ୍ଥାନ ପାଇଥିବା ବେଳେ ରାଉରକେଲା ସହରବାସୀଙ୍କ ସବୁଠାରୁ ବଡ ଦାବି ଓ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରାଉରକେଲାରେ




ବିମାନବନ୍ଦରର ସମ୍ପ୍ରସାରଣ ଏବଂ ରାଉରକେଲା ବିମାନବନ୍ଦରକୁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କରାଯିବା ନେଇ କୌଣସି ଆଲୋଚନା ସ୍ଥାନ ନ ପାଇବା ଅତ୍ୟନ୍ତ ବିଡମ୍ବନାର ବିଷୟ ବୋଲି ବୁଦ୍ଧିଜୀବି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡର ୩୧ତମ ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ୍ ଡାଇରେକ୍ଟର) ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରାଯିବା ସହ ଆଗାମୀ ଦିନରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକୁ ହାତକୁ ନେଇ ରାଉରକେଲା ସହରକୁ ଯେପରି ଏକ ବିକଶିତ ସହରରେ ପରିଣତ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ରାଉରକେଲା ୱାନ୍‌ଠାରେ ନିର୍ମାଣାଧୀନ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କକ୍ଷ (ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର) ଓ ଆଦିବାସୀ ସଂଗ୍ରହାଳୟକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ପାଇଁ ଲକ୍ଷ୍ୟ ରଖାଯାଇଥିବା ନେଇ ମତପ୍ରକାଶ

## ଡେଲି ମାର୍କେଟ ଓ ଉଦିତନଗରରେ ହେବ ବହୁତଳ କାର ପାର୍କିଂ

ପାଇଥିଲା। ଆଦିବାସୀ ସଂଗ୍ରହାଳୟର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହା ଖୁବ୍‌ଶୀଘ୍ର ଲୋକଙ୍କ ପାଇଁ ଖୋଲାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବ୍ୟବସାୟୀ ଓ ଗ୍ରାହକମାନଙ୍କ ସବୁ ସୁବିଧାକୁ ପ୍ରାଧାନ୍ୟ ଦେଇ ସିଭିଲ ଟାଉନସିପଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯିବା ସହ ସେହି ସିଭିଲ ଟାଉନସିପରେ ଏକ ପାର୍କିଂ ସ୍ଥଳ ନିର୍ମାଣ କରାଯିବ। ଡେଲି ମାର୍କେଟ ଓ ଉଦିତନଗରଠାରେ ଗୋଟିଏ ଲେଖାଏଁ ବହୁତଳ ବିଶିଷ୍ଟ କାର ପାର୍କିଂ କ୍ଷେତ୍ର ନିର୍ମାଣ କରାଯିବ। ଉପରୋକ୍ତ ସବୁ ପ୍ରକଳ୍ପଗୁଡ଼ିକୁ ଏହି ବୈଠକରେ ଅନୁମୋଦନ ମିଳିଥିବା ବେଳେ ଅନୁମୋଦିତ ପ୍ରକଳ୍ପ ଗୁଡିକର ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଏହି ବୈଠକରେ ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ରାଉରକେଲା ସ୍ମାର୍ଟ ସିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶ୍ରୀ ଦୀନା ଦସ୍ତଗୀର୍‌ଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୬ ଚୋରି ଗ୍ୟାସ୍ ସିଲିଣ୍ଡର ଜବତ: ୩ ଗିରଫ

ରାଉରକେଲା,୧୮।୧୧(ସମିସ): ସ୍ଥାନୀୟ ସେକ୍ଟର-୧୫ ଥାନା ଅନ୍ତର୍ଗତ ସେକ୍ଟର- ୧୪ ସ୍ଥିତ ମାର୍କେଟ କମ୍ପ୍ଲେକ୍ସରେ ଥିବା ପି. ଭକ୍ତ ନାଲସଲାନ ନାୟାରଙ୍କ ଜଳଖିଆ ଦୋକାନରୁ ଗତ ଅକ୍ଟୋବର ୨୫ ତାରିଖ ରାତିରେ କେହି ଦୁର୍ବୃତ୍ତ ଦୋକାନ କବାଟ ଭାଙ୍ଗି ୪ଟି ରନ୍ଧନ ଗ୍ୟାସ ସିଲିଣ୍ଡରକୁ ଚୋରି କରି ନେଇଥିଲା। ଏନେଇ ସେ ଥାନାରେ କରିଥିବା ଅଭିଯୋଗକୁ ନେଇ ସେକ୍ଟର-୧୫ ଥାନା ଅଧିକାରୀ ସିନ୍ମୟ ବଳ ଘଟଣାର ତଦନ୍ତ କରିଥିଲେ। ଚଢଉ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୬ଟି ରନ୍ଧନ ଗ୍ୟାସ ସିଲିଣ୍ଡର, ଗୋଟିଏ କଟର ଏବଂ ୪୦୦ ଟଙ୍କା ଜବତ କରିଥିବା ସୂଚନା ମିଳିଛି। ଗିରଫ ୩ ଜଣ ହେଲେ ସମ୍ବଲପୁର ବରପାଲି ନିବାସୀ ଶିବଦାସ ହରିପାଲ୍ ଓରଫ ଡୁଲୁ(୧୯), ସେକ୍ଟର-୧୭ ଅଞ୍ଚଳର ଆକାଶ ହରିପାଲ୍ ଓରଫ ଗୁଲଟି(୩୦) ଏବଂ ସେକ୍ଟର-୨ ଏଚ୍‌ବ୍ଲକ ଅଞ୍ଚଳର



ରାକେଶ ଦାସ ଓରଫ ଗୁଲଟି (୩୦)। ଗିରଫ ଶିବଦାସ ହରିପାଲ୍ ନାଁରେ ସେକ୍ଟର-୧୫ ଥାନାରେ ୧୦ ଟି ମାମଲା ଓ ସେକ୍ଟର- ୭ ଥାନାରେ ୨ଟି, ପ୍ଲାଣ୍ଟସାଇଟ୍ ଥାନାରେ ୧ଟି, ସେକ୍ଟର - ୩ ଥାନାରେ ୩ଟି, ଝିରପାଣି ଥାନାରେ ୨ଟି ମାମଲା ରହିଥିବା ଜଣାପଡିଛି।

## ବରଗାଁ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବ



କନ୍ଧମାଳ,୧୮।୧୧(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତସ୍ଥିତ ବରଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଉଦ୍‌ଘାଟନୀ ଓ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ ଉଚ୍ଚ ବିଦ୍ୟାଳୟରୁ ଉନ୍ନୀତ ମାଧ୍ୟମିକ ବିଦ୍ୟାଳୟକୁ ସ୍ୱୀକୃତି ପାଇଥିବା ଏହି ବିଦ୍ୟାଳୟକୁ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ହରପ୍ରସାଦ ମିଶ୍ର ମୁଖ୍ୟବକ୍ତା, ସମ୍ମାନୀତ ଅତିଥିଭାବେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଆନନ୍ଦ ଚନ୍ଦ୍ର ବେହେରା, ୧ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ବରଗାଁ ସରପଞ୍ଚ ରଶ୍ମିତା ରଣା, ସମିତିସଭ୍ୟା ଅଙ୍ଗୁରି ତାଣ୍ଡି, ନୀଳାଞ୍ଚଳ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳରେ ଯୁକ୍ତ ଦୁଇ ଶିକ୍ଷାର ଉନ୍ନତି ହେବା ସହ ଗମନା ଗମନ ଅସୁବିଧା କାରଣରୁ ଯୁକ୍ତ ଦୁଇ ଶିକ୍ଷାରୁ ମେଧା ଛାତ୍ରୀଛାତ୍ର ବଞ୍ଚିତ ହୋଇ କିଭଳି ପାଠ ପଢାରେ ଡୋରି ବନ୍ଧୁଥିଲେ ସେସମ୍ପର୍କରେ ଅତିଥିଗଣ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିଲୋଚନ ସାହୁ ସଭାରେ ସଭାପତିତ୍ୱ କରିଥଲେ। ଶିକ୍ଷକ ନୀତେଶ ବାରିକ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ରବିତା ମହାକୁଲ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା।

## ୩୨.୪୦ ଏକର ଜମିରୁ ୩୮୮୦ ଗଞ୍ଜେଇ ଗଛ ନଷ୍ଟ



ବୌଦ୍ଧ,୧୮।୧୧(ସମିସ): ବୌଦ୍ଧ ଜିଲ୍ଲାରେ ଗଞ୍ଜେଇ ଚାଷ କମୁନି। ଜିଲ୍ଲାକୁ ଗଞ୍ଜେଇ ମୁକ୍ତ କରିବା ଦିଗରେ ଜିଲ୍ଲା ପ୍ରଶାସନର ମୁଣ୍ଡବ୍ୟଥାର କାରଣ ପାଲଟିଛି। କଣ୍ଟାମାଳ ବନାଞ୍ଚଳର ଗ୍ରାମ୍ୟଜଙ୍ଗଲ, ରାଜସ୍ୱ ଫରେଷ୍ଟ ଜଙ୍ଗଲ ଓ ରିଜର୍ଭ ଜଙ୍ଗଲରେ ବିପୁଳ ପରିମାଣରେ ଗଞ୍ଜେଇ ଚାଷ ହେଉଛି। ଯେତେ ଗଞ୍ଜେଇ ଗଛ କଟା ହେଲେ ବି ପୂର୍ଣ୍ଣଚ୍ଛେଦଦ ପଡୁନି। ନର୍ସରୀ ପାଖରେ ମଧ୍ୟ ଗଞ୍ଜେଇ ଚାଷ ହେଉଛି। ଏଣୁ ବନ ବିଭାଗ ସବୁ ଜାଣିଛି। ତେବେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତ ଅଧୀନ କାକେନଜୋର ରାଜସ୍ୱ ଫରେଷ୍ଟ ଜଙ୍ଗଲ, ଅଳିକୁଦ ଗ୍ରାମ୍ୟ ଓ ରିଜର୍ଭ ଜଙ୍ଗଲର ୩୨.୪୦ ଏକର ପରିମିତ ସ୍ଥାନରୁ ୩୮୮୦ ଗଞ୍ଜେଇ ଗଛ କଟା ଯାଇଛି। ଅବକାରୀ, ବନବିଭାଗ, ପୁଲିସ ଓ ରାଜସ୍ୱ ବିଭାଗର ମିଳିତ ସହଯୋଗରେ ଏହି ଗଞ୍ଜେଇ କଟା ଅଭିଯାନ କରାଯାଇଥିବା ଅବକାରୀ ଅଧିକାରୀ ସତ୍ୟନରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## କଣ୍ଟାବାଞ୍ଜିରେ ହ୍ୟୁମାନଙ୍କ ପାଇଁ ଶୋକସଭା



କଣ୍ଟାବାଞ୍ଜି,୧୮।୧୧(ସମିସ): ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପରଲୋକରେ ମଙ୍ଗଳବାର ସନ୍ଧ୍ୟାରେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ଭଳି ଅଞ୍ଚଳରୁ ଯାଇ ସେ ସାରା ଓଡ଼ିଶାରେ ବହୁତ କମ୍ ସମୟ ମଧ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ବୋଲି ଏଥିରେ ମତ ପ୍ରକାଶ ପାଇଛି। ଶାନ୍ତନୁ ବିଭାଗ, ରମେଶ ମହାନନ୍ଦ, ରଶ୍ମିରଞ୍ଜନ ନାଗ, ଅଶୋକ କୁମାର, ବିଭୁତି ବାଗ, ମାଧବ ବଏ, ସୁଶୀଲ ତାଣ୍ଡି, ହିମାଂଶୁ ବଏ, ପଞ୍ଚମ ତାଣ୍ଡି ପ୍ରମୁଖ ହ୍ୟୁମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ନକ୍‌ଆଉଟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ; ଝରନି, ଦର୍ଲିମୁଣ୍ଡା ବିଜୟୀ



ବେଲପଡା,୧୮।୧୧(ସମିସ): ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ୍ ଭରୁଆପାଲି ଗାଁରେ ୨୨ତମ ଜିଲ୍ଲାସ୍ତରୀୟ ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦ୍ୱିତୀୟ ଦିନରେ ପ୍ରଥମ ମ୍ୟାଚ ତେନ୍ତୁଲିମୁଣ୍ଡା ଓ ଝରନି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେନ୍ତୁଲିମୁଣ୍ଡା ଦଳକୁ ୨ଟି ଗୋଲ୍ ଦେଇ ଝରନି ବିଜୟ ହାସଲ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ସଲଣ୍ଡି ଓ ଦର୍ଲିମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସଲଣ୍ଡିକୁ ୪ଟି ଗୋଲ୍ ଦେଇ ଦର୍ଲିମୁଣ୍ଡା ବିଜୟ ହାସଲ କରିଥିଲା। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପଦ୍ମବତୀ ବାଗ, ସମ୍ମାନୀୟ ଅତିଥି ଭାବେ ପୁରନ୍ଦର ବାଗ, ବରିଷ୍ଠ ସାମ୍ବାଦିକ ବନମାଳୀ ମହାକୁଡ଼, ସାମ୍ବାଦିକ ନଟବର ମହାନନ୍ଦ, ଅନାଦି କରୁଆ, ବଳରାମ କରୁଆ ପ୍ରମୁଖ ଉପସ୍ଥିତ ଥିଲେ। ରେଫରୀ ଭାବେ ବିବଛ ମାଝୀ ମ୍ୟାଚ୍ ପରିଚଳନା କରିଥଲେ। ନବୀନ ସରାଫ ଓ ବୈଷ୍ଣବ ତାଣ୍ଡି ସହଯୋଗ କରିଥିଲେ। ସୁଧାଂଶୁ ମହକୁଡ଼, ପ୍ରେମାନନ୍ଦ କରୁଆଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୨୪- ରୁଷ୍‌ର ସେଣ୍ଟ ପିସର୍ଟବର୍ଗ ବନ୍ୟାରେ ଦଶହଜାର ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୮୨୮ - ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈଙ୍କ ଜନ୍ମ।
- ୧୮୩୮ - ସ୍ୱାଧୀନତା ସଂଗ୍ରାମୀ କେଶବ ଚନ୍ଦ୍ର ସେନ୍‌ଙ୍କ ଜନ୍ମ।
- ୧୯୫୨- ସ୍ପେନ୍ ୟୁନେସ୍କୋର ସଦସ୍ୟ ହେଲା।
- ୧୯୮୬- ପରିବେଶ ସଂରକ୍ଷଣ ଅଧିନିୟମ ଲାଗୁ ହେଲା।
- ୧୯୯୪- ଐଶ୍ୱର୍ଯ୍ୟା ରାୟ ବିଶ୍ୱସୁନ୍ଦରୀ ମୁକୁଟ ପିନ୍ଧିଲେ।

## ଲୌହ ମାନବୀ ଇନ୍ଦିରା



ଇନ୍ଦିରା ଗାନ୍ଧୀ ଭାରତୀୟ ରାଜନୀତିରେ ଏପରି ନାମ, ଯାହାଙ୍କ ବ୍ୟକ୍ତିତ୍ୱ ଏବଂ କାର୍ଯ୍ୟ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଇନ୍ଦିରା ତାଙ୍କ ଦୃଢ଼ ନେତୃତ୍ୱ ଓ କୂଟନୈତିକ ଦକ୍ଷତା ପାଇଁ ଜଣାଯାନ୍ତି। ସେ ଦେଶର ପ୍ରଥମ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଥିଲେ। ଇନ୍ଦିରା ଜଣେ ପ୍ରଭାବଶାଳୀ ନେତ୍ରୀ ହେବା ସହ ରାଜନୀତିରେ ଅତି ପାରଙ୍ଗମ ମହିଳା ଥିଲେ। ଲୌହ ମାନବୀ ଇନ୍ଦିରା ଗାନ୍ଧୀ ୧୯୧୭ ମସିହା ଆଜିର ଦିନରେ ଆହ୍ଲାବାଦସ୍ଥିତ 'ଆନନ୍ଦଭବନ'ଠାରେ ଜନ୍ମଗ୍ରହଣ କରିଥିଲେ। ଜବାହରଲାଲ ନେହରୁ ଏବଂ କମଳା ନେହରୁଙ୍କର ସେ ଏକମାତ୍ର ସନ୍ତାନ ଥିଲେ। ମାତାଙ୍କ ସହ ଆନନ୍ଦ ଭବନରେ ତାଙ୍କ ପିଲାଦିନ କଟିଥିଲା। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଇନ୍ଦିରା, ପିଲାବେଳୁ ହିଁ ବେଶ ସଚ୍ଚୋଟ ଓ ନିର୍ଭୀକ ଥିଲେ। ତାଙ୍କର ପ୍ରାରମ୍ଭିକ ଶିକ୍ଷା ସୁଇଜରଲ୍ୟାଣ୍ଡରେ ହୋଇଥିଲା। 'ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ'ରେ ଭର୍ତ୍ତି ହେବା ସମୟରେ ଇନ୍ଦିରା ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ସଂସ୍ପର୍ଶରେ ଆସିଥିଲେ। ରବୀନ୍ଦ୍ରନାଥ ଠାକୁର ହିଁ ତାଙ୍କ ନାମ 'ପ୍ରିୟଦର୍ଶିନୀ' ରଖିଥିଲେ। ସେହିଦିନଠାରୁ ତାଙ୍କ ନାମ ଇନ୍ଦିରା ପ୍ରିୟଦର୍ଶିନୀ ହୋଇଥିଲା। ସେ ଆନୁଷ୍ଠାନିକ ଭାବରେ ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ଜବାହରଲାଲ ନେହରୁ ଭାରତର ପ୍ରଧାନମନ୍ତ୍ରୀ ଥିବାବେଳେ ଇନ୍ଦିରା ତାଙ୍କ ସହ କାମ କରିବା ଆରମ୍ଭ କରି ଦେଇଥିଲେ। ନେହରୁଙ୍କ ମୃତ୍ୟୁ ପରେ କଂଗ୍ରେସ ଦଳରେ ଇନ୍ଦିରା ଗାନ୍ଧୀଙ୍କ ଆଧିପତ୍ୟ ବୃଦ୍ଧି ପାଇଲା। ତାଙ୍କୁ ଲାଲ ବାହାଦୂର ଶାସ୍ତ୍ରୀଙ୍କ କ୍ୟାବିନେଟରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ କରାଯାଇଥିଲା। ୧୯୬୬ ମସିହାରେ ଶାସ୍ତ୍ରୀଙ୍କ ମୃତ୍ୟୁ ପରେ ଇନ୍ଦିରା ଗାନ୍ଧୀ ଦେଶର ପ୍ରଧାନମନ୍ତ୍ରୀ ହେବାର ସୁଯୋଗ ପାଇଲେ। ୧୯୬୬ ମସିହାରୁ ୧୯୭୭ ଏବଂ ୧୯୮୦ରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ଭାରତର ପ୍ରଧାନମନ୍ତ୍ରୀ ଥିଲେ। ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀଙ୍କୁ ନେଇ ଯେତେ ଚର୍ଚ୍ଚା ହୁଏ, ତାଙ୍କର କଠୋର ନିଷ୍ପତ୍ତି ଓ ଅଦମ୍ୟ ସାହସକୁ ଭାରତୀୟ ରାଜନୀତିରେ ଏକ ଭିନ୍ନ ଦୃଷ୍ଟିକୋଣରେ ଦେଖାଯାଏ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ହିଁ ୨୫ ଜୁନ୍ ୧୯୭୫ ମସିହାରେ ଭାରତରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହୋଇଥିଲା। ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିରରୁ ଆତଙ୍କବାଦୀଙ୍କୁ ବାହାର କରିବା ପାଇଁ କରାଯାଇଥିବା ଅପରେସନ୍ ବ୍ଲୁ ଷ୍ଟାର ଇନ୍ଦିରାଙ୍କ ଶାସନ ସମୟରେ ହିଁ କରାଯାଇଥିଲା। ୧୯୬୯ ରେ 'ବ୍ୟାଙ୍କ୍ ଜାତୀୟକରଣ' ଏବଂ ୧୯୭୧ରେ ରାଜା-ମହାରାଜାଙ୍କ 'ପ୍ରିଭି ପର୍ସ'ର ଉଚ୍ଛେଦ କଲେ, ଯାହା ତାଙ୍କ ଦୃଢ଼ ନିଷ୍ପତ୍ତିର ପରିଚାୟକ ଥିଲା। ୧୯୭୧ ମସିହାରେ ବାଂଲାଦେଶ ମୁକ୍ତି ଯୁଦ୍ଧରେ ଭାରତ ଜିତିବା ପରେ ଇନ୍ଦିରାଙ୍କୁ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା। ୧୯୮୪ ଅକ୍ଟୋବର ୩୧ରେ ସୁରକ୍ଷାକର୍ମୀଙ୍କ ଗୁଳିରେ ଇନ୍ଦିରା ପ୍ରାଣ ହରାଇଥିଲେ।

## 'ତେରେ ଇସ୍କ ମେଁ'
### ମନ ଜିଣିଲା ଟ୍ରେଲର୍



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ ଓ କ୍ରିତି ସାନନ୍‌ଙ୍କ ମ୍ୟୁଜିକାଲ ରୋମାଣ୍ଟିକ୍ ଫିଲ୍ମ 'ତେରେ ଇସ୍କ ମେଁ'ର ଟ୍ରେଲର୍ ନିକଟରେ ରିଲିଜ୍ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି 'ତନୁ ୱେଡସ୍ ମନୁ' ଫେମ୍ ଆନନ୍ଦ ଏଲ୍ ରାୟ। ପୂର୍ବରୁ ଫିଲ୍ମର ଗୀତ ଓ ଟିଜର୍ ଦର୍ଶକଙ୍କ ଉତ୍ସାହ ବଢାଇଥିବା ବେଳେ ଏବେ ଟ୍ରେଲର ସମସ୍ତଙ୍କ ମନକୁ ଛୁଇଁଛି ଓ ଫିଲ୍ମ ଦେଖିବାର ଉତ୍ସାହକୁ ଦ୍ୱିଗୁଣିତ କରିଛି। ଟ୍ରେଲର୍ ଆରମ୍ଭରେ ଧନୁଷ ଭାରତୀୟ ବାୟୁସେନା ଅଧିକାରୀ ଫ୍ଲାଇଟ୍ ଲେଫନାଣ୍ଟ ଶଙ୍କର ଭୂମିକାରେ ଦେଖାଯାଇଛନ୍ତି। ସେହିଭଳି କ୍ରିତିଙ୍କ ଆଖିରେ ଯନ୍ତ୍ରଣା ଓ ପଶ୍ଚାତାପ ଦେଖିବାକୁ ମିଳିଛି। ଏହାପରେ ଫ୍ଲାସ୍‌ବ୍ୟାକ୍‌କୁ ଯାଇ ସେମାନଙ୍କ ପ୍ରେମସମ୍ପର୍କ ଦେଖାଯାଇଛି। ଶଙ୍କରଙ୍କୁ ପ୍ରାରମ୍ଭରେ ଜଣେ ହିଂସ୍ର ଉଗ୍ର ପ୍ରକୃତିର ଯୁବକ ଭାବେ ଦେଖାଯାଇଛି। କ୍ରିତିଙ୍କୁ ଦେଖିବା ମାତ୍ରେ ସେ ତାଙ୍କ ପ୍ରେମରେ ପଡ଼ିଯାଏ। ଶଙ୍କର ଚରିତ୍ରକୁ ଏକତରଫା ପ୍ରେମରେ ପଡ଼ିଥିବା ଜଣେ ପାଗଳ ପ୍ରେମିକ ଭାବରେ ଦର୍ଶାଯାଇଛି। ପରେ କ୍ରିତି ତାଙ୍କ ପ୍ରେମରେ ପଡ଼ିଥିବାର ଦେଖାଯାଇଛି। ଫିଲ୍ମରେ ଜବରଦସ୍ତ ଆକ୍ସନ୍ ସିନ୍ ସହ ବେଶ୍ ସୁନ୍ଦର ସଂଳାପ ରହିଛି, ଯାହା ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ହିମାଂଶୁ ଶର୍ମା ଏବଂ ନୀରଜ ଯାଦବ ଏହାର କାହାଣୀ ଲେଖିଛନ୍ତି। ଏହା ୨୮ ନଭେମ୍ବରରେ ପରଦାକୁ ଆସିବ। ତେବେ ଏହାର ଟ୍ରେଲର୍ ଦେଖି ଏହି ଫିଲ୍ମ ବ୍ଲକ୍‌ବଷ୍ଟର ହେବ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି।

## ବିଶ୍ୱ ଶୌଚାଳୟ ଦିବସ



ବିଶ୍ୱ ପରିମଳ ସଙ୍କଟର ମୁକାବିଲା ପାଇଁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ ବିଶ୍ୱ ଶୌଚାଳୟ ଦିବସ ଭାବରେ ପାଳନ କରାଯାଏ। ପରିମଳର ପ୍ରଭାବ କିପରି ଭୂତଳ ଜଳ ଉପରେ ପ୍ରଭାବ ପକାଇଥାଏ ଏବଂ ଖୋଲା ସ୍ଥାନରେ ମଳତ୍ୟାଗ ଦ୍ୱାରା କି କି ସମସ୍ୟା ସୃଷ୍ଟି ହୋଇଥାଏ ସେଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ।

ଖାଦ୍ୟ, ବସ୍ତ୍ର, ବାସଗୃହ ପରି ଶୌଚାଳୟ ମଧ୍ୟ ମଣିଷର ଏକ ମୌଳିକ ଆବଶ୍ୟକତା ହୋଇଯାଇଛି। ବିଶ୍ୱରେ ଏବେ ବି ପ୍ରତି ତିନି ଜଣରେ ଜଣେ ମହିଳା ସୁରକ୍ଷିତ ଶୌଚାଳୟ ସୁବିଧା ପାଇବାରୁ ବଞ୍ଚିତ। ଖୋଲାରେ ଶୌଚ କରିବାକୁ ବାଧ ହେଉଥିବା ମହିଳା ତଥା ବାଳିକାମାନେ ନିଜର ସମ୍ମାନହାନି ସହ ଅପରାଧର ଶିକାର ହୋଇଥାନ୍ତି। ଏସବୁ ସମସ୍ୟାକୁ ଦେଖି ୨୦୦୧ ନଭେମ୍ବର ୧୯ ରେ 'ବିଶ୍ୱ ଶୌଚାଳୟ ସଂଗଠନ' ଗଢ଼ା ଯାଇଥିଲା। ୨୦୧୩ରେ ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ଶୌଚାଳୟ ଦିବସ ପାଳନ କରିବା ନେଇ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିଲା। ସେବେଠାରୁ ପ୍ରତିବର୍ଷ ନଭେମ୍ବର ୧୯ ତାରିଖକୁ 'ବିଶ୍ୱ ଶୌଚାଳୟ ଦିବସ' ଭାବେ ପାଳନ କରାଯାଏ। ଏହି ଅବସରରେ ପରିମଳ ବାବଦରେ ଲୋକଙ୍କୁ ସଚେତନ ତଥା ଶୌଚାଳୟ ବ୍ୟବହାର ପ୍ରତି ଉତ୍ସାହିତ କରାଯାଏ। ତା'ସହ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ମଧ୍ୟ ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ଏକ ତଥ୍ୟ ଅନୁସାରେ, ସାରା ବିଶ୍ୱର ଯେତେ ଲୋକ ଖୋଲାରେ ଶୌଚ କରନ୍ତି, ତା'ର ପ୍ରାୟ ଅର୍ଦ୍ଧାଂଶ ଲୋକ ହେଉଛନ୍ତି ଭାରତର। ଭାରତର ୨୦୧୧ ଜନଗଣନା ଅନୁସାରେ, ଗାଁ ଗହଳିରେ ୬୭ ପ୍ରତିଶତ ଏବଂ ସହରାଞ୍ଚଳରେ ୧୩ ପ୍ରତିଶତ ଲୋକ ଖୋଲାରେ ଶୌଚ କରନ୍ତି। ଖୋଲା ସ୍ଥାନରେ ଶୌଚ ଯିବାର ଅର୍ଥ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିବା। କେବଳ ସେତିକି ନୁହେଁ, ଏହାଦ୍ୱାରା ପରିବେଶ ମଧ୍ୟ ଦୂଷିତ ହୋଇଥାଏ। ଅନ୍ୟପଟେ ଏହାର ପ୍ରଭାବ ମୁଖ୍ୟତଃ ମହିଳା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଏବେ ବି ଅନେକ ସ୍ଥାନରେ ଶୌଚାଳୟର ଉଚିତ ସୁବିଧା ସୁଯୋଗ ନ ଥିବାରୁ ଲୋକେ ଖୋଲାରେ ଶୌଚ ଯିବାକୁ ବାଧ ହେଉଛନ୍ତି। ଏହାବାଦ୍ ଶୌଚାଳୟ ବ୍ୟବହାରର ଗୁରୁତ୍ୱ ଜଣା ନ ଥିବାରୁ ଅନେକ ବାହାରେ ଶୌଚ ଯାଆନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ଏହି ଦିନ ଖୋଲାରେ ଶୌଚ ଯିବାକୁ ବାରଣ କରାଯାଏ। ଏ ଦିଗରେ ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ବିଶେଷ ଫଳପ୍ରଦ ହୋଇପାରିଛି। ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ଏ ସମ୍ପର୍କିତ କର୍ମଶାଳା, ସଚେତନତା ପଦଯାତ୍ରା, ସଫେଇ କାର୍ଯ୍ୟକ୍ରମ ତଥା ଗଣଦୌଡ଼ର ଆୟୋଜନ ହୋଇଥାଏ। ଏଭଳି କାର୍ଯ୍ୟକ୍ରମ ସବୁ ସରକାରୀ ସଂସ୍ଥା ସହ ବେସରକାରୀ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମାଧ୍ୟମରେ ହୋଇଥାଏ।



## ୨୦୨୮ ସୁଦ୍ଧା ଆସିବ ଭଏସ୍ ଏଆଇ ଟେକ୍ନୋଲୋଜି

**ଆଗାମି ଦିନରେ କି-ବୋର୍ଡର ଯୁଗ ଶେଷ ହେବ। ଏବେ ଏକ ନୂତନ ଗବେଷଣା ଅନୁସାରେ, କିଛି ବର୍ଷ ମଧ୍ୟରେ ଲୋକେ ହାତରେ ଟାଇପ୍ କରିବା ଭୁଲିଯିବେ। ଏହାର କାରଣ ହେବ କୃତ୍ରିମ ବୁଦ୍ଧିମତା। ଏଆଇର ବଢୁଥିବା ପ୍ରଭାବ ଟେକ୍ନିକ୍‌ର ବ୍ୟବହାରକୁ ସମ୍ପୂର୍ଣ୍ଣ ବଦଳାଇ ରଖିଥିବା ବେଳେ ୨୦୨୮ ସୁଦ୍ଧା ଭଏସ୍ ଏଆଇ ଲୋକଙ୍କ କାମ କରିବାର ମୁଖ୍ୟ ସାଧନ ପାଲଟିବ ବୋଲି କୁହାଯାଉଛି।**

ଲଣ୍ଡନ ସ୍କୁଲ ଅଫ୍ ଇକୋନମିକ୍ସ ଏବଂ ଜେବ୍ରା କମ୍ପାନି ସହଯୋଗରେ ଏହି ଗବେଷଣା କରାଯାଇଛି। ଅଧ୍ୟୟନରୁ ଜଣାପଡ଼ିଛି, ଭଏସ୍ ଟେକ୍ନୋଲୋଜି କାମ କରିବାର ପ୍ରତ୍ୟେକ ପାରମ୍ପରିକ ଉପାୟକୁ ପ୍ରଭାବିତ କରିବ। ଆଗାମୀ ଦିନରେ ଲାପଟପ୍, ମୋବାଇଲ ଏବଂ କମ୍ପ୍ୟୁଟରରେ ଟାଇପ୍ କରିବା ପରିବର୍ତ୍ତେ ଲୋକେ କେବଳ କଥା ମାଧ୍ୟମରେ ନିଜ କାମକୁ ପୂରା କରିବେ। ବୈଜ୍ଞାନିକଙ୍କ କହିବା କଥା, ମଣିଷର ଚିନ୍ତାଧାରା ସହିତ କଥା ଅଧିକ ମେଳ ଖାଇଥାଏ। ତେଣୁ ଏହା ଟାଇପିଂ ତୁଳନାରେ ଅଧିକ ସହଜ, ଦ୍ରୁତ ଏବଂ ପ୍ରଭାବୀ ହେବ।

ସେହିପରି ଜେନରସନ ଆଲ୍‌ଫା ୱାର୍କଫୋର୍ସରେ ସାମିଲ ହେଲା ବେଳକୁ ଏଆଇ ସମ୍ପୂର୍ଣ୍ଣ ନିତିଦିନ ଜୀବନର ଅଂଶ ହୋଇଯିବ। ସେତେବେଳେ ଲୋକେ ଟାଇପ୍ କରିବା ପରିବର୍ତ୍ତେ ଡିଭାଇସ ସହ କଥା ହୋଇ ସମସ୍ତ କାମ ପୂରା କରିବେ। ତେବେ ଏହା ଦ୍ୱାରା ଲୋକେ କେବଳ ଶୀଘ୍ର ନୁହେଁ, ବରଂ ସୃଜନାତ୍ମକ ଶୈଳୀରେ ବି କାମ କରିପାରିବେ।

ଅବଶ୍ୟ କିଛି ବିଶେଷଜ୍ଞଙ୍କ ମତରେ, ଏଆଇ ସମ୍ପୂର୍ଣ୍ଣ ଭାବେ କି-ବୋର୍ଡ ଯୁଗକୁ ଶେଷ କରିପାରିବ ନାହିଁ। ହେଲେ ଗୋଟିଏ କଥା ସ୍ପଷ୍ଟ ହେଉଛି, ଟେକ୍ନିକ ଦ୍ରୁତ ଗତିରେ ଜୀବନରେ ପରିବର୍ତ୍ତନ ଆଣୁଛି। ଯେଉଁଭଳି ଭାବେ ସିଡି ଏବଂ ଡିଭିଡ଼ି କିଛି ବର୍ଷ ମଧ୍ୟରେ ହଜିଗଲା, ସେହି ପ୍ରକାରେ କି-ବୋର୍ଡ ମଧ୍ୟ ଆଗାମୀ ଦିନରେ ପୁରୁଣା ଯୁଗର ଜିନିଷ ହୋଇଯିବ। ଅବଶ୍ୟ ଲୋକେ ଏବେ ସ୍ମାର୍ଟଫୋନ୍, ଟିଭି ଏବଂ ଲାପଟପ୍ ଭଳି ଡିଭାଇସ୍‌ରେ ଭଏସ୍ କମାଣ୍ଡର ବ୍ୟବହାର କରାଯାଉଛି। ଯଦି ଏହା ଧାରା ଏମିତି ଜାରି ରହେ, ୨୦୨୮ ସୁଦ୍ଧା ଡିଭାଇସ୍ ସହ କଥା ହେଇ ହିଁ ଲୋକେ ସେମାନଙ୍କ କାମ ପୂରା କରିବେ।

## ବୋର୍ଡ ପରୀକ୍ଷା ପ୍ରସ୍ତୁତି

**ବୋର୍ଡ ପରୀକ୍ଷାରେ ଭଲ ନମ୍ବର ଆଣିବା ଦ୍ୱାରା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ। ଏଥିପାଇଁ ପୂର୍ବରୁ ଯୋଜନା ମୁତାବକ ପ୍ରସ୍ତୁତି କରିବାକୁ ହୋଇଥାଏ। ତେବେ ଏ ଲାଗି ପରୀକ୍ଷା ପ୍ରସ୍ତୁତି କିଭଳି କରିବେ, ଜାଣିବା ସେ ସମ୍ପର୍କରେ।**



- ସମୟ ସାରଣୀ ପ୍ରସ୍ତୁତ କରିବା ସମୟରେ ପ୍ରତ୍ୟେକ ବିଷୟ ପାଇଁ ଠିକ୍ ଭାବେ ସମୟ ଧାର୍ଯ୍ୟ କରନ୍ତୁ। ଏହା ଦ୍ୱାରା ପଢ଼ା ସମୟରେ ଅସୁବିଧା ହୋଇ ନ ଥାଏ।
- ବୋର୍ଡ ପରୀକ୍ଷା ପୂର୍ବରୁ ପାଠ୍ୟକ୍ରମକୁ ଧ୍ୟାନରେ ପଢ଼ନ୍ତୁ। ଯେଉଁ ବିଷୟ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାର ଅଛି, ତାହାକୁ ପ୍ରଥମେ ପ୍ରାଧାନ୍ୟ ଦିଅନ୍ତୁ।
- ପରୀକ୍ଷା ପ୍ୟାଟର୍ଣ୍ଣ ଏବଂ ପ୍ରଶ୍ନକୁ ବୁଝନ୍ତୁ। ପୂର୍ବବର୍ଷର ପରୀକ୍ଷା ପ୍ରଶ୍ନ ସଂଗ୍ରହ କରି ତା'କୁ ଅଭ୍ୟାସ କରନ୍ତୁ। ଏହା ଦ୍ୱାରା ଲିଖନ ଶୈଳୀ ଉନ୍ନତ ହୋଇଥାଏ ଏବଂ ବିଷୟ ଭଲ ମନେ ରହେ।
- ପରୀକ୍ଷାର କିଛିଦିନ ପୂର୍ବରୁ ରିଭିଜନ୍ କରିବା ଆରମ୍ଭ କରନ୍ତୁ। ରିଭିଜନ ଦ୍ୱାରା ଲର୍ଣ୍ଣିଂ ସ୍କିଲ୍ ବୃଦ୍ଧି ପାଏ। ଏହାସହ ଆତ୍ମବିଶ୍ୱାସ ମଧ୍ୟ ବୃଦ୍ଧି ପାଏ।
- ପଢ଼ା ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଜରୁରି। ବ୍ରେକ୍‌ରୁ ସ୍ଫୂର୍ତ୍ତି ଲାଗେ ଓ ବିଷୟ ମନେ ରଖିବା ସହଜ ହୁଏ।
- ପରୀକ୍ଷା ପ୍ରସ୍ତୁତି ସମୟରେ ସକାରାତ୍ମକ ଚିନ୍ତାଧାରାରେ ରହିବା ଜରୁରି। ଚିନ୍ତାଗ୍ରସ୍ତ ରହିବା ଦ୍ୱାରା ପ୍ରସ୍ତୁତି ବାଧା ପ୍ରାପ୍ତ ହୋଇପାରେ।
- ମସ୍ତିଷ୍କକୁ ଶାନ୍ତ ରଖିବା ପାଇଁ ସନ୍ତୁଳିତ ଖାଦ୍ୟ ସହିତ ଉପଯୁକ୍ତ ନିଦ୍ରା ଯିବା ଜରୁରି। ଏଭଳି କରିବା ଦ୍ୱାରା ଏକାଗ୍ରତା ବୃଦ୍ଧି ପାଏ ଏବଂ ପଢ଼ା ଲାଗି ଅଧିକ ଶକ୍ତି ମିଳେ।

## ସମ୍ଭାବନା



## ଡିଗ୍ରୀ ନୁହେଁ, ସଫଳତାର ଆଧାର



**ପୂର୍ବରୁ ଲୋକଙ୍କୁ ସରକାରୀ ଚାକିରି, ଡାକ୍ତର ଏବଂ ଇଞ୍ଜିନିୟର ବ୍ୟତୀତ ଅନ୍ୟ କୌଣସି ଚାକିରି ଠିକ୍ ଲାଗୁ ନ ଥିଲା। ହେଲେ ଏବର ପିଢ଼ି ସେହି ଚିରାଚରିତ କ୍ୟାରିୟର ବିକଳ୍ପ ବାଛିବାକୁ ଭଲ ପାଉ ନାହାନ୍ତି। ସୋସିଆଲ ମିଡିଆ, ଟେକ୍ନୋଲୋଜି ଏବଂ ଡିଜିଟାଲ ଦୁନିଆର ଚାହିଦା ବଢୁଥିବାରୁ ଜେନ୍ ଜେଡ୍‌ଙ୍କ ପାଇଁ ଅନେକ ସୁଯୋଗ ରହିଛି।**

**କୌଶଳ ଉପରେ ପ୍ରାଥମିକତା:** ଦେଶର ଯୁବପିଢ଼ି ଏବେ ଡିଗ୍ରୀ ନୁହେଁ, ସ୍କିଲ ବା କୌଶଳ ପଛରେ ଦୌଡ଼ୁଛନ୍ତି। ଏଣୁ ଯୁବପିଢ଼ି ଡିଗ୍ରୀ ସହିତ ସ୍କିଲ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି। ଜେନ୍ ଜେଡ୍ ଚାକିରିର ସ୍ଥିରତା ସାଙ୍ଗକୁ ନିଶା ଓ ସ୍ୱାଧୀନତାକୁ ଗୁରୁତ୍ୱ ଦେଉଛନ୍ତି। କଣ୍ଟେଣ୍ଟ କ୍ରିଏସନ, ଡିଜିଟାଲ ମାର୍କେଟିଂ, ୟୁଏକ୍ସ ଡିଜାଇନ, ଗେମିଂ, ଡାଟା ଆନାଲିଟିକ୍ସ, ଫେଶନ ଡିଜାଇନିଂ, ସଷ୍ଟେନବଲ ବିଜନେସ ଭଳି କ୍ୟାରିୟର ଲୋକପ୍ରିୟ ହେଉଛି।


**ମାନସିକ ସ୍ୱାସ୍ଥ୍ୟ:** ପୂର୍ବରୁ ଲୋକେ କେବଳ ଚାକିରି ପଛରେ ଦୌଡ଼ୁଥିଲେ ଏବଂ ଚାକିରି ମିଳିଲେ ଏହାକୁ ସୁରକ୍ଷିତ ରଖିବା ପ୍ରୟାସ କରୁଥିଲେ। ପୂର୍ବରୁ ଲୋକେ ଏତେ ବ୍ୟସ୍ତ ରହୁଥିଲେ ଯେ, ସେମାନେ ଘର ପରିବାରକୁ ସମୟ ଦେଇପାରୁ ନ ଥିଲେ। ହେଲେ ଆଜିର ପିଢ଼ି ମାନସିକ ସ୍ୱାସ୍ଥ୍ୟ ଏବଂ ପରିବାରକୁ ବେଶି ଗୁରୁତ୍ୱ ଦେଉଛନ୍ତି।

**କ୍ୟାରିୟର ବିକଳ୍ପ:** ଆଜିର ଯୁବପିଢ଼ି ପଢ଼ା ସହିତ ୟୁଟ୍ୟୁବ, ଇନଷ୍ଟାଗ୍ରାମ୍, ପଡକାଷ୍ଟିଂ, ବ୍ଲଗିଂ ଭଳି ଜିନିଷ ପ୍ରତି ରୁଚି ଦେଖାଉଛନ୍ତି। ବହୁତ ଲୋକ ଡିଜିଟାଲ ମାର୍କେଟିଂ ଏବଂ ସୋସିଆଲ ମିଡିଆ ମ୍ୟାନେଜମେଣ୍ଟ ଭଳି ପେଶାରେ ଯୁବପିଢ଼ି ପାଦ ରଖୁଛନ୍ତି। ତେଣୁ ଟେକ୍ନୋଲୋଜି ସହିତ ଜଡ଼ିତ ଚାକିରି ଜେନ ଜେଡ୍‌ଙ୍କର ପ୍ରଥମ ପସନ୍ଦ ପାଲଟିଛି। ସେହିପରି ୟୁଏକ୍ସ ଏବଂ ୟୁଆଇ ଡିଜାଇନ, ଡାଟା ସାଇନ୍ସ, ଏଆଇ ଡେଭଲପମେଣ୍ଟ, ଆପ୍ ଡିଜାଇନିଂ ଭଳି କ୍ୟାରିୟର ସବୁଠୁ ଉତ୍ତମ ବିକଳ୍ପ। ଫେଶନ ଫଟୋଗ୍ରାଫି, ଟ୍ରାଭେଲ ବ୍ଲଗିଂ ଏବଂ ସଷ୍ଟେନବଲ ବ୍ୟବସାୟ ଭଳି କ୍ରିଏଟିଭ୍ ଫିଲ୍ଡ ବହୁତ ଲୋକଙ୍କୁ କ୍ୟାରିୟରରେ ନୂଆ ଦିଗ ପ୍ରଦାନ କରୁଛି। ଅନ୍ୟପଟେ ଜେନ୍ ଜେଡଙ୍କ ଲାଗି କ୍ୟାରିୟରର ଅର୍ଥ କେବଳ ଟଙ୍କା କମାଇବା ନୁହେଁ, ନିଜର ପରିଚୟ ସୃଷ୍ଟି କରିବା। ଏହି ଜେନରେସନ ପ୍ରମାଣିତ କରି ଦେଇଛନ୍ତି ସଫଳତାର ଆଧାର କେବଳ ଡିଗ୍ରୀ ନୁହେଁ, ବରଂ ଦକ୍ଷତା, କ୍ରିଏଟିଭିଟି ଏବଂ କୌଶଳ।

## ସମାଲୋଚକଙ୍କ ସହ କିଭଳି କରିବେ ଆଲୋଚନା

**ଅଫିସ୍ ସହକର୍ମୀ ହୁଅନ୍ତି ଅବା ପ୍ରତିଦ୍ୱନ୍ଦ୍ୱୀ କିମ୍ବା ସାଙ୍ଗସାଥୀ ଅନେକ ସମୟରେ ସେମାନେ ସମାଲୋଚନା କରିଥାନ୍ତି। ଯାହାକୁ ଶୁଣିବା ପରେ ଜଣେ ଉତ୍ତେଜିତ ହୋଇ ଅନେକ କିଛି କହି ବସନ୍ତି। ଏଭଳି ସ୍ଥିତିରେ ଉତ୍ତେଜିତ ନ ହୋଇ ସେମାନଙ୍କ ସହ କିଭଳି ଆଲୋଚନା କରିବା ଦରକାର, ସେ ସମ୍ପର୍କରେ ଜାଣିବା।**

- କାହାକୁ କିଛି କହିବା ପୂର୍ବରୁ କିଛି ସମୟ ପାଇଁ ଶାନ୍ତିରେ ଅଲଗା ସ୍ଥାନରେ ବସନ୍ତୁ।
- କ୍ରୋଧବଶତଃ ସମାଲୋଚକଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମରେ କିଛି ନ ଲେଖିବା ଭଲ।
- ଏଭଳି ସ୍ଥଳେ କିଛି ପ୍ରତିକ୍ରିୟା ନ ଦେଇ କ'ଣ କରିବେ, ସେନେଇ ଭରସାଯୋଗ୍ୟ ବ୍ୟକ୍ତିଙ୍କ ପରାମର୍ଶ ନେଇପାରିବେ।
- ସମାଲୋଚକଙ୍କ କଥାକୁ ଗୁରୁତ୍ୱ ନ ଦେଇ, ତାହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ।
- ନମ୍ର ତଥା ଶାନ୍ତ ସ୍ୱଭାବରେ ସମାଲୋଚକଙ୍କୁ ତାଙ୍କ ଭୁଲ୍ ଜଣାଇବାକୁ ଚେଷ୍ଟା କରିବା ଉଚିତ।



### ନାଗାଲାଣ୍ଡ ବିପକ୍ଷ ରଣଜୀରେ ସ୍ୱସ୍ତିକ-ଶୁଭ୍ରାଂଶୁଙ୍କ ଶତକ

# ପ୍ରଥମ ବିଜୟ ଅଭିମୁଖେ ଓଡ଼ିଶା

ଭୁବନେଶ୍ୱର, ୧୮ ।୧୧ (ସମିସ): ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ସ୍ଥାନୀୟ କିଟ୍ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ଦୃଢ଼ସ୍ଥିତିରେ ରହିଛି । ଘରୋଇ ଓଡ଼ିଶା ପକ୍ଷରୁ ୪୬୫

## ଶେଷ ଦିନ ନାଗାଲାଣ୍ଡ ସାମ୍ନାରେ ୪୨୪ ଲକ୍ଷ୍ୟ

ରନର ବିଶାଳ ଟାର୍ଗେଟ୍ ନାଗାଲାଣ୍ଡ ସାମ୍ନାରେ ଧାର୍ଯ୍ୟ କରାଯାଇଛି । ଏହି କଷ୍ଟସାଧ ଲକ୍ଷ୍ୟକୁ ପିଛା କରି ନାଗାଲାଣ୍ଡ ମଙ୍ଗଳବାର ୩ୟ ଦିବସ ଷ୍ଟମ୍ପ ସୁଦ୍ଧା ୧୮ ଓଭରରେ ଗୋଟିଏ ୱିକେଟ୍ ହରାଇ ୪୧ ରନ ସଂଗ୍ରହ କରିଛି । ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସ । ନାଗାଲାଣ୍ଡକୁ ବିଜୟ ଲାଗି ବଳକା ୯ ୱିକେଟ୍‌ରେ ଆହୁରି ୪୨୪ ରନ ଆବଶ୍ୟକ ହେଉଛି । ଯାହାକି ଅପେକ୍ଷାକୃତ ଦୁର୍ବଳ ନାଗାଲାଣ୍ଡ ପାଇଁ ଏକପ୍ରକାର ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେହିଭଳି ଘରୋଇ ଓଡ଼ିଶା ବଳକା ୯ ୱିକେଟ୍ ନେଇ ସିଜନର ପ୍ରଥମ ବିଜୟ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିଛି ।

### ୨୬୧ ରନର ଭାଗୀଦାରି; ଦ୍ୱିତୀୟ ଇନିଂସରେ ଓଡ଼ିଶା ୩୫୦/୫

୧୧୪ ରନରେ ଅଗ୍ରଣୀ ରହିଥିବା ଘରୋଇ ଓଡ଼ିଶା ଦ୍ୱିତୀୟ ପାଳିରେ ଦମ୍‌ଦାର ବ୍ୟାଟିଂ କରିଥିଲା । ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୬/୨ରୁ ମଙ୍ଗଳବାର ଖେଳ ଆରମ୍ଭ କରି ଓଡ଼ିଶା ଦ୍ରୁତଗତିରେ ରନ ସଂଗ୍ରହ କରିଥିଲା । ବିଶେଷ କରି ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ସହ ଓପନର ସ୍ୱସ୍ତିକ ସାମଲ ପ୍ରତିପକ୍ଷ ନାଗାଲାଣ୍ଡ ବୋଲରଙ୍କୁ ଅନାୟସରେ ଖେଳିଥିଲେ । ଉଭୟ ନିଜ ନିଜର ଶତକ ହାସଲ କରିବା ସହ ୩ୟ ୱିକେଟ୍‌ରେ ୨୬୧ ରନର ବିଶାଳ ଭାଗୀଦାରି ଗଢ଼ିଥିଲେ । ଯାହାକି ଘରୋଇ ଦଳକୁ ଏକ ବିଶାଳ ସ୍କୋର ଦିଗରେ ଅଗ୍ରସର କରାଇଥିଲା । ତେବେ ଦଳୀୟ





ସ୍କୋର ୨୭୭ ରନ ହୋଇଥିବାବେଳେ ସ୍ୱସ୍ତିକଙ୍କୁ ଆଉଟ୍ କରି ପ୍ରତିପକ୍ଷ ଅଧିନାୟକ ରଙ୍ଗସେନ ନାଗାଲାଣ୍ଡକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ।

ପ୍ରଥମଶ୍ରେଣୀ କ୍ୟାରିୟରର ଦ୍ୱିତୀୟ ଶତକ ହାସଲ କରିଥିବା ସ୍ୱସ୍ତିକ ୧୯୫ ବଲରେ ୧୬୯ ରନ କରି ଆଉଟ୍ ହୋଇଥିଲେ । ଏହି ପାଳିରେ ସେ ୧୧ ଚୌକା ଓ ୬ଟି ଛକା ମାରିଥିଲେ । ଏହାପରେ ଗୋବିନ୍ଦ ପୋଦ୍ଦାର ତାଙ୍କ ଖରାପ ଫର୍ମ ଜାରି ରଖି ମାତ୍ର ୧୨ ରନରେ ପ୍ୟାଭିଲିୟନ ଫେରିଥିଲେ । ତେବେ ଦଳୀୟ ସ୍କୋର ୩୫୦ ରନ ହୋଇଥିବାବେଳେ ପଞ୍ଚମ ବ୍ୟାଟର୍ ଭାବେ ଶୁଭ୍ରାଂଶୁ ଆଉଟ୍ ହୋଇଥିଲେ । ଶୁଭ୍ରାଂଶୁଙ୍କ ଆଉଟ୍ ସହ ଓଡ଼ିଶା ପାଳି ମଧ୍ୟ ଘୋଷଣା କରିଥିଲା । ଶୁଭ୍ରାଂଶୁ ୧୧ ଚୌକା ଓ ୪ ଛକା ସହ ୧୬୮ ବଲରେ ୧୩୭ ରନ କରିଥିଲେ । ପ୍ରଥମଶ୍ରେଣୀ କ୍ରିକେଟରେ ଏହା ତାଙ୍କର ୯ମ ଶତକ ଥିଲା । ସମ୍ବିତ ବରାଳ ୧୯ ରନ କରି ଅପରାଜିତ ରହିଥିଲେ । ନାଗାଲାଣ୍ଡ ପକ୍ଷରୁ ଜୋନାଥନ ଓ ଭିନୋ ଝିମୋମି ୨ଟି ଲେଖାଏ ୱିକେଟ୍ ନେଇଥିଲେ । ପୂର୍ବରୁ ପ୍ରଥମ ପାଳିରେ ଓଡ଼ିଶା ୨୭୫ ଓ ନାଗାଲାଣ୍ଡ ୧୬୧ ରନ କରିଥିଲା ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫/୧୦
ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/୧୦
ଓଡ଼ିଶା ୨ୟ ଇନିଂସ: ୩୫୦/୫, ଘୋଷଣା (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)
ନାଗାଲାଣ୍ଡ ୨ୟ ଇନିଂସ: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)

## ହାରିବା ପରେ ଇଡେନ୍‌ରେ ଭାରତର ଜୋର୍‌ଦାର୍ ଅଭ୍ୟାସ



କୋଲକାତା,୧୮ ।୧୧(ଏଜେନ୍ସି): ବିଶ୍ୱ ଟେଷ୍ଟ ଚାମ୍ପିଅନ ଦକ୍ଷିଣ ଆଫ୍ରିକାଠାରୁ ୩୦ ରନ୍‌ରେ ପ୍ରଥମ ଟେଷ୍ଟ ହାରିଯିବା ପରେ ଗୌହାଟୀର ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଆସନ୍ତା ୨୨ରୁ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟ ଲାଗି ଭାରତୀୟ କ୍ରିକେଟ ଦଳ ଇଡେନ ଗାର୍ଡେନ୍ସରେ ଆଜି ଜୋରଦାର ଅଭ୍ୟାସ କରିଛି । ପ୍ରଥମ ଟେଷ୍ଟଟି ଅଢ଼େଇ ଦିନରେ ଶେଷ ହୋଇଯାଇଥିବାରୁ ଭାରତ ଏଠାରେ ଅଟକି ରହିଥିଲା । ଆସନ୍ତାକାଲି ବା ବୁଧବାର ଦଳ ଗୌହାଟୀ ଯିବ । କିନ୍ତୁ ଏହା ପୂର୍ବରୁ ଅର୍ଥାତ ମଙ୍ଗଳବାର ଭାରତୀୟ କ୍ରିକେଟ ଦଳ ଦୀର୍ଘ ୩ଘଣ୍ଟାରୁ ଊର୍ଦ୍ଧ୍ୱ ଇଡେନ୍‌ରେ ଅଭ୍ୟାସ କରିଥିଲା । ବିଶେଷ କରି ଖେଳାଳିମାନେ ସ୍ପିନ୍ ବୋଲିଂକୁ ଗୁରୁତ୍ୱ ଦେଇ ଖେଳିଥିଲେ । ବ୍ୟାଟର ହୁଅନ୍ତୁ କିମ୍ବା ସ୍ପିନରଙ୍କୁ କୋଚ୍ ଗୌତମ ଗମ୍ଭୀର ପରାମର୍ଶ ଦେଉଥିବା ଦେଖାଯାଇଥିଲା । ବିଶେଷ କରି ବି. ସାଇ ସୁଦର୍ଶନ ଓ ଧ୍ରୁବ ଜୁରେଲ ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧି ଟର୍ଣ୍ଣିଂ ବଲ୍‌କୁ ଖେଳିଥିଲେ । ଯେଉଁ ସବୁ ବିଭାଗରେ ଭାରତୀୟ ବ୍ୟାଟର ଇଡେନ୍‌ରେ ଫେଲ ମାରିଥିଲେ, ସେହି ବିଭାଗରେ ବ୍ୟାଟରମାନେ ଅଧିକ ଖେଳିଥିଲେ । ଗୋଟିଏ ଗୋଡରେ ପ୍ୟାଡ୍ ପିନ୍ଧିବା ଫଳରେ ଏଲବିଡବ୍ଲ୍ୟୁକୁ କିପରି ଏଡାଯାଇପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା ।

■ ରାଇଜିଂଷ୍ଟାର ଏସିଆ କପ୍

## ୱାସିମ୍‌ଙ୍କ ଲଢୁଆ ବ୍ୟାଟିଂ

ଦୋହା,୧୮ ।୧୧(ଏଜେନ୍ସି): ଏଠାରେ ମଙ୍ଗଳବାର ଖେଳାଯାଇଥିବା ରାଇଜିଂଷ୍ଟାର ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଭାରତ ବିପକ୍ଷ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଓମାନ ୭ ୱିକେଟରେ ୧୩୫ ରନ୍ କରିଛି । ଦଳ ପକ୍ଷରୁ ୱାସିମ ଅଲି ସର୍ବାଧିକ ୫୪ ଓ ହାମଦ ମିର୍ଜା ୧୬ ବଲ୍‌ରେ ୩୨ ରନ୍ କରିଥିଲେ । ଭାରତ ପକ୍ଷରୁ ସୂୟାଶ ଶର୍ମା ଓ ଗୁରଜାନପ୍ରୀତ୍ ସିଂହ ୨ଟି ଲେଖାଏଁ ୱିକେଟ ପାଇଥିଲେ । ଜବାବରେ ୧୩୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୮ ଓଭର ଶେଷରେ ଭାରତ ୨ ଓପନର ବୈଭବ ସୂର୍ଯ୍ୟବଂଶୀ (୧୨) ଓ ପ୍ରିୟାଂଶ ଆର୍ଯ୍ୟ (୧୦)ଙ୍କ ୱିକେଟ ହରାଇ ୫୮ ରନ୍ କରିନେଇଛି । ଗ୍ରୁପ-ଏ'ରେ ପାକିସ୍ତାନ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ସେମିଫାଇନାଲରେ ପ୍ରବେଶ କରିଛି । ଏହି ମ୍ୟାଚ୍‌ର ବିଜୟୀ ଦଳ ପାକିସ୍ତାନ ସହ ଫାଇନାଲ ଖେଳିବ ।

## ଭାରତ-ବାଂଲା ମହିଳା ସିରିଜ୍ ବାତିଲ

ନୂଆଦିଲ୍ଲୀ,୧୮ ।୧୧(ଏଜେନ୍ସି): ଭାରତରେ ଆଶ୍ରୟ ନେଇଥିବା ବାଂଲାଦେଶର ବିତାଡିତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ବାଂଲାଦେଶରେ ଗଠିତ ଅନ୍ତର୍ଜାତୀୟ ନ୍ୟାୟାଳୟ ଫାଶୀଦଣ୍ଡରେ ଦଣ୍ଡିତ କରିଛି । ଏହି ନିଷ୍ପତ୍ତିର ସିଧାସଳଖ ପ୍ରଭାବ ପଡ଼ିଛି ଆସନ୍ତାମାସ ଭାରତରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ମହିଳା ସୀମିତ ଓଭର କ୍ରିକେଟ୍ ସିରିଜ୍ ଉପରେ । କୋଲକତା ଓ କଟକରେ ହେବାକୁ ଥିବା ତିନୋଟି ଲେଖାଏଁ ଦିନିକିଆ ଓ ଟି-୨୦ ସିରିଜ୍‌କୁ ବାତିଲ କରିଦିଆଯାଇଛି । ଏହା ବଦଳରେ ଆଉ ଏକ ସିରିଜ୍ ଆୟୋଜନ ଲାଗି ବିସିସିଆଇ ଯୋଜନା କରିଛି ।

● କୁଚ୍ ବିହାର ଟ୍ରଫି କ୍ରିକେଟ

## ଓଡ଼ିଶାର ଇନିଂସ ପରାଜୟ

କଟକ,୧୮ ।୧୧(ସମିସ): ମହରାଷ୍ଟ୍ରର ନାଗାଥୋନେରେ ଆଜି ଶେଷ ହୋଇଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିର ପ୍ରଥମ ମୁକାବିଲାରେ ଓଡ଼ିଶା ଏକ ଇନିଂସ ଓ ୨୫୦ ରନ୍‌ରେ ମହାରାଷ୍ଟ୍ରଠାରୁ ପରାଜିତ ହୋଇଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମହାରାଷ୍ଟ୍ର ପ୍ରଥମ ଇନିଂସରେ ୫୨୮ ରନ୍ କରିଥିଲା । ଜବାବରେ ଓଡ଼ିଶା ପ୍ରଥମ ଇନିଂସରେ ୨୦୦ ରନ୍ କରି ଫଲୋଅନ୍ ହୋଇଥିଲା । ଫଲୋଅନ ହେବା ପରେ ଦ୍ୱିତୀୟ ଇନିଂସରେ ଓଡ଼ିଶା ଦଳ ମାତ୍ର ୨୭.୫ ଓଭରରେ ମାତ୍ର ୭୮ ରନ୍‌ରେ ଅଲଆଉଟ ହୋଇଯାଇଥିଲା । ଫଳରେ ମହାରାଷ୍ଟ୍ର ଏକ ଇନିଂସ ଓ ୨୫୦ ରନ୍‌ରେ ବୃହତ୍ ବିଜୟ ହାସଲ କରିଥିଲା ।

### ଜାତୀୟ ପାରା ସୁଇମିଂ ଉଦ୍‌ଯାପିତ

## ୮ ସ୍ୱର୍ଣ୍ଣ ସହ ଓଡ଼ିଶା ସପ୍ତମ


ଭୁବନେଶ୍ୱର, ୧୮ ।୧୧ (ସମିସ): ହାଇଦରାବାଦ୍‌ରେ ଉଦ୍‌ଯାପିତ ହୋଇଥିବା ୨୫ତମ ଜାତୀୟ ପାରା ସୁଇମିଂ ଚାମ୍ପିଅନସିପ୍‌ରେ ଓଡ଼ିଶା ଦମ୍‌ଦାର ପ୍ରଦର୍ଶନ କରି ମୋଟ୍ ୩୯ଟି ପଦକ ବିଜୟୀ ହୋଇଛି । ଯେଉଁଥିରେ ୮ଟି



ସ୍ୱର୍ଣ୍ଣ, ୧୮ଟି ରୌପ୍ୟ ଓ ୧୩ଟି କାଂସ୍ୟ ପଦକ ରହିଛି । ଏହି ଚାମ୍ପିଅନସିପ୍‌ରେ ଓଡ଼ିଶାର ୩୨ଜଣ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ । ୨୮ଟି ରାଜ୍ୟର ୬୨୮ ସନ୍ତରଣକାରୀ ଏଥିରେ ଭାଗନେଇଥିବାବେଳେ କର୍ଣ୍ଣାଟକ ଓଭରଅଲ୍ ଚାମ୍ପିଅନ ଟ୍ରଫି ହାସଲ କରିଛି । ଓଡ଼ିଶା ପଦକ ତାଲିକାର ସପ୍ତମ ସ୍ଥାନରେ ରହିଛି । ଓଡ଼ିଶାର ଏହି ସଫଳତାରେ ଓଡ଼ିଶା ପାରା କ୍ରୀଡ଼ା ସଂଘର ସମ୍ପାଦକ ସୁନିଲ ପ୍ରଧାନ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଗତ ସଂସ୍କରଣରେ ଓଡ଼ିଶା ୨୭ଟି ପଦକ ବିଜୟୀ ହୋଇଥିଲା । ଓଡ଼ିଶା ସନ୍ତରଣକାରୀମାନେ ଏଥିରେ ଅଂଶଗ୍ରହଣ କରିବା ପୂର୍ବରୁ କଳିଙ୍ଗ ଷ୍ଟାଡିୟମ ସୁଇମିଂ ଏଚ୍‌ପିସିରେ ୧୫ ଦିନ ଧରି ପ୍ରଶିକ୍ଷଣ ନେଇଥିଲେ । ସୁନିତା ବହିଦାର ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଓଡ଼ିଶା ଦଳର କୋଚ୍ ଦାୟିତ୍ୱ ତୁଲାଇଥିଲେ ।

## ସୁବ୍ରତଙ୍କୁ ହରାଇ ଆଶୁତୋଷ ବିଲିୟାର୍ଡ୍ସ ଚାମ୍ପିଅନ

ଭୁବନେଶ୍ୱର,୧୮ ।୧୧(ସମିସ): ଗୁରୁ ସୁବ୍ରତ ଦାସ୍‌ଙ୍କୁ ହରାଇ ଶିଷ୍ୟ ତଥା ରାଜ୍ୟର ଆଶୁତୋଷ ପାଢ଼ୀଙ୍କ ମଧ୍ୟରେ ସିନିଅର ର୍‍ୟାଙ୍କିଙ୍ଗ୍ ବିଲିଆର୍ଡ୍ସ ଟାଇଟଲ ବିଜୟୀ ହୋଇଛନ୍ତି । ପଟିଆ



ଛକସ୍ଥିତ ସିକ୍ସ ପକେଟସ କ୍ଲବ୍ ପରିସରରେ ଆଜି ଅନୁଷ୍ଠିତ ଫାଇନାଲରେ ଆଶୁତୋଷ ୪-୧ ଫ୍ରେମ୍‌ରେ ସୁବ୍ରତଙ୍କୁ ହରାଇ ୬ଷ୍ଠ ଥର ଟାଇଟଲ ହାସଲ କରିଛନ୍ତି । ଆଜି ଅନୁଷ୍ଠିତ ସିନିଅର ର୍‍ୟାଙ୍କିଙ୍ଗ୍ ସ୍ନୁକର ବିଭାଗରେ ଚେତନ ଆନନ୍ଦ, ଅବିନାଶ ମହାପାତ୍ର, ବିଶେଷ ସିଂଘାଲ, ଜ୍ଞାନ ଦାସ, ଶୁଭାଶିଷ ସେଠୀ, ଅମିତ ସିଂ ବିଜୟୀ ହୋଇଛନ୍ତି । ୱାକ୍ ଓଭର ପାଇ ହରି କ୍ରିଷ୍ଣା ଓ ଆୟାମ ସିଂ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ।

## ଏଫ୍‌ଆଇଏଚ୍‌ର ଶ୍ରେଷ୍ଠ ଅମ୍ପାୟର ପୁରସ୍କାର ଜିତିଲେ ରଘୁ



ନୂଆଦିଲ୍ଲୀ, ୧୮ ।୧୧ (ଏଜେନ୍ସି): ଭାରତର ରଘୁ ପ୍ରସାଦ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ବର୍ଷର ଶ୍ରେଷ୍ଠ ପୁରୁଷ ଅମ୍ପାୟର ପୁରସ୍କାର ଜିତିଛନ୍ତି । ମ୍ୟାଚ୍ ପରିଚାଳନାରେ ତାଙ୍କର ବୃତ୍ତିଗତତା, ସମର୍ପଣ ଓ ଉତ୍କର୍ଷତା ଲାଗି ଏଫ୍‌ଆଇଏଚ୍ ଅମ୍ପାୟରିଂ କମିଟି ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରିଛି । କର୍ଣ୍ଣାଟକ ଜନ୍ମିତ ରଘୁ ୨୨ ବର୍ଷର ଲମ୍ବା ଅମ୍ପାୟରିଂ କ୍ୟାରିୟରରେ ୧୯୮ଟି ଅନ୍ତର୍ଜାତୀୟ ହକି ମ୍ୟାଚ୍ ପରିଚାଳନା କରିଛନ୍ତି । ସେହିଭଳି ୩୩ଟି ମ୍ୟାଚରେ ଭିଡିଓ ଅମ୍ପାୟର ଭୂମିକା ତୁଲାଇଛନ୍ତି । ସେ ୪ଟି ବିଶ୍ୱକପ୍ ଓ ୩ଟି ଅଲିମ୍ପିକ୍ସରେ ମ୍ୟାଚ୍ ପରିଚାଳନା କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଅପରପକ୍ଷରେ ଆର୍ଜେଣ୍ଟିନାର ଇରେନି ପ୍ରିସେନକ୍ସି ବର୍ଷର ଶ୍ରେଷ୍ଠ ମହିଳା ହକି ଅମ୍ପାୟର ବିବେଚିତ ହୋଇଛନ୍ତି ।

## ଅଷ୍ଟ୍ରେଲିଆନ୍ ଓପନ୍ ସାତ୍ତ୍ୱିକ୍-ଚିରାଗଙ୍କ ବିଜୟ

ସିଡ୍‌ନୀ, ୧୮ ।୧୧ (ଏଜେନ୍ସି): ତାରକା ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି । ମଙ୍ଗଳବାର ଅନୁଷ୍ଠିତ ପୁରୁଷ ଡବଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୫-୨୩, ୨୧-୧୬ ଗେମରେ ଚାଇନିଜ ତାଇପେଇର ଚାଙ୍ଗ୍ କୋ-ଚି ଓ ପୋଲି-ୱି ଯୋଡ଼ିଙ୍କୁ ହରାଇଛନ୍ତି । ପ୍ରି-କ୍ୱାର୍ଟରରେ ସାତ୍ତ୍ୱିକ-ଚିରାଗ ଅନ୍ୟତମ ଚାଇନିଜ ତାଇପେଇ ଯୋଡ଼ି ସୁ ଚିଙ୍ଗ ହେଙ୍ଗ ଓ ଗୁଆନ ଜୁନଙ୍କୁ ଭେଟିବେ । ଲକ୍ଷ୍ୟ ସେନ, କିଦାମ୍ବୀ ଶ୍ରୀକାନ୍ତ, ଏଚଏସ୍ ପ୍ରଣୟ ପ୍ରମୁଖ ବୁଧବାର ସେମାନଙ୍କ ଅଭିଯାନ ଆରମ୍ଭ କରିବେ ।

## ମ୍ୟାଚ୍‌ବେଳେ ଷ୍ଟମ୍ପ୍ ଭାଙ୍ଗି ବାବର ଦଣ୍ଡିତ

ଦୁବାଇ,୧୮ ।୧୧(ଏଜେନ୍ସି): ପାକିସ୍ତାନର ଶୀର୍ଷ ବ୍ୟାଟର ବାବର ଆଜମ ଆଇସିସି ଆଚରଣ ସଂହିତା ଉଲ୍ଲଘଂନ କରି ଦଣ୍ଡିତ ହୋଇଛନ୍ତି । ଦଣ୍ଡ ଆକାରରେ ତାଙ୍କ ମ୍ୟାଚ୍ ଫି'ର ୧୦ ଶତକଡ଼ା କାଟିନିଆଯିବା ସହ ଗୋଟିଏ ଡିମେରିଟ୍ ପଏଣ୍ଟ ଦିଆଯାଇଛି । ଗତ ୨୪ ମାସରେ ଏହା ତାଙ୍କର ପ୍ରଥମ ଅପରାଧ ହୋଇଥିବାରୁ ଏଭଳି ଦଣ୍ଡ ମିଳିଛି । ଘଟଣାରୁ ଜଣାଯାଇଛି, ଶ୍ରୀଲଙ୍କା ସହ ତୃତୀୟ ଦିନିକିଆ ମ୍ୟାଚ୍ ଖେଳୁଥିଲାବେଳେ ପାକିସ୍ତାନ ଇନିଂସର ୨୧ତମ ଓଭରରେ ସେ ୫୬ ବଲ୍‌ରୁ ୩୪ ରନ୍ କରି ଆଉଟ ହୋଇଥିଲେ । ଆଉଟ ହେବା ପରେ ବାବର ତାଙ୍କ ବ୍ୟାଟ୍‌ରେ ଷ୍ଟମ୍ପ୍‌କୁ ବାଡେଇ ଭାଙ୍ଗିଦେଇଥିଲେ । ଏହା ଆଇସିସି ଆଚରଣ ସଂହିତାର ଧାରା ୨.୨କୁ ଉଲ୍ଲଘଂନ କରିଥିଲା । ଯାହା ଫଳରେ ତାଙ୍କୁ ଦଣ୍ଡିତ କରାଯାଇଥିଲା । ଦୀର୍ଘ ୮୦୭ ଦିନ ପରେ ଦିନିକିଆ ମ୍ୟାଚ୍‌ରେ ଶତକ ହାସଲ କରିଥିବା ଆଜମ ଏହି ସିରିଜ୍‌ରେ ସର୍ବାଧିକ ୧୬୫ ରନ୍ କରିଥିଲେ ଓ ପାକିସ୍ତାନ ୩-୦ରେ ଏହି ସିରିଜ୍‌କୁ ଜିତିନେଇଥିଲା ।

## ମହିଳା କବାଡ଼ି ବିଶ୍ୱକପ୍: ଭାରତର ବିଜୟ ଅଭିଯାନ

ଢାକା, ୧୮ ।୧୧ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଭାରତୀୟ ଦଳ ଚଳିତ ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ବିଜୟରୁ ଅଭିଯାନ ଆରମ୍ଭ କରିଛି । ମଙ୍ଗଳବାର ଗ୍ରୁପ୍-ଏ'ର ଏକ ମ୍ୟାଚରେ ଭାରତୀୟ ମହିଳା ଦଳ ୪୫ ପଏଣ୍ଟ (୬୫-୨୦)ରେ ଥାଇଲାଣ୍ଡକୁ ପରାସ୍ତ କରିଛି । ଏହି ବିଜୟ ସହ ୨ ପଏଣ୍ଟ ପାଇ ଭାରତ ଖାତା ଖୋଲିଛି ।


ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ

ବିତର୍କ ପ୍ରତିଯୋଗିତା ୨୦୨୫

ଭାଷା: ଓଡ଼ିଆ

5th Anniversary

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII SRI VINAYAKA Concept School BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୪୨୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼, ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡା | ନ୍ୟାସନାଲ ହାଇସ୍କୁଲ ନୂଆପଡା | ଘନଶ୍ୟାମ ଭୋଇ - ୯୯୩୭୬୯୨୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୧୪୯୧୬୬ |
| ଝାରସୁଗୁଡା | PKSS କଲେଜ, ଝାରସୁଗୁଡା | ତୁଳେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୨୯୪୪୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୯୩୭ ୦୬୧୩୩୦ |
| ରାଉରକେଲା | ରାଉରକେଲା ମୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍ ଉଦିତନଗର, ରାଉରକେଲା - ୭୬୯୦୦୭ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS